

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୨୨ ନଭେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 22 November 2024

Vol.No. 35 ■ No.309 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଆଦାନୀଙ୍କୁ ଘେରିଲା ଆମେରିକା: କଣ୍ଟ୍ରାକ୍ଟ ହାସଲ ପାଇଁ ଦେଇଥିଲେ ୨ହଜାର କୋଟି ଲାଞ୍ଚ





ନୂଆଦିଲ୍ଲୀ, ୨୧/୧୧ : ନୂଆ ବିବାଦରେ ଫସିଲେ ବିଶିଷ୍ଟ ଉଦ୍ୟୋଗପତି ତଥା ଭାରତର ସବୁଠାରୁ ଧନୀ ଏବଂ ଆଦାନୀ ଗ୍ରୁପର ଅଧ୍ୟକ୍ଷ ଗୌତମ ଆଦାନୀ। ବଢ଼ିଲା ତାଙ୍କ ଅଡୁଆ। ତାଙ୍କ ବିରୋଧରେ ଆମେରିକା ଆଣିଲା ଗୁରୁତର ଅଭିଯୋଗ। ଆମେରିକାରେ ସୋଲାର ଏନର୍ଜୀ କଣ୍ଟ୍ରାକ୍ଟ ପାଇବା ପାଇଁ ସେ କୁଆଡେ ଦେଇଥିଲେ ଲାଞ୍ଚ। ୨୬୫ ମିଲିୟନ ଡଲାର ତଥା ୨୨୩୬ କୋଟିରୁ ଅଧିକ ଟଙ୍କାର ଲାଞ୍ଚ ଦେଇଥିବା ଓ ଏହାକୁ ଲୁଚାଇ ଥିବା ନେଇ ତାଙ୍କ ବିରୋଧରେ ଅଭିଯୋଗ ଉଠିଛି। ନ୍ୟୁୟର୍କର ଫେଡେରାଲ କୋର୍ଟରେ ହୋଇଥିବା ଏକ ଶୁଣାଣିରେ ଗୌତମ ଆଦାନୀଙ୍କ ସମେତ ୮ ଜଣ ଲୋକ କୋଟି କୋଟି ଟଙ୍କାର ଠକେଇ କରିଥିବା ଏବଂ ଲାଞ୍ଚ ଦେଇଥିବା ଅଭିଯୋଗ ହୋଇଛି। ଏହି ସମଗ୍ର ବିଷୟ ଆଦାନୀ ଗ୍ରୁପ୍ କମ୍ପାନୀ ଆଦାନୀ ଗ୍ରୀନ୍ ଏନର୍ଜି ଲିମିଟେଡ୍ ଏବଂ ଅନ୍ୟ ଏକ ସଂସ୍ଥା ସହିତ ଜଡିତ। ବୁଧବାର ଆମେରିକାର ସିକ୍ୟୁରିଟି ଆଣ୍ଡ ଏକ୍ସଚେଞ୍ଜ କମିଶନ (ଏସଇସି) ଗୌତମ ଆଦାନୀଙ୍କ ପୁତୁରା ସାଗର ଆଦାନୀ, ଆଦାନୀ ଗ୍ରୀନ୍ ଏନର୍ଜି ଲିମିଟେଡର ଅଧିକାରୀ ତଥା ଅନ୍ୟ ଏକ ସଂସ୍ଥା ଆଜୁର୍ ପାୱାର୍ ଗ୍ଲୋବାଲ୍ ଲିମିଟେଡ୍‌ର କାର୍ଯ୍ୟନିର୍ବାହୀ ସିରିଲ୍ କାବାନ୍ସଙ୍କ ବିରୋଧରେ ମଧ ମାମଲା ଦାୟର କରିଛି। ରିପୋର୍ଟରେ କୁହାଯାଇଛି ଯେ ଗୌତମ ଆଦାନୀ ଏବଂ ତାଙ୍କ ପୁତୁରା ସାଗର ସମେତ ଅନ୍ୟ ୭ ଜଣ ସେମାନଙ୍କର ରିନ୍ୟୁଏବଲ ଏନର୍ଜୀ କମ୍ପାନୀ ପାଇଁ କଣ୍ଟ୍ରାକ୍ଟ ପାଇବା ଏବଂ ଭାରତର ସର୍ବ ବୃହତ ସୋଲାର ପ୍ୟାନେଲ ଉତ୍ପାଦନ ପ୍ରକଳ୍ପର ବିକାଶ ପାଇଁ ପ୍ରାୟ ୨୬୫ ନିୟୁତ ଡଲାର୍ର ଲାଞ୍ଚ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଦାବି କରାଯାଉଛି ଯ, ଏ ସମଗ୍ର ମାମଲା କୋଟି କୋଟି ଡଲାରର ଲାଭ ସହ ଜଡିତ। ରିପୋର୍ଟରେ କୁହାଯାଇଛି ଯେ, ଏହି ଚୁକ୍ତିନାମା ମାଧ୍ୟମରେ ଆଦାନୀ ଗ୍ରୁପ୍ ୨୦ ବର୍ଷ ମଧ୍ୟରେ ୨ ବିଲିୟନ ଡଲାରରୁ ଅଧିକ ଲାଭ ପାଇବ ବୋଲି ଆଶା କରିଥିଲା। ଅଭିଯୋଗ ହୋଇଛି ଯେ ୨୦୨୦ରୁ ୨୦୨୪ ମଧ୍ୟରେ ଅଧିକାରୀମାନଙ୍କୁ ଏହି ଲାଞ୍ଚ ଦିଆଯାଇଥିଲା। ଏହା ସହିତ, ଏହା ମଧ ଅଭିଯୋଗ ହୋଇଛି ଯେ ଏହି ଲାଭ ପାଇଁ ଆମେରିକା ସମେତ ଅନ୍ୟ ଦେଶର ▶▶ପୃଷ୍ଠା ୭

## ବିଜେଡି ନେତାଙ୍କୁ ଜବାବ ଦେଲେ ବଦ୍ରି ପାତ୍ର



ଭୁବନେଶ୍ୱର, ୨୧/୧୧ (ନି.ପ୍ର): ଦିବା ସ୍ୱପ୍ନ ଦେଖୁଥିବା ବିଜେଡି ନେତାଙ୍କୁ ଜବାବ ଦେଲେ ନିଜ ଦଳର ବରିଷ୍ଠ ବିଧାୟକ ବଦ୍ରିନାରାୟଣ ପାତ୍ର। ସେ କହିଛନ୍ତି, ସଂଖ୍ୟାଗରିଷ୍ଠତା ପାଇ ବିଜେପି ସରକାର ଗଢ଼ିଛି। ଏଭଳି ସ୍ଥିତିରେ ବିଜେଡି ପୁଣି ସରକାର କରିବ, କଂଗ୍ରେସ ସହିତ ମିଶି ସରକାର କରିବ - ଆଦି କହିବା ଅବାସ୍ତବ କଥା ବୋଲି ଶ୍ରୀ ପାତ୍ର କହିଛନ୍ତି। ବିଜେଡି ସରକାରକୁ ଫେରିବା ବୟାନବାଜିକୁ ନେଇ ବଦ୍ରି ପାତ୍ର କହିଛନ୍ତି, ୫ ବର୍ଷ ପୂର୍ବରୁ ବିଜେଡି ସରକାରକୁ ଫେରିବା ଅବାସ୍ତବ କଥା। ଯେଉଁ ବିଜେଡି ନେତାମାନେ ଏପରି କଥା କହୁଛନ୍ତି ତା'ର ଯଥାର୍ଥତା ନାହିଁ। ବିଜେଡି, କଂଗ୍ରେସ ସହ ମିଶି ସରକାର କରିବା ଅବାସ୍ତବ କଥା। ଏଭଳି ଅବାସ୍ତବ କଥା କହିବାକୁ ସେମାନେ ପ୍ରାଧିକୃତ କି ନାହିଁ ଜାଣିନି। ନବୀନ ବାବୁ ଏହା କହିବାକୁ ସେମାନଙ୍କୁ କହିଛନ୍ତି ନା ନାହିଁ ଜାଣିନି। ବିଜେପି ସାଙ୍ଗରେ ସମଦୂରତାରେ ଆମେ କଂଗ୍ରେସ ସହ କେବେ ନଥିଲୁ। ଯେଉଁମାନେ କହୁଛନ୍ତି ମତି ବିଭ୍ରାଟ ହୋଇଛି, ଅଧିକ ନିନ୍ଦିତ ହେଉଛନ୍ତି ବୋଲି ବଦ୍ରିପାତ୍ର କହିଛନ୍ତି। ଦଳ ଭିତରେ କନ୍ଦଳକୁ ନେଇ ଶ୍ରୀ ପାତ୍ର କହିଛନ୍ତି, ସବୁ ସ୍ଥାନରେ କନ୍ଦଳ ଥାଇନପାରେ। ଯେଉଁଠି କନ୍ଦଳ ଅଛି, ସମାଧାନ କରାଯାଉଛି। ସମସ୍ତଙ୍କୁ ଏକାଠି କରିବାକୁ ଉଦ୍ୟମ କରାଯାଉଛି ବୋଲି ଶ୍ରୀ ପାତ୍ର କହିଛନ୍ତି। ସୂଚନାରୁ ପ୍ରକାଶ, ୨୦୨୪ ସାଧାରଣ ନିର୍ବାଚନରେ ବିଜେଡିର ସୋଚନୀୟ ପରାଜୟ ହୋଇଥିଲା। ବିଜେଡିର ବଡ଼ ବଡ଼ କୁହାଳିଆ ନେତା ପରାସ୍ତ ହୋଇଛନ୍ତି। ହେଲେ ସେମାନେ ପରାଜୟକୁ ସ୍ୱୀକାର କରିପାରୁନାହାନ୍ତି। ଦିନ ଦି'ପହରରେ ବିଜେଡି ନେତାମାନେ ସ୍ୱପ୍ନ ଦେଖୁଛନ୍ତି। ସଂଖ୍ୟାଗରିଷ୍ଠତା ନଥିଲେ ମଧ ସରକାର ଗଢ଼ିବାକୁ ବିଜେଡି ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ, ମୁନ୍ନା ଖାଁ, ପୂର୍ବତନ ବିଧାୟକ ଅତନୁ ସବ୍ୟସାଚୀ ନାୟକ ଓ ଲତିକା ପ୍ରଧାନ ପ୍ରମୁଖ ଦୃଢ଼ୋକ୍ତି ପ୍ରକାଶ କରୁଛନ୍ତି। କର୍ମୀଙ୍କ ମନୋବଳ ସୁଦୃଢ଼ କରିବା ପାଇଁନେତାମାନେ ଏମିତି କହୁଥିବା ଚର୍ଚ୍ଚା ହେଉଛି।

## ଆୟଠାରୁ ୨୮୦% ଅଧିକ ସମ୍ପତ୍ତି ଠୁଳ କରି ବନ୍ଧା ହେଲେ ଖାଦ୍ୟ ଯୋଗାଣ ଅଧିକାରୀ



ଭୁବନେଶ୍ୱର, ୨୧/୧୧ (ନି.ପ୍ର): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଯୋଗୁ ସୁବର୍ଣ୍ଣପୁର ଖାଦ୍ୟ ଯୋଗାଣ ଅଧିକାରୀ (ସିଏସ୍‌ଓ) ସୁରେଶ କୁମାର ପାଣିଗ୍ରାହୀଙ୍କୁ ଆଜି ଗିରଫ କରିଛି ଭିଜିଲାନ୍ସ। ସେ ତାଙ୍କ ଆୟଠାରୁ ୨୮୦% ଅଧିକ ସମ୍ପତ୍ତି ଠୁଳ କରିଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ସିଏସ୍‌ଓ ସୁରେଶ କୁମାର ପାଣିଗ୍ରାହୀ ଓ ତାଙ୍କ ପରିବାର ଲୋକଙ୍କ ନାଁରେ ବଲାଙ୍ଗିର ସହରର ତୁଳସୀନଗରରେ ଏକ ଦୁଇ ମହଲା କୋଠା ଅଛି, ଯାହା ୨୫୦୦ ବର୍ଗଫୁଟ ଅଞ୍ଚଳରେ ନିର୍ମିତ ହୋଇଛି। ସେହି ତୁଳସୀନଗରରେ ତାଙ୍କର ଆଉ ଗୋଟିଏ କୋଠା ମଧ ଅଛି। ୧୯ଟି ପ୍ଲଟ କିଣିଛନ୍ତି ସିଏସ୍‌ଓ ଶ୍ରୀ ପାଣିଗ୍ରାହୀ। ସେଥିରୁ ୩ଟି ଭୁବନେଶ୍ୱରର ପ୍ରମୁଖ ଅଞ୍ଚଳରେ ଥିବା ବେଳେ ୪ଟି ସମ୍ବଲପୁର ସହରରେ, ଗୋଟିଏ ବଲାଙ୍ଗିର ସହରରେ, ଗୋଟିଏ ବରଗଡ଼ ସହରରେ ଓ ବାକି ୧୦ଟି ବରଗଡ଼ ଜିଲ୍ଲାର ବିଜେପୁରରେ ଅଛି। ବିଜେପୁରର ବଲଣ୍ଡା ଗାଁରେ ତାଙ୍କର ୪ ଏକରର ଏକ ଫାର୍ମ ହାଉସ୍ ଅଛି। ସେଠାରେ ୫୦୦ ଶାଗୁଆନ ଗଛ ଲାଗିଛି। ଶ୍ରୀ ପାଣିଗ୍ରାହୀ ମୋଟ ୧ କୋଟି ୭୨ ଲକ୍ଷ ୩୫ ହଜାର ୯୪୬ ଟଙ୍କାର ବ୍ୟାଙ୍କ, ବୀମା ଓ ଡାକ ଘର ଜମା ସହିତ ମ୍ୟୁଚୁଆଲ ଫଣ୍ଡ ନିବେଶ କରିଛନ୍ତି। ▶▶ପୃଷ୍ଠା ୭

## ବିଜେପି ବିଧାୟକଙ୍କୁ ଆକ୍ରମଣ ମାମଲା: ୧୦ ଗିରଫ



ଭୁବନେଶ୍ୱର, ୨୧/୧୧ (ନି.ପ୍ର): ବିଜେପି ବିଧାୟକଙ୍କୁ ଆକ୍ରମଣ ମାମଲାରେ ୧୦ ଜଣଙ୍କୁ ବାନ୍ଧିଲା ପୁଲିସ୍। ବିଧାୟକଙ୍କ ପିଏସ୍‌ଓଙ୍କ ଏତଲା ଆଧାରରେ ପୁଲିସ୍ ୧୦ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ପରେ ସେମାନଙ୍କୁ ଯାଜପୁର ଏସଡିଜେଏମ କୋର୍ଟରେ ହାଜର କରାଇଛି। କୋର୍ଟ ସେମାନଙ୍କ ଜାମିନ୍ ଆବେଦନକୁ ଖାରଜ କରିଦେଇଛନ୍ତି। ଯେଉଁଥିପାଇଁ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ତେବେ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପୁଲିସ୍ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି। ଅଭିଯୋଗରୁ ପ୍ରକାଶ ବୁଧବାର ସନ୍ଧ୍ୟା ବେଳେ ଧର୍ମଶାଳା ବିଧାୟକ ହିମାଂଶୁ ସାହୁ ଯାଜପୁର ଜିଲ୍ଲାପାଳଙ୍କ ଅଫିସରେ ହେବାକୁ ଥିବା ବୈଠକରେ ଯୋଗଦେବା ପାଇଁ ଯାଉଥିଲେ। ତେବେ ବୁଢ଼ାପୋଲ ନିକଟରେ ବିରଜା ▶▶ପୃଷ୍ଠା ୭

## ୩ ବିଶ୍ୱବିଦ୍ୟାଳୟର କୁଳପତିଙ୍କ କାର୍ଯ୍ୟକାଳ ଆଉ ୬ମାସ ବଢ଼ିଲା

ଭୁବନେଶ୍ୱର, ୨୧/୧୧ (ନି.ପ୍ର): ଚଳିତମାସରେ ଶେଷ ହେଉଥିବା ରାଜ୍ୟର ୩ ପ୍ରମୁଖ ବିଶ୍ୱବିଦ୍ୟାଳୟର କୁଳପତିଙ୍କ କାର୍ଯ୍ୟକାଳକୁ ରାଜ୍ୟପାଳ ଆଉ ୬ମାସ ବୃଦ୍ଧି କରିଛନ୍ତି । ଉତ୍କଳ ବିଶ୍ୱବିଦ୍ୟାଳୟ, ରମାଦେବୀ ବିଶ୍ୱବିଦ୍ୟାଳୟ ଓ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ନୂଆ କୁଳପତିଙ୍କ ନିଯୁକ୍ତିରେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ବିଳମ୍ବ କରୁଥିବାକୁ ନେଇ ରାଜଭବନ ଗତ ସପ୍ତାହରେ ଅସନ୍ତୋଷ ବ୍ୟକ୍ତ କରିଥିଲେ । ଏହି ୩ ବିଶ୍ୱବିଦ୍ୟାଳୟରେ ନୂଆ କୁଳପତି ଚୟନ ନିମନ୍ତେ ଏପର୍ଯ୍ୟନ୍ତ ଉଚ୍ଚଶିକ୍ଷା ବିଭାଗ ବିଜ୍ଞାପନ ଜାରି କରିନଥିବାରୁ ରାଜ୍ୟପାଳ ଆଜି ସମ୍ପୃକ୍ତ ▶▶ପୃଷ୍ଠା ୭

## ଆଜି ଭାଙ୍ଗାଯିବନି ବୈକୁଣ୍ଠଧାମ ଆଶ୍ରମ

ଭୁବନେଶ୍ୱର, ୨୧/୧୧ (ନି.ପ୍ର): ଆସନ୍ତାକାଲି ଭାଙ୍ଗାଯିବନି ବୈକୁଣ୍ଠଧାମ ଆଶ୍ରମ। ବୈକୁଣ୍ଠଧାମ ଆଶ୍ରମ ଭଙ୍ଗା ଆଦେଶ ଉପରେ ରହିତାଦେଶ। ଡିସେମ୍ବର ୧୨ ତାରିଖ ଯାଏଁ ରହିତାଦେଶ ଦେଲେ ଓଡିଶା ହାଇକୋର୍ଟ। ଭଙ୍ଗା ଆଦେଶକୁ ଚ୍ୟାଲେଞ୍ଜ କରି ହାଇକୋର୍ଟ ଯାଇଥିଲେ ଆଶ୍ରମ କର୍ତ୍ତୃପକ୍ଷ। ଆସନ୍ତାକାଲି ଆଶ୍ରମ ଭାଙ୍ଗିବାକୁ ଘୋଷଣା କରିଥିଲା ବିଡିଏ। ରାଜଧାନୀ ଭୁବନେଶ୍ୱର ଖଣ୍ଡଗିରିରେ ୧୪୦ ଡିସିମିଲ୍ ସରକାରୀ ଜମିରେ ଛିଡ଼ା ହୋଇଛି ବାବା ଶ୍ରୀଶ୍ରୀଶ୍ରୀ ସତ୍ୟ ଅନନ୍ତ ମାଧବ ବୈକୁଣ୍ଠଧାମ ଆଶ୍ରମ।ମାପଚୁପ ପରେ ଆସନ୍ତାକାଲି ସକାଳ ୮ ଟାରେ ଆଶ୍ରମ ଭଙ୍ଗାବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ଘୋଷଣା କରିଥିଲା। ତା' ପୂର୍ବରୁ ଆଶ୍ରମ ଖାଲି କରିବା ପାଇଁ ମାଇକ୍ ମାଧ୍ୟମରେ ଘୋଷଣା କରାଯାଇଥିଲା। ▶▶ପୃଷ୍ଠା ୭

## ରାହୁଲ ଗାନ୍ଧିଙ୍କ ଦାବି: ଗୌତମ ଆଦାନୀଙ୍କୁ ତୁରନ୍ତ ଗିରଫ କରାଯାଉ



ନୂଆଦିଲ୍ଲୀ, ୨୧/୧୧ : ଭାରତର କୋଟିପତି ବ୍ୟବସାୟୀ ଗୌତମ ଆଦାନୀଙ୍କ ବିରୋଧରେ ଲାଞ୍ଚ ଓ ଠକେଇ ଅଭିଯୋଗ ଆଣିଛି ଆମେରିକା। ସେ କଣ୍ଟ୍ରାକ୍ଟ ହାସଲ ପାଇଁ ୨୬୫ ମିଲିଅନ୍ ଡଲାରର ଲାଞ୍ଚ ଦେଇଥିବା ଅଭିଯୋଗ ଉଠିଛି। ଏହି ଅଭିଯୋଗ ସାମ୍ନାକୁ ଆସିବା ପରେ ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧି ଆଦାନୀଙ୍କ ଉପରେ ବର୍ଷିଛନ୍ତି। ତୁରନ୍ତ ତାଙ୍କୁ ଗିରଫ କରାଯାଉ ବୋଲି ରାହୁଲ ଦାବି କରିଛନ୍ତି। ରାହୁଲ ଗାନ୍ଧି କହିଛନ୍ତି, 'ଆଶ୍ଚର୍ଯ୍ୟ ଲାଗୁଛି ଯେ ଆଦାନୀ କାହିଁକି ଜଣେ ମୁକ୍ତ ମଣିଷ ପରି ଏହି ଦେଶରେ ବୁଲୁଛନ୍ତି ? ଏଠି ମୁଖ୍ୟମନ୍ତ୍ରୀଙ୍କୁ ଗିରଫ କରାଯାଇଛି। ଆଦାନୀ ଜୀ ୨୦୦୦ କୋଟି ଟଙ୍କାର ଦୁର୍ନୀତି କରିଛନ୍ତି ଏବଂ ସମ୍ଭବତଃ ଅନ୍ୟାନ୍ୟ ଦୁର୍ନୀତି ମଧ ଜଡ଼ିତ। କିନ୍ତୁ ସେ ବିନା ଭୟରେ ବୁଲୁଛନ୍ତି। ଆମେ ଏହାକୁ ବାରମ୍ବାର ଦୋହରାଉଛୁ।' ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ରାହୁଲ ଗାନ୍ଧି କହିଛନ୍ତି, 'ନରେନ୍ଦ୍ର ମୋଦି ଜୀ ଏହି ସ୍ଲୋଗାନ ଦେଇଥିଲେ ଯେ ହମ୍ ଏକ ହେ ତୋ ସେଫ୍ ହେ। ଏହାର ଅର୍ଥ ଆଦାନୀ ଜୀ ଏବଂ ମୋଦି ଜୀ ଭାରତରେ ସୁରକ୍ଷିତ ଅଛନ୍ତି। ଭାରତରେ ଆଦାନୀ ଜୀଙ୍କୁ କେହି କିଛି କରିପାରିବେ ନାହିଁ। ୧୦-୧୫ କୋଟି ଟଙ୍କା ଅଭିଯୋଗରେ ଜଣେ ମୁଖ୍ୟମନ୍ତ୍ରୀଙ୍କୁ ଏଠି ଗିରଫ କରାଯାଉଛି। କିନ୍ତୁ ଆଦାନୀ ଜୀ ୨ହଜାର କୋଟି ଟଙ୍କାର ଦୁର୍ନୀତି କରିଛନ୍ତି। କାରଣ ପ୍ରଧାନମନ୍ତ୍ରୀ ତାଙ୍କୁ ସୁରକ୍ଷା ଦେଉଛନ୍ତି। ▶▶ପୃଷ୍ଠା ୭

## ବାଲେଶ୍ୱରରେ ମହତାବ ଜୟନ୍ତୀ ପାଳିତ

### ପୂର୍ଣ୍ଣ ବ୍ୟକ୍ତିତ୍ୱ ଡ. ମହତାବଙ୍କୁ ଉଚିତ ମୂଲ୍ୟାଙ୍କନ କରାଯାଇ ନାହିଁ





ବାଲେଶ୍ୱର,୨୧।୧୧(ନିପ୍ର): ଡ. ହରେକୃଷ୍ଣ ମହତାବ ସ୍ମୃତି କମିଟି ଓ ପୂଜ୍ୟପୂଜା ସଂସଦର ମିଳିତ ସହଯୋଗରେ ନବ ଉତ୍କଳ ନିର୍ମାତା ତଥା ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ଉତ୍କଳକେଶରୀ ଡ. ହରେକୃଷ୍ଣ ମହତାବଙ୍କ ୧୨୫ତମ ଜୟନ୍ତୀ ସମାରୋହ ସ୍ଥାନୀୟ ସଦଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ସଦର ବିଧାୟକ ମାନସ କୁମାର ଦତ୍ତ ଏଥିରେ ଯୋଗଦେଇ ରାଷ୍ଟ୍ର ନିର୍ମାଣରେ ମହାନ ଜନନାୟକ ଡ. ମହତାବଙ୍କ ଅବଦାନକୁ ଉଚିତ ମୂଲ୍ୟାଙ୍କନ କରାଯାଇ ନାହିଁ ବୋଲି କହିଥିଲେ। ଆଗାମୀ ଦିନରେ କିପରି ଏହି ଜୟନ୍ତୀ ଉତ୍ସବକୁ ଜିଲା ବ୍ୟାପୀ ପାଳନ କରାଯିବ, ସେ ସମ୍ପର୍କରେ ଉଚିତ ପଦକ୍ଷେପ ନେବେ ବୋଲି ଶ୍ରୀ ଦତ୍ତ ପ୍ରତିଶ୍ରୁତି ଦେଇଥିଲେ। ଧ୍ୱନି ପ୍ରତିଧ୍ୱନି ଖବରକରଗଜର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା ସଭାପତିତ୍ୱ କରିଥିବାବେଳେ ଶିକ୍ଷାବିତ୍ ଶତ୍ରୁଘ୍ନ ମଲ୍ଲିକ, ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଐଶ୍ୱର୍ଯ୍ୟା ସାମନ୍ତ, ବରିଷ୍ଠ ସାମ୍ବାଦିକ ଦେବବ୍ରତ ପାଣିଗ୍ରହୀ, ଶିବଦାସ କୁଣ୍ଡୁ, ସ୍ମୃତି କମିଟି ସଭାପତି ଅପର୍ଣ୍ଣ ମହାପାତ୍ର ପ୍ରମୁଖ ଏଥିରେ ଯୋଗ ଦେଇ ଡ. ମହତାବଙ୍କ ବହୁବିଧ ପ୍ରତିଭା ଓ ଜନସେବା ମୂଳକ କାର୍ଯ୍ୟର ସ୍ମୃତି ଚାରଣ କରିଥିଲେ। ଏକଧାରରେ ସେ ଜଣେ ରାଜନେତା, ସ୍ୱାଧୀନତା ସଂଗ୍ରାମୀ, ସହିତ୍ୟିକ, ସାମ୍ବାଦିକ ତଥା ଦରଦୀ ଜନନାୟକ ଭାବେ ପରିଚୟ ସୃଷ୍ଟି କରିଥିଲେ। ଜଣେ ପୂର୍ଣ୍ଣ ବ୍ୟକ୍ତିତ୍ୱ ବ୍ୟକ୍ତି ଭାବେ ସବୁ କ୍ଷେତ୍ରରେ ସଫଳତା ତାଙ୍କୁ ଲୋକପ୍ରିୟତା ଆଣିଦେଇଥିଲା। ନବ ଓଡ଼ିଶାର ବିନ୍ଧାଣୀ ସାଜିଥିବା ଡ. ମହତାବଙ୍କର ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ସହରରେ ଏକ ସ୍ଥାନ ଚୟନ ନିମନ୍ତେ ଅତିଥିମାନେ ବିଧାୟକ ଶ୍ରୀ ଦତ୍ତଙ୍କୁ ନିବେଦନ ▶▶ପୃଷ୍ଠା ୭

## ଦିଲ୍ଲୀ ନିର୍ବାଚନ ପୂର୍ବରୁ ଅରବିନ୍ଦ କେଜ୍ରିୱାଲଙ୍କୁ ବଡ଼ ଝଟକା



ନୂଆଦିଲ୍ଲୀ, ୨୧/୧୧ : ଦିଲ୍ଲୀ ବିଧାନସଭା ନିର୍ବାଚନ ପୂର୍ବରୁ ଆମ୍ ଆଦମୀ ପାର୍ଟି ମୁଖ୍ୟ ଅରବିନ୍ଦ କେଜ୍ରିୱାଲଙ୍କୁ ଲାଗିଛି ଏକ ବଡ଼ ଝଟକା। କେଜ୍ରିୱାଲଙ୍କ ବିରୋଧରେ ଚାଲିଥିବା ଅବକାରୀ ନୀତି ସହ ଜଡ଼ିତ ଆର୍ଥିକ ଅନିୟମିତତା ମାମଲାର ଶୁଣାଣି ସ୍ଥଗିତ ରଖିବା ପାଇଁ ମନା କରିଦେଇଛନ୍ତି ଦିଲ୍ଲୀ ହାଇକୋର୍ଟ। ଏହି ଶୁଣାଣିରେ ସାମୟିକ ରୋକ୍ ଲଗାଇବା ପାଇଁ କେଜ୍ରିୱାଲଙ୍କ ପକ୍ଷରୁ ପିଟିସନ ଦାଖଲ କରାଯାଇଥିଲା। ଯାହାକୁ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟ ଖାରଜ କରିଦେଇଛନ୍ତି। ଏହା ବ୍ୟତୀତ ତଦନ୍ତକାରୀ ଏଜେନ୍ସି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଚାର୍ଜସିଟ୍ ଗ୍ରହଣ କରିବା ପାଇଁ ଟ୍ରାଏଲ କୋର୍ଟର ନିର୍ଦ୍ଦେଶକୁ ଅରବିନ୍ଦ କେଜ୍ରିୱାଲଙ୍କ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଏହି ମାମଲାରେ ଇଡିଠାରୁ ଜବାବ ମାଗିଛନ୍ତି ହାଇକୋର୍ଟ। କେଜ୍ରିୱାଲଙ୍କ ଆବେଦନ ଉପରେ ଦିଲ୍ଲୀ ହାଇକୋର୍ଟ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟକୁ ନୋଟିସ ଜାରି କରିଛନ୍ତି। ହାଇକୋର୍ଟ ଏହି ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଡିସେମ୍ବର ୨୦ ତାରିଖ ଧାର୍ଯ୍ୟ କରିଛନ୍ତି। ▶▶ପୃଷ୍ଠା ୭

## ୫ ଶହ ଜଣ ଭିନ୍ନକ୍ଷମ ପାଇବେ ଆତ୍ମନିଯୁକ୍ତି

ସମ୍ବଲପୁର, ୨୧/୧୧ (ନି.ପ୍ର): ରାଜ୍ୟ ସରକାର ଭିନ୍ନକ୍ଷମ ମାନଙ୍କୁ ଆତ୍ମନିର୍ଭରଶୀଳ କରିବା ନିମନ୍ତେ ମହାନଦୀ କୋଲ୍ଡ ଫିଲ୍ଡ ଲିମିଟେଡ(ଏମସିଏଲ) ତରଫରୁ ୭.୫୦ କୋଟି (ସିଆରଏସ୍ ପାଣ୍ଠି) ଟଙ୍କାର ଅନୁଦାନ ଦ୍ୱାରା ୫୦୦ଟି ଇ-ରିକ୍ସା ରାଜ୍ୟ ର ୩୦ ଗୋଟି ଜିଲ୍ଲାର ର ଭିନ୍ନକ୍ଷମ ମାନଙ୍କୁ ସମ୍ବଲପୁର ଠାରେ ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି।ସୁଚନା ଅନୁଯାୟୀ ଉକ୍ତ ବିତରଣ ଉତ୍ସବ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ଓଡିଶା, ସ୍ଥାନୀୟ ଜନପ୍ରତିନିଧି, ଭିନ୍ନକ୍ଷମ ସଶକ୍ତି କରଣ ବିଭାଗର ମନ୍ତ୍ରୀ ଓ ବିଭାଗୀୟ ଉଚ୍ଚ ପଦାଧିକାରୀ ମାନଙ୍କର ଉପସ୍ଥିତିରେ ଆୟୋଜନ କରାଯିବ। ଜିଲ୍ଲା ପ୍ରସାଶନ, ସମ୍ବଲପୁର ଦ୍ୱାରା ସମସ୍ତ ବ୍ୟବସ୍ଥା କରାଯିବାର ନିର୍ଦ୍ଦେଶ ରହିଛି। ପ୍ରକାଶ ଥାଉ କି ସମ୍ବଲପୁର ଜିଲ୍ଲା ଭିନ୍ନକ୍ଷମ କଲ୍ୟାଣ କ୍ଷେତ୍ର ରେ ରାଜ୍ୟ ତଥା ଦେଶରେ ସୁନାମ ଅର୍ଜନ କରି ଭିନ୍ନକ୍ଷମ ମାନଙ୍କୁ ନୂଆନୂଆ ଯୋଜନାରେ ଅନ୍ତର୍ଭୁକ୍ତ କରିବାରେ ଉଦାହରଣ ସୃଷ୍ଟୀ କରିବ। ଜିଲ୍ଲାପାଳ ଙ୍କ ଅଧକ୍ଷତା ରେ ଆଜିର ପ୍ରସ୍ତୁତି ବୈଠକ ଏସ୍. ଏସ୍. ଏ. ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଇ-ରିକ୍ସାର ସ୍ଥିତି, କାର୍ଯ୍ୟକ୍ରମ ପାଇଁ ସ୍ଥାନ ଚୟନ, ହିତାଧିକାରୀଙ୍କୁ ସ୍ଥାନାନ୍ତର ପାଇଁ ସ୍ଥାନ ଚୟନ, ନୋଡାଲ ଅଫିସର ଚୟନ, ପରିବହନ କମିଟି ଗଠନ, ମଂଚ ବ୍ୟବସ୍ଥା କମିଟି ଗଠନ, ଆମ୍ବୁଲାନ୍ସ/ ଅଗ୍ନିଶମ ସେବାର ବ୍ୟବସ୍ଥା ଓ କାର୍ଯ୍ୟକ୍ରମ କାର୍ଯ୍ୟକୁ ସୁଗମ କରିବା ଉପରେ ଆଲୋଚନା ହୋଇଥିଲା। ପ୍ରତ୍ୟେକ ଜିଲ୍ଲା ର ଭିନ୍ନକ୍ଷମ ମାନେ କିପରି ସୂଚାରୁ ରୂପେ ସମ୍ବଲପୁର କୁ ଆସି କାର୍ଯ୍ୟକ୍ରମରେ ଭାଗ ନେବେ, ସେଥିପାଇଁ ବିଭିନ୍ନ କମିଟି ମାନ ଗଠନ କରିବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ବୈଠକରେ ଉପଜିଲ୍ଲାପାଳ ସଦର ଡ. ପୁଷ୍ପାଞ୍ଜଳି ପଣ୍ଡା, ଆରଟିଓ ରାମଦାସ ଟୁଡୁ, ନିଜାରତ ଅଫିସର ସୂର୍ଯ୍ୟକାନ୍ତ ବରାଳ, ଡେପୁଟି କମିସନର-ଏସଏମସି ସୀମାସବିତା କୁଲୁ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଥବିର କୁମାର ମହାନନ୍ଦ କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ।

## ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଯୁବ ରେଡକ୍ରସ ୟୁନିଟ ଉଦ୍‌ଘାଟନ ଓ ରକ୍ତଦାନ ଶିବିର ଅନୁଷ୍ଠିତ

ଜୟପୁର , ୨୧/୧୧ (ନି.ପ୍ର): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଯୁବ ରେଡକ୍ରସ ୟୁନିଟ୍ ଉଦ୍‌ଘାଟିତ ହେବା ସହ ବିଶ୍ୱବିଦ୍ୟାଳୟର ସୁନାବେଡ଼ା ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲ (ଏସଏଲଏନଏମସିଏଚ)ର ବ୍ଲଡ ବ୍ୟାଙ୍କ ସେଣ୍ଟର ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ତଥା ଭାରପ୍ରାପ୍ତ କୁଳସଚିବ ପ୍ରଫେସର ନରସିଂହ ଚରଣ ପଣ୍ଡା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କୋରାପୁଟ ଯୁବ ରେଡକ୍ରସ ୟୁନିଟ୍ ର ଜିଲ୍ଲା ସଂଯୋଜକ ଡ. ନରେଶ ଚନ୍ଦ୍ର ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ଅର୍ଥନୀତିର ସହକାରୀ ପ୍ରଫେସର ତଥା ବିଶ୍ୱବିଦ୍ୟାଳୟ ଯୁବ ରେଡକ୍ରସ ୟୁନିଟ୍ ର ନୋଡାଲ ଅଫିସର ଡ. ପ୍ରଶାନ୍ତ କୁମାର ବେହେରା ସ୍ୱାଗତ ଭାଷଣ ଦେଇଥିଲେ।

ପ୍ରଫେସର ପଣ୍ଡା ତାଙ୍କ ଅଭିଭାଷଣରେ ଏହି ପଦକ୍ଷେପକୁ ପ୍ରଶଂସା କରିବା ସହ ଛାତ୍ରଛାତ୍ରୀଙ୍କୁ ମାନବିକ କାର୍ଯ୍ୟରେ ସକ୍ରିୟ ଭାବେ ନିୟୋଜିତ ହେବାକୁ ଆହ୍ୱାନ ଦେଇଥିଲେ। ବିଶେଷ କରି କୋରାପୁଟ ଭଳି ଆଦିବାସୀ ଅଧ୍ୟୁଷିତ ଅଂଚଳରେ ଯେଉଁଠାରେ ସ୍ୱାସ୍ଥ୍ୟ ସେବା ସମ୍ବଳ ସୀମିତ ରହିଛି ସେଠାରେ ରକ୍ତଦାନର ମହତ୍ତ୍ୱ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଏଭଳି କାର୍ଯ୍ୟକ୍ରମ କିପରି ଯୁବକମାନଙ୍କ ମଧ୍ୟରେ ମାନବୀୟ ମୂଲ୍ୟବୋଧ ଏବଂ ସାମାଜିକ ଦାୟିତ୍ୱବୋଧକୁ ପ୍ରୋତ୍ସାହିତ କରେ ସେ ବିଷୟରେ ମଧ୍ୟ ସେ ଆଲୋକପାତ କରିଥିଲେ। ଡାକ୍ତର ସାହୁ ନୂତନ ଭାବେ ସାମିଲ ହୋଇଥିବା ୱାଇଆରସି ସ୍ୱେଚ୍ଛାସେବୀମାନଙ୍କ ପାଇଁ ଏକ ଆକର୍ଷଣୀୟ ଅଧିବେଶନ ପରିଚାଳନା କରିଥିଲେ ଏବଂ ରେଡକ୍ରସର ଇତିହାସ ଏବଂ ନୀତି ଉପରେ ଆଲୋକପାତ କରିଥିଲେ। ବିଶେଷ କରି ଡେଙ୍ଗୁ ଭଳି ରୋଗ ର ମୁକାବିଲା ପାଇଁ ରକ୍ତଦାନ ଶିବିର ଆୟୋଜନ ରେ ଯୁବବର୍ଗଙ୍କ ନେତୃତ୍ୱାଧୀନ ମାନବୀୟ ପ୍ରୟାସର ଗୁରୁତ୍ୱ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ରକ୍ତଦାନ ଶିବିରରେ ପ୍ରଥମ ଥର ରକ୍ତଦାତାଙ୍କ ସମେତ ୧୨୩ ଜଣ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ, କର୍ମଚାରୀ, ଗବେଷଣା ବିଦ୍ୟାର୍ଥୀ ଏବଂ ଛାତ୍ରଛାତ୍ରୀ, ବିଶେଷକରି ମହିଳା ଅଂଶଗ୍ରହଣକାରୀମାନେ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଯୋଗଦାନ କରିଥିଲେ ବୋଲି ବିଶ୍ୱବିଦ୍ୟାଳୟର ଲୋକସମ୍ପର୍କ ଅଧିକାରୀ ଡ. ଫଗୁଣତଃ ଭୋଇ ସୂଚନା ଦେଇଛନ୍ତି । ଏହି ଶିବିରକୁ ଏସ୍ ଏଲ୍ ଏନ୍ ଏମ୍ ସିଏଚ୍ ର ରକ୍ତ କେନ୍ଦ୍ର ଅଧିକାରୀ ଡାକ୍ତର ଏମ୍ ଏସ୍ ବଳିଆରସିଂହଙ୍କ ତତ୍ତ୍ୱାବଧାନରେ ଭି.ଗଙ୍ଗାଧର ଓ ରଣଜିତ ସାହୁଙ୍କ ସମେତ ତାଙ୍କ ଟିମ୍ ରକ୍ତ ସଂଗ୍ରହ କୁ ସୁଚାରୁ ଓ ଦକ୍ଷ ଭାବେ ପରିଚାଳନା କରିଥିଲେ।ବିଶ୍ୱବିଦ୍ୟାଳୟରେ ନିକଟରେ ସ୍ଥାପିତ ଯୁବ ରେଡକ୍ରସ ୟୁନିଟ୍ ର ସ୍ୱେଚ୍ଛାସେବୀମାନେ ଏହି କାର୍ଯ୍ୟକ୍ରମ ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ଏବଂ ସେମାନଙ୍କର ସମର୍ପଣ ଏବଂ ଦଳଗତ କାର୍ଯ୍ୟ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମ ସଫଳତାର ସହ ଶେଷ ହୋଇ ବିଶ୍ୱବିଦ୍ୟାଳୟ ସମୁଦାୟ ଉପରେ ଏକ ସ୍ଥାୟୀ ଛାପ ପକାଇବା ସହ ଯୁବପିଢ଼ିଙ୍କ ମଧ୍ୟରେ ସମାଜସେବା ଓ ମାନବିକତାର ଭାବନାକୁ ସୁଦୃଢ଼ କରିଥିଲା।

## ମୋବାଇଲ ଲୁଟେରାଙ୍କୁ କୁଆଖିଆ ପୁଲିସକୁ ହସ୍ତାନ୍ତର

କୋରେଇ, ୨୧/୧୧ (ନି.ପ୍ର): ଦିନକୁ ଦିନ ଜାତୀୟ ରାଜପଥ ୧୬ ଓ ୨୦ ଉପରେ ମୋବାଇଲ ଲୁଟେରାଙ୍କ ଦୌରାତ୍ମ୍ୟ ବଢି ଚାଲିଛି। ଗତ ସୋମବାର ଦିନ ଭୋଡ଼ାଫୋନ କମ୍ପାନୀରେ ପେଟ୍ରୋଲିଂ ଅଧିକାରୀ ଭାବେ କାର୍ଯ୍ୟରତ ବିଜୟ ମହାନ୍ତି ବାଇକ ଯୋଗେ ଭଦ୍ରକରୁ ଚଣ୍ଡିଖୋଲ ଅଭିମୁଖେ ଯାଉଥିବା ବେଳେ ପାଣିକୋଇଲି ଥାନା ଅଧିନସ୍ଥ ସାହାପୁର ନିକଟରେ ଏକ ଧଳା ରଙ୍ଗର ପଲସର ବାଇକରେ ଦୁଇ ଲୁଟେରା ପଛ ପଟୁ ଆସି ତାଙ୍କ ମୋବାଇଲଟିକୁ ଝାମ୍ପି ନେଇଥିଲେ। ପରେ ସେ ଏ ସଂକ୍ରାନ୍ତରେ ଅନ୍ୟ ଏକ ଫୋନ ମାଧ୍ୟମରେ ନିଜର ସହଯୋଗୀ ଅଧିକାରୀ ବରିଷ୍ଠ ସାମ୍ବାଦିକ ସୁବାସ ଧଳଙ୍କ ପୁତ୍ର ଯୁବ ଇଂଜିନିୟର ସିଦ୍ଧାନ୍ତ ଧଳ ଓ ଭଦ୍ରକ ଜିଲ୍ଲାର ଜୋନ ମୁଖ୍ୟ ଅଚ୍ୟୁତାନନ୍ଦ ଦାଶଙ୍କୁ ଜଣାଇଥିଲେ। ଏହା ପରେ ପୁଲିସ ପକ୍ଷରୁ ଉକ୍ତ ଦୁଇ ଯୁବକଙ୍କୁ ପିଛା କରାଯାଇଥିଲା। ପୁଲିସ ପିଛା କରୁଥିବାର ଜାଣିପାରି ଦୁଇ ଲୁଟେରା ନେଉଳପୁର ଠାରୁ ପୁଣି ଭଦ୍ରକ ଅଭିମୂଖେ ଆସି ଛଡାବର ଟୋଲଗେଟ ପୂର୍ବରୁ ଏକ ଗ୍ରାମ୍ୟ ରାସ୍ତା ଦେଇ ଯାଜପୁର ଯାଇ ସେଠାରୁ କୟାଁଗୋଲା ଦେଇ ଧାମନଗର ପଳାଇ ଯାଇଥିଲେ। ତେବେ ମୋବାଇଲ କମ୍ପାନୀର ଦୁଇ କର୍ମଚାରୀ ତାଙ୍କର ଫୋନକୁ ଟ୍ରାକିଙ୍ଗ କରିବା ସହିତ ତାଙ୍କର ପିଛା କରି ଧାମନଗର ଠାରେ ପହଂଚିଥିଲେ। ପୁଲିସ ପିଛା କରୁଛି ଭାବି ଉକ୍ତ ଦୁଇ ଯୁବକ ମୋବାଇଲ ଗୁଡ଼ିକ ଫୋପାଡ଼ି ଦେଇ ଓ ବାଇକ ଛାଡ଼ି ନିକଟସ୍ଥ ଏକ ନାଳକୁ ଡେ଼ଇଁ ପଡ଼ିଥିଲେ। ତେବେ ଉକ୍ତ ଦୁଇ ଜଣ ଯୁବକଙ୍କ ମଧ୍ୟରୁ ଜଣକୁ ଦୁଇ କର୍ମଚାରୀ କାବୁ କରି ପୁଲିସ ଜିମା ଦେଇଥିବା ବେଳେ ଅନ୍ୟ ଜଣେ ଫେରାର ହୋଇଯାଇଥିଲା । ଉକ୍ତ ଯୁବକ ଜଣକୁ ଭଦ୍ରକ ଜିଲ୍ଲା ଧାମନଗର ଥାନାରେ ଅଟକ ରଖିଥିବା ବେଳେ ଉକ୍ତ ଯୁବକ ଜଣକ ଠାରୁ ସୁଚନା ପାଇ ଆଉ ଦୁଇ ଜଣକୁ ଧାମନଗର ପୁଲିସ ଉଠାଇ ଆଣି ପାଣିକୋଇଲି ଥାନାକୁ ହସ୍ତାନ୍ତର କରିଥିଲା। ଏଥି ସହିତ ଧାମନଗର ପୁଲିସ ଉକ୍ତ ଲୁଟେରା ମାନଙ୍କ ଦ୍ୱାରା ଚୋରୀ କରାଯାଇଥିବା ୮ଟି ମୋବାଇଲକୁ ଜବତ କରିବା ସହିତ ଦୁଇଟି ଚୋରା ବାଇକକୁ ମଧ୍ୟ ଜବତ କରି ପାଣିକୋଇଲି ପୁଲିସକୁ ହସ୍ତାନ୍ତର କରିଥିଲା । ଆଜି କୁଆଖିଆ ପୁଲିସ ପାଣିକୋଇଲି ଥାନାରେ ପହଂଚି ଜବତ ମୋବାଇଲ, ଦୁଇ ବାଇକ ଓ ଅଭିଯୁକ୍ତ ତିନି ଜଣଙ୍କୁ ନିଜ ହେପାଜତକୁ ନେଇ ତଦନ୍ତ କରିଛି।

## ଜିଲ୍ଲା ବରିଷ୍ଠ ନାଗରିକ ସଂଘ ବଲାଙ୍ଗିର

ବଲାଙ୍ଗିର, ୨୧/୧୧ (ନି.ପ୍ର): ଖୁଜେନପାଲି ସ୍ଥିତ ଶିବ ମନ୍ଦିର ପ୍ରାଙ୍ଗଣରେ ସଭାପତି ଡ. ଗୁରୁଶ୍ରୀ ଘାସିରାମ ମିଶ୍ରଙ୍କ ତତ୍ତ୍ୱାବଧାନରେ ନୂଆଁଖାଇ ଭେଟ ୨୦୨୪ ପରିବାର ମିଳନ କାର୍ଯ୍ୟକ୍ରମ ବିକ୍ରମାନନ୍ଦ ବହିଦାର, ମୁଖ୍ୟ ଉପଦେଷ୍ଟା ଶୁଭାରମ୍ଭ କରିଥିଲେ । ସଂଘର ସଂପାଦକ ବସନ୍ତ ଆଚାର୍ଯ୍ୟ ଉକ୍ତ ଉତ୍ସବ ସମ୍ବନ୍ଧେ ସମସ୍ତ ପରିବାର ବର୍ଗଙ୍କୁ ସ୍ୱାଗତ କରି ଅଭିନନ୍ଦନ ଜଣାଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ ଏବଂ ସଂଘର ଉପଦେଷ୍ଟା ସୁବାଷ ଚନ୍ଦ୍ର ପଣ୍ଡା ଙ୍କୁ ମଂଚ ପରିଚାଳନା କରିବାକୁ ଆହ୍ୱାନ କରିଥିଲେ । ମଂଚରେ ଉପସ୍ଥିତ ଥିବା ଅତିଥିମାନଙ୍କ ପରିଚୟ ପ୍ରଦାନ କରି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ମୁଖ୍ୟ ଉପଦେଷ୍ଟା ଶ୍ରୀ ବହିଦାର ଙ୍କ ଅଭିଭାଷଣ ପରେ ଶ୍ରୀ ପଣ୍ଡା ମୁଖ୍ୟବକ୍ତା ଜଗଦାନନ୍ଦ ଛୁରିଆ ଏବଂ କବିରାଜ ଭୋଇ, ଅଧକ୍ଷ ସାହାଜବାହାଲ ଡିଗ୍ରୀ କଲେଜ ଆମନ୍ତ୍ରଣ କରି ନିଜର ବକ୍ତବ୍ୟ ରଖିବାକୁ ଅନୁରୋଧ କରିଥିଲେ । ବକ୍ତବ୍ୟରେ ଉଭୟ ବକ୍ତା ପବିତ୍ର ନୂଆଁଖାଇ ଉତ୍ସବର ମହତ୍ତ୍ୱ, ପାରମ୍ପରିକ ସଂସ୍କୃତି, ମୈତ୍ରୀ ଓ ଭାଇଚାରା ଉପରେ ଚାଂଚଲ୍ୟକର ବୟାନ ଦେଇ ବରିଷ୍ଠ ନାଗରିକମାନଙ୍କ ଜୀବନ ଓ ଶୈଳୀ ଉପରେ ଯତ୍ନବାନ ହୋଇ ସମାଜ ପାଇଁ କିଛି କାର୍ଯ୍ୟ କରିବାକୁ ଅନୁରୋଧ କରିଥିଲେ । ମୁଖ୍ୟ ଅତିଥି ଅମିଅ ନାଗ ତାଙ୍କ ଭାଷଣ ରେ ବରିଷ୍ଟ ରେ ବରିଷ୍ଠ ନାଗରିକମାନଙ୍କୁ ଉତ୍ସାହିତ କରିବା ସଙ୍ଗେ ଅଭିଭାଷଣ ରଖିଥିଲେ । ଉକ୍ତ ଉତ୍ସବରେ ଅନେକ ପ୍ରାନ୍ତରୁ ସଭ୍ୟ, ସଭ୍ୟ, ଅତିଥିଗଣ ଆସି ଯୋଗ ଦେଇ ଉତ୍ସବକୁ ସଫଳ କରିଥିବାରୁ ଶିବ ଶଙ୍କର ଖୁଆସ, ହରେକୃଷ୍ଣ ମେହେର, ବରିଷ୍ଠ କାର୍ଯ୍ୟକାରୀ ସଭ୍ୟ ଧନ୍ୟବାଦ ଅର୍ପଣ କରି ସଭା କାର୍ଯ୍ୟ ସମାପ୍ତି ହୋଇଥିଲା।

## ଜୁଲାଇ ସୁଦ୍ଧା ୫୦ ହଜାର ଛାତ୍ରଛାତ୍ରୀ ଲକ୍ଷ୍ୟରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ପ୍ରଚଳନ ହେବ ୨୦ଟି ପାଠ୍ୟକ୍ରମ, ଅନେକ ନୂଆ ପଦକ୍ଷେପ



ବାଲେଶ୍ୱର, ୨୧/୧୧ (ନି.ପ୍ର): ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟରେ ଅଭିବୃଦ୍ଧି ଓ ନବନ୍ୟାସର ଏକ ନୂତନ ଯୁଗ ଆରମ୍ଭ ହେବାକୁ ଯାଉଛି । ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍ ?ଓୟୁ), ମୁକ୍ତ ଓ ଦୂର ଶିକ୍ଷା କ୍ଷେତ୍ରରେ ଏକ ରୂପାନ୍ତରିତ ଯାତ୍ରାକୁ ଆପଣେଇ ନେଇଥିବା ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି । ଓଡ଼ିଶା ତଥା ଓଡ଼ିଶା ବାହାରେ ଶିକ୍ଷାର୍ଥୀମାନଙ୍କ ନିକଟରେ ପହଞ୍ଚିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ସହ ଅଗ୍ରଗତି କରୁଛି । ଏକ୍‌ଜିଟ ଅପସନ୍ ପରି ସୁବିଧା ପ୍ରଦାନ କରିବା ପାଇଁ ଏନ୍ ?ଇପି ୨୦୨୦ କାର୍ଯ୍ୟକାରୀ କରିବାକୁ ଅନୁଷ୍ଠାନ ଏବେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି । ଶୈକ୍ଷିକ ଗ୍ରହଣଶୀଳତାର ପରିବର୍ତ୍ତନ ଅଣାଯାଇଛି । ଏମ୍‌ଏ ପାଠ୍ୟକ୍ରମ ଇତିହାସ, ରାଜନୀତି ବିଜ୍ଞାନ, ପବ୍ଲିକ ଏଡମିନଷ୍ଟ୍ରେସନ ଏବଂ ଅର୍ଥନୀତି ବିଷୟ ପାଇଁ ନାମଲେଖା ଜାରି ରହିଛି । ଏପର୍ଯ୍ୟନ୍ତ ୨୯୫୯ ଛାତ୍ରଛାତ୍ରୀ ଅନୁଷ୍ଠାନରେ ନାମ ଲେଖାଇଛନ୍ତି । ଫେବୃଆରୀ ୨୦୨୫ ସୁଦ୍ଧା ୩୦ ହଜାର ଛାତ୍ରଛାତ୍ରୀ ନାମଲେଖାଇବା ଆଶାବ୍ୟକ୍ତ କରାଯାଇଛି । ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗରେ ଦାଖଲ ହୋଇଥିବା ୨୦ଟି ନୂତନ ୟୁଜି ଓ ପିଜି ପାଠ୍ୟକ୍ରମ ପ୍ରଚଳନ ଅପେକ୍ଷାରେ ରହିଛି । ଜୁଲାଇ ୨୦୨୫ ଶିକ୍ଷାବର୍ଷ ଭିତରେ ୫୦ ହଜାର ଛାତ୍ରଛାତ୍ରୀଙ୍କୁ ଗ୍ରହଣ କରିବାର ଲକ୍ଷ୍ୟ ରଖି ଗୁଣାତ୍ମକ ଶିକ୍ଷାର ଭିତରେ ୨୪ଟି କାର୍ଯ୍ୟକ୍ରମ ଆପଣାଇବାକୁ ଧାର୍ଯ୍ୟ ହୋଇଛି । ଦକ୍ଷତା ଆଧାରିତ ଅନ୍‌ଲାଇନ୍ କାର୍ଯ୍ୟକ୍ରମର ଆରମ୍ଭ କରାଯାଇଛି । ନିଯୁକ୍ତି ଓ ଶିଳ୍ପ ପ୍ରାସଙ୍ଗିକତା ଉପରେ ଧ୍ୟାନ ଦେବା ଉଦ୍ଦେଶ୍ୟରେ ଡିସେମ୍ବର ୨୦୨୪ ସୁଦ୍ଧା ଡିଜିଟାଲ ମାର୍କେଟିଂ, ଆର୍ଟିଫିସିଆଲ ଇଂଟେଲିଜେନ୍ସ, ସାଇବର ସିକ୍ୟୁରିଟି, କମ୍ୟୁନିକେସନ ସ୍କିଲ ଇନ୍ ଇଂଲିଶ, ଅର୍ଥନୀତି ଏବଂ ଫାଇନାନ୍‌ସିଆଲ ଆକାଉଣ୍ଟିଂରେ ଅନ୍‌ଲାଇଡ୍ ଦକ୍ଷତାମୂଳକ କ୍ରେଡିଡ ଆଧାରିତ କାର୍ଯ୍ୟକ୍ରମ ପ୍ରଚଳନ କରାଯିବ । ବିଶ୍ୱବିଦ୍ୟାଳୟ ମୁଖ୍ୟାଳୟରେ ୫୦ କିଲୋୱାଟର ରୁଫଟପ୍ ସୋଲାର ସିଷ୍ଟମ ସ୍ଥାପନ କରାଯିବ । ବୈଷୟିକ ଉନ୍ନତି ଆଣିବା ଦୃଷ୍ଟିରୁ ସାମଗ୍ରିକ ଶିକ୍ଷଣ ଅଭିଜ୍ଞତାକୁ ବଢ଼ାଇବା, ଡ୍ୟାସବୋର୍ଡ଼ ଅନ୍‌ଲାଇନ୍ ଶିକ୍ଷାକୁ ସମର୍ଥନ କରିବାକୁ ଇଂଟିଗ୍ରେଟେଡ ଲର୍ଣ୍ଣିଂ ମ୍ୟାନେଜମେଣ୍ଟ ସିଷ୍ଟମ୍ ରହିଛି । ଏକାଡେମିକ ଏବଂ ବୃତ୍ତିଗତ କାର୍ଯ୍ୟକ୍ରମ ଓ କାର୍ଯ୍ୟକଳାପ ଆୟୋଜନ ପାଇଁ ଏକ ସଂପୂର୍ଣ୍ଣ ଡିଜିଟାଲାଇଜ୍‌ଡ ସେମିନାର ହଲ୍ ଏବଂ ଅଡିଓ ଭିଡିଓ ଷ୍ଟୁଡିଓ ତିଆରି ହୋଇଛି। ଡିଜିଟାଲ ଶିକ୍ଷାକୁ ସୁଗମ କରିବା ପାଇଁ ଏକ ଅତ୍ୟାଧୁନିକ କମ୍ପ୍ୟୁଟର ଲ୍ୟାବ୍ ସ୍ଥାପନ କରାଯାଇଛି । ରାଜ୍ୟର ଦୂରଦୂରାନ୍ତରେ ଶିକ୍ଷାକୁ ସୁନିଶ୍ଚିତ କରିବା ପାଇଁ ୨୦୨୫ ମସିହାରେ ୫ଟି ନୂତନ ଆଞ୍ଚଳିକ କେନ୍ଦ୍ର ଏବଂ ନୂତନ ଅଧ୍ୟୟନ କେନ୍ଦ୍ର ପ୍ରତିଷ୍ଠା ପାଇଁ ଯୋଜନା ଚାଲିଛି । ଲାଇବ୍ରେରି ଅଟୋମେସିନ୍ ସିଷ୍ଟମ୍ (ଏସ୍‌ଓୟୁଏଲ୍ ୩.୦) ବ୍ୟବସ୍ଥା ମଧ୍ୟ କରାଯାଇଛି । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହାୟତା ଯୋଗୁ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନେକ ବିକାଶ କାର୍ଯ୍ୟକ୍ରମ ହାତକୁ ନେବା ସହିତ ଆଗାମୀ ଦିନରେ ଦେଶ ବିଦେଶର ଏକ ପ୍ରମୁଖ ବିଶ୍ୱବିଦ୍ୟାଳୟ ଭାବେ ପରିଗଣିତ ହେବା ଦିଗରେ କାମ ଚାଲିଛି ବୋଲି କହାଯାଇଛି ।

## କଳିଙ୍ଗ ବାଲିଯାତ୍ରା ଉଦ୍‌ଯାପିତ




ପାରାଦୀପ, ୨୧/୧୧ : ପାରାଦୀପ ସମୁଦ୍ରକୂଳ ନିକଟ ବାଲିଯାତ୍ରା ପଡିଆରେ ଆୟୋଜିତ ହୋଇଥିବା କଳିଙ୍ଗ ବାଲିଯାତ୍ରା ମହୋତ୍ସବ ଆଜି ଉଦଯାପିତ ହୋଇଯାଇଛି। ଗତ ୧୪.୧୧.୨୦୨୪ରିଖ ଠାରୁ ଆରମ୍ଭ ହୋଇଥିବା କଳିଙ୍ଗ ବାଲିଯାତ୍ରା ୨୦୨୪ର ଉଦଯାପନୀ ସମାରୋହ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି। ପ୍ରତ୍ୟକ ବର୍ଷ ଭଳି ଚଳିତ ବର୍ଷ ମଧ ଏହା ୮ ଦିନ ଧରି ଚାଲିଥିଲା। ଉଦଯାପନୀ ସଂନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଓଡିଶାର ରାଜ୍ୟପାଳ ରଘୁବର ଦାସ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଓଡିଶା ସରକାରଙ୍କ ବାଣିଜ୍ୟ ଓ ପରିବହନ ଏବଂ ଇସ୍ପାତ-ଖଣିଜ ସମ୍ପଦ ବିଭାଗର ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଜଗତସିଂହପୁର ସାଂସଦ ଡଃ ବିଭୁ ପ୍ରସାଦ ତରାଇ, ଜଗତସିଂହପୁର ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ବନ୍ଦର ଉପାଧକ୍ଷ ନୀଳଭ୍ର ଦାସଗୁପ୍ତା ଓ ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀଯୁକ୍ତ ରଘୁବର ଦାସ, ମହାମହିମ ରାଜ୍ୟପାଳ, ଓଡ଼ିଶା ସରକାର ପ୍ରାଚୀନ ନୌ ବାଣିଜ୍ୟର ଐତିହ୍ୟ ଓ ପରମ୍ପରାର ସ୍ମୃତି ଚାରଣ ନିମନ୍ତେ ଜଗତସିଂହପୁର ଜିଲ୍ଲାର ଏହି ପ୍ରୟାସ କୁ ଅନେକ ପ୍ରଶଂସା କରିଥିଲେ। କଳିଙ୍ଗ ବାଲିଯାତ୍ରା ର ସମାପନ ଉତ୍ସବ ରେ ସାମିଲ ହୋଇ ଅତ୍ୟନ୍ତ ଗର୍ବ ଓ ଖୁସୀ ଅନୁଭବ କରୁଛନ୍ତି ବୋଲି କହିଥିଲେ।ଉତ୍କଳର ନୌ ବାଣିଜ୍ୟ ଏକ ଅନନ୍ୟ ପରିଚୟ ସୃଷ୍ଟି କରିପାରିଛି। ଏହା କେବଳ ଏକ ମହୋତ୍ସବ ନୁହେଁ ବରଂ ଓଡ଼ିଶାର ନୌ ବାଣିଜ୍ୟର ଇତିହାସକୁ ଦର୍ଶାଉଛି।ଏଥିପାଇଁ ଦିନେ ବଙ୍ଗୋପସାଗରକୁ କଳିଙ୍ଗ ସାଗର ଭାବେ ଅଭିହିତ କରାଯାଉଥିଲା। ଏହି ମହାନ ପରମ୍ପରାର ପୁନରୁଦ୍ଧାର ପାଇଁ ଜଗତସିଂହପୁର ବାସି ସର୍ବଦା ତତ୍ପର ଓ ଆଜି କଳିଙ୍ଗ ବାଲିଯାତ୍ରା ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ସେଥିପାଇଁ ପାରାଦୀପ ଆଜି ଉନ୍ନତିର ମୁଖଶାଳା ପାଲଟିଛି ବୋଲି ସେ କହିଥିଲେ। ଓଡ଼ିଶାର ନୌବାଣିଜ୍ୟ କେବଳ ବ୍ୟାପାର ବାଣିଜ୍ୟ ନୁହେଁ ବରଂ ଶାନ୍ତି, କଳା ଓ ଆଧ୍ୟାତ୍ମିକତାର ଅମୂଲ୍ୟ ମୂଲ୍ୟବୋଧକୁ ଦର୍ଶାଉଛି। ଏହି ବାଲିଯାତ୍ରାରେ ପ୍ରଦର୍ଶିତ ସାମଗ୍ରୀ ଓଡ଼ିଶାର ଗହନ ଶିଳ୍ପ ଚତୁରୀ କୁ ପ୍ରମାଣିତ କରୁଛି। ଦେଶର ଅର୍ଥ ବ୍ୟବସ୍ଥା, ପାରସ୍ପରିକ ଆଦାନ ପ୍ରଦାନ, ସାଂସ୍କୃତିକ ପରମ୍ପରାକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରାଉଛି। ଓଡ଼ିଶା ତଥା ଜିଲ୍ଲାର ଏହି ମହାନ୍ ପରମ୍ପରା ଆମକୁ ଏକ ଉଜ୍ଜ୍ୱଳ ଭବିଷ୍ୟତ ଆଡ଼କୁ ଅଗ୍ରସର ହେବାର ସ୍ୱପ୍ନ ଦେଇଛି। ଏପରି ସୁନ୍ଦର ପ୍ରୟାସ ପାଇଁ ମାନ୍ୟବର ରାଜ୍ୟପାଳ, ଜିଲ୍ଲାପାଳ, ଆୟୋଜକ କଳିଙ୍ଗ ବାଲିଯାତ୍ରା କମିଟି ତଥା ଜିଲ୍ଲାବାସୀ ଙ୍କୁ ଧନ୍ୟବାଦ୍ ଜଣାଇଥିଲେ। ସଭାରେ ଅଧକ୍ଷତା କରି ଜିଲ୍ଲାପାଳ ଶ୍ରୀ ଜେ ସୋନାଲ କହିଲେ ଏ ବର୍ଷ ଖୋଲାଯାଇଥିବା ୧୦୦୦ ରୁ ଉର୍ଦ୍ଧ୍ୱ ଷ୍ଟଲ୍ ରେ ଯଥେଷ୍ଟ କିଣାବିକା ହୋଇଛି ଯାହା ପ୍ରତ୍ୟକ୍ଷ ବା ପରୋକ୍ଷ ରେ ଜିଲ୍ଲାର ଅର୍ଥନୀତି କୁ ସୁଦୃଢ଼ କରିବା ସହ ଅନେକ ଙ୍କୁ ଆତ୍ମ ନିର୍ଭର କରିପାରିଛି। ରାଜ୍ୟ ତଥା ରାଜ୍ୟ ବାହାରୁ, ଯେପରି ରାଜସ୍ଥାନ, ଉତ୍ତର ପ୍ରଦେଶ, ପଶ୍ଚିମ ବଙ୍ଗ, ଗୁଜୁରାଟ ପରି ୪ ଟି ରାଜ୍ୟ ରୁ ଆସିଥିବା ୧୫୦ ସ୍ୱୟଂ ସହାୟକ ଗୋଷ୍ଠୀ ର ହସ୍ତ ଶିଳ୍ପ, ହସ୍ତ ତନ୍ତ, ଢୋକ୍ରା ଗୁଡ଼ିକ ଆଦୃତ ହୋଇଛି।ଓରମାସ ପଲ୍ଲୀଶ୍ରୀ ମେଳାରେ ଗତ ବର୍ଷ ୧ କୋଟି୫୧ ଲକ୍ଷ ବ୍ୟବସାୟ ହୋଇଥିବା ବେଳେ ଏ ବର୍ଷ ଏହା ୧ କୋଟି ୭୦ଲକ୍ଷ ଟଙ୍କା ରୁ ଉର୍ଦ୍ଧ୍ୱ ବ୍ୟବସାୟ କରିଛି ଯାହା ନିଶ୍ଚିତ ଭାବେ ଏକ ଖୁସିର କଥା ବୋଲି ଜିଲ୍ଲାପାଳ କହିଥିଲେ । ଜି ଏମ ଡି ଆଇ ସି ତରଫରୁ ହୋଇଥିବା ୧୨ ଟି ଷ୍ଟଲ୍ ଓ ଜଗତସିଂହପୁର ଜିଲ୍ଲାର ହସ୍ତ ତନ୍ତ, ହସ୍ତଶିଳ୍ପର ୩୦ ଟି ଷ୍ଟଲ ରେ ଜିଲ୍ଲାର ଅନେକ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ନିଜର ସ୍ୱାବଲମ୍ବନର ପନ୍ଥା ଖୋଜି ପାଇଛନ୍ତି ବୋଲି ଜିଲ୍ଲାପାଳ କହିଥିଲେ। ଜିଲ୍ଲାପାଳ ଚଳିତ ବର୍ଷର ବାଲିଯାତ୍ରର ସୁପରିଚାଳନା ପାଇଁ ପୋଲିସ ପ୍ରଶାସନ, ପାରାଦ୍ୱୀପ ବନ୍ଦର କର୍ତୃପକ୍ଷ , ପାରାଦ୍ୱୀପ ପୌର ପରିଷଦ,ବାଲିଯାତ୍ରା ଆୟୋଜକ କମିଟି ତଥା ସମସ୍ତ ଜନସାଧାରଣ ଏଂ ଗଣମାଧମ ପ୍ରତିନିଧି ଙ୍କୁ ନିଜର କୃତଜ୍ଞତା ଜ୍ଞାପନ କରିଥିଲେ। ଏହି ଉଦଯାପନୀ ସମାରୋହରେ ପାରାଦୀପ ପୌର ପରିଷଦର ଅଧକ୍ଷ ଶ୍ରୀ ବସନ୍ତ କୁମାର ବିଶ୍ୱାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଜିଲ୍ଲାର ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ଭବାନୀ ଶଙ୍କର ଉଦଗାତା ମଧ୍ୟ କଳିଙ୍ଗ ବାଲିଯାତ୍ରାର ସଫଳ ଆୟୋଜନ ଏଂ ଶାନ୍ତି ଶୃଙ୍ଖଳାର ପରିଚାଳନା ପାଇଁ ସମସ୍ତଙ୍କୁ ଆନୁଷ୍ଠାନିକ ଧନ୍ୟବାଦ ଜଣାଇଥିଲେ। ସହରର ବୁଦ୍ଧିଜୀବୀ, ବିଭିନ୍ନ ରାଜ୍ୟ ତଥା ଜିଲ୍ଲାରୁ ଆସିଥିବା ବ୍ୟବସାୟୀ ଓ ଗଣମାଧମ ପ୍ରତିନିଧି ମାନେ ଉପସ୍ଥିତ ଥିଲେ। ଏହି ଶେଷ ସନ୍ଧ୍ୟାରେ ଶ୍ରେଷ୍ଠ ସ୍ୱୟଂ ସହାୟକ ଗୋଷ୍ଠୀ ମାନଂକୁ ପୁରସ୍କୃତ କରାଯାଇଥିଲା। ତନ୍ମଧ୍ୟରୁ ଅଧିକ ବିକ୍ରୟ ପାଇଁ ଲକ୍ଷ୍ମୀ ନାରାୟଣ ପି ଜି (ଟସର), ଯାଜପୁର,ଶ୍ରେଷ୍ଠ ପ୍ରଦର୍ଶନ ପାଇଁ କୁଜଙ୍ଗର ଜୀବନ ଜ୍ୟୋତି ଟେରାକୋଟା,ଶ୍ରେଷ୍ଠ ସେଲ୍ସ ମ୍ୟାନସିପ ପାଇଁ ନୟାଗଡ଼ର ବୁଢ଼ୀମା ସ୍ୱୟଂ ସହାୟକ ଗୋଷ୍ଠୀ ଶ୍ରେଷ୍ଠ, ସୃଜନଶୀଳ ଷ୍ଟଲପାଇଁ ମହିମା ସ୍ୱୟଂ ସହାୟକ ଗୋଷ୍ଠୀ(ଧାନ ତିଆରି କାରୁକାର୍ଯ୍ୟ) ଏବଂ ଶ୍ରେଷ୍ଠ ପ୍ୟାକେଜ ଓ ବ୍ରାଣ୍ଡିଂ ପାଇଁ କୋରାପୁଟ ଆଗ୍ରୋ ପ୍ରଡକ୍ଟ ପ୍ରଡ୍ୟୁସର କମ୍ପାନୀଙ୍କୁ ପୁରସ୍କାର ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉଦଯାପନୀ ସନ୍ଧ୍ୟାରେ ସ୍ୱନାମଧନ୍ୟ ବଲିଉଡ୍ ଗାୟକ ପଦ୍ମଶ୍ରୀ ସୋନୁ ନିଗମଙ୍କ କଣ୍ଠର ଯାଦୁରେ ଦର୍ଶକ ଝୁମି ଉଠିଥିଲେ। ବିଭିନ୍ନ ହସ୍ତଶିଳ୍ପ ସାମଗ୍ରୀ ସାଙ୍ଗକୁ ଘରକରଣା ଜିନିଷ ସହ ଟେରାକୋଟା ସାମଗ୍ରୀ, ଓଡ଼ିଶା ର ପାରମ୍ପରିକ ଖାଦ୍ୟ ସାଙ୍ଗକୁ ବାହାର ରାଜ୍ୟର ଖାଦ୍ୟ ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କରିଥିଲା। ପିଲା ମାନଙ୍କ ପାଇଁ ଆୟୋଜିତ ମୀନା ବଜାର, ବିଭିନ୍ନ ପ୍ରକାରର ଦୋଳି ଲୋକ ମାନଙ୍କ ମନୋରଞ୍ଜନ କରିଥିଲା।

## ସ୍ତ୍ରୀ ହତ୍ୟାକାରୀକୁ ଆଜୀବନ କାରାଦଣ୍ଡ

କେଉଁଝର, ୨୧/୧୧ (ନି.ପ୍ର): କେନ୍ଦୁଝର ଜିଲ୍ଲା ଦୌରାଜଜ୍ ଅଶୋକ କୁମାର ପଣ୍ଡା ଏକ ହତ୍ୟା ମାମଲାର ଶୁଣାଣୀ କରି ଅଭିଯୁକ୍ତ ଶୁକ୍ରା ଜୁଆଙ୍ଗଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୫ ହଜାର ଟଙ୍କା ଜୋରିମାନା ଆଦେଶ କରଛନ୍ତି । ଜୋରିମାନା ଅନାଦେୟ ଆଉ ୧ ମାସ ଅଧିକ ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି । ପ୍ରକାଶ ଯେ, ତା ୧୬/୦୩/ ୨୦୨୪ ରିଖରେ ପଣ୍ଡାପଡା ଥାନା ହୁଣ୍ଡା ଗ୍ରାମ ବାଲିଦାଣ୍ଡ ସାହିର ଶୁକ୍ରା ଜୁଆଙ୍ଗ(୩୦) ତାର ସ୍ତ୍ରୀ ଗୋଲାପ ଜୁଆଙ୍ଗ (୨୮) କୁ ଗୋଟିଏ ଲୁହାରଡରେ ମୁଣ୍ଡକୁ ପିଟି ଦେବାରୁ ଘଟଣାସ୍ଥଳରେ ତାର ମୃତ୍ୟୁ ହୋଇଥିଲା । ବିବାହର ୬ ବର୍ଷ ପରେ ମଧ ଛୁଆ ପିଲା ହେଉନଥିବା କୁ ନେଇ ଉଭୟଙ୍କ ମଧ୍ୟରେ ଝଗଡା ହେଉଥିଲା । ତା ୧୬/୦୩/୨୦୨୪ ରିଖ ଦିନ ସେମାନେ ପିଲା ଛୁଆ ହେଉନଥିବାରୁ ହରିଚନ୍ଦନପୁର ବ୍ଲକ ବକ୍ସିବାରିଗାଁ କୁ ଏକ ଅଟୋରେ ଯାଇ ଜଣେ ବଇଦକୁ ଦେଖାଇଥିଲେ । ସେଠାରୁ ଫେରି ଅପରାହ୍ନ ୨ଟାରେ ସ୍ୱାମୀ-ସ୍ତ୍ରୀ ମଧରେ ପୁଣି ଝଗଡା ହୋଇଥିଲା । ଶୁକ୍ରା ଜୁଆଙ୍ଗ ଉତ୍ୟକ୍ତ ହୋଇ ଏକ ଲୁହା ରଡରେ ସ୍ତ୍ରୀ ଗୋଲାପ ଜୁଆଙ୍ଗଙ୍କ ମୁଣ୍ଡରେ ପିଟି ଦେବାରୁ ଘଟଣା ସ୍ଥଳରେ ତାର ମୃତ୍ୟୁ ହୋଇଥିଲା । ଘଟଣା ନେଇ ପଣ୍ଡାପଡା ଥାନାର ଗ୍ରାମରକ୍ଷୀ ଦୁର୍ଯ୍ୟୋଧନ ବେହେରା ଗାଁ ଲୋକଙ୍କ ଠାରୁ ସୂଚନା ପାଇ ପଣ୍ଡାପଡ଼ା ଥାନାରେ ଲିଖିତ ଭାବେ ଜଣାଇଥିଲା । ପୋଲିସ ଘଟଣାସ୍ଥଳକୁ ଯାଇ ହତ୍ୟାକାଣ୍ଡରେ ବ୍ୟବହାର ହୋଇଥିବା ଲୁହାରଡ ଜବତ୍ କରିବା ସହ କେସ ନମ୍ବର ୧୨୬/୨୦୨୪ରେ ମାମଲା ରୁଜୁ କରି ଆସାମୀ ଶୁକ୍ରା ଜୁଆଙ୍କୁ ଗିରଫ କରିଥିଲା । ୧୬ ଜଣ ସାକ୍ଷୀଙ୍କ ବୟାନ ଓ ପୋଲିସ ତଦନ୍ତକୁ ଭିତି କରି ଉକ୍ତ ଦଣ୍ଡାଦେଶ କରିଛି । ସରକାରଙ୍କ ପକ୍ଷରୁ ଜିଲ୍ଲା ଦୌରାଜଜ କୋର୍ଟର ପିପି ପ୍ରଦୀପ କୁମାର ଦାସ ମାମଲା ପରିଚାଳନା କରିଥିଲେ । ଏହି ମାମଲା ପୋଲିସ ଖୁବ କମ ଦିନରେ ଅର୍ଥାତ୍ ୧ ମାସରୁ କମ ଦିନରେ ତଦନ୍ତ କରି ଚାର୍ଜସିଟ ଦାଖଲ କରିଥିଲା । ପୋଲିସ ତା ୧୬/୦୩/୨୦୨୪ ରିଖରେ ତଦନ୍ତ ଆରମ୍ଭ କରି ତା ୦୬/୦୪/୨୦୨୪ ରିଖରେ ଚାର୍ଜସିଟ ଦାଖଲ କରିଥିଲେ। ହତ୍ୟା ଘଟଣାର ବିଚାର ମଧ ତ୍ୱରିତ ଭାବେ ପଦକ୍ଷେପ ଗ୍ରହଣ କରାଯାଇଛି । ବିଚାର ତା ୦୪/ ୦୬/୨୦୨୪ ରିଖରେ ଆରମ୍ଭ ହୋଇ ଆଜି ଶୁଣାଣୀ ହୋଇଛି । ମାତ୍ର ୫ ମାସରେ ଏହି ମାମଲାର ଟ୍ରାଏଲ, ସାକ୍ଷୀ ଶୁଣାଣୀ, ଆରଗୁମେଂଟ ଏବଂ ଶୁଣାଣୀ ଶେଷ କରି ଏହି ଦଣ୍ଡାଦେଶ ଶୁଣାଇଛନ୍ତି ।

## ଭୀମ ଭୋଇ ସାମର୍ଥ୍ୟ ଶିବିର ରେକର୍ଡ ସଂଖ୍ୟକ ୮୨୦ ଭିନ୍ନକ୍ଷମ ପଞ୍ଜୀକୃତ

ଭୁବନ, ୨୧/୧୧ (ନି.ପ୍ର): ଭୁବନ ବ୍ଲକ ପ୍ରଶାସନ ତରଫରୁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଭୀମ ଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ସିପ୍ରା ବରାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିର କୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ମାନସିକ ଅନଗ୍ରସର ୨୦୯ ଜଣ, ଅସ୍ଥିଶଲ୍ୟ ୩୫୭ ଜଣ,ଦୃଷ୍ଟି ବାଧକ ୧୧୯ଜଣ, ଶ୍ରବଣ ବାଧକ ୧୧୯ ଜଣ ଓ ଶିଶୁ ବିଭାଗ ରେ ୧୬ ଜଣ ସମୁଦାୟ ୮୨୦ ଜଣ ଙ୍କୁ ବିଶେଷଜ୍ଞ ଙ୍କ ଦ୍ୱାରା ପରୀକ୍ଷା କରାଯାଇଥିଲା । ୮୨୦ ଜଣ ଭିନ୍ନକ୍ଷମ ପଞ୍ଜୀକୃତ ହେବା ସର୍ବକାଳୀନ ରେକର୍ଡ଼ ବୋଲି କୁହାଯାଉଛି । ସେଥି ମଧ୍ୟରୁ ୨୧ ଜଣଙ୍କୁ ବସ୍ ପାସ, ୩ ଜଣଙ୍କୁ ବାଣୀଶ୍ରୀ ବୃତି ଓ ୧୦ ଜଣ ଭିନ୍ନକ୍ଷମଙ୍କୁ ବ୍ୟାଙ୍କ ଋଣ ପ୍ରଦାନ କରାଯାଇଥିଲା । ବିଡିଓ ଆୟୁସୀ ମହାପାତ୍ର ଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ବିଭାଗର ଡାକ୍ତର ମାନେ ଭିନ୍ନକ୍ଷମ ମାନଙ୍କୁ ପରୀକ୍ଷା କରି ଭିନ୍ନକ୍ଷମ ଉପକରଣ,ଔଷଧ ,ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଆକାଉଂଟ ଅଫିସର ପ୍ରଶାନ୍ତ କୁମାର ବିଶ୍ୱାଳ, ସାମାଜିକ ସୁରକ୍ଷା ଅଧିକାରୀ ବିଜନ କୁମାର ମିଶ୍ର ଓ ସମସ୍ତ କର୍ମଚାରୀ ସକ୍ରିୟ ଅଂଶ ଗ୍ରହଣ ଓ ସହଯୋଗ କରିଥିଲେ। ବାଜି ରାଉତ ସ୍ମୃତି ମହାବିଦ୍ୟାଳୟ ର ଏନ୍ ଏସ ଏସ ,ଭୁବନ ଉଚ୍ଚ ବିଦ୍ୟାଳୟ ର ସ୍କାଉଟ ଆଣ୍ଡ ଗାଇଡ ଛାତ୍ର ଏବଂ ପୋଲିସ ବାହିନୀ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ।

## ଆକାଶଙ୍କୁ ସମ୍ବର୍ଦ୍ଧିତ କଲେ ସତ୍ୟନାରାୟଣ ପାଲା କମିଟି

କୋରେଇ, ୨୧/୧୧ (ନି.ପ୍ର): ପାଣିକୋଇଲି ପଂଚାୟତ ଅନ୍ତର୍ଗତ ପାଣିକୋଇଲି ବାଲିଦାଣ୍ଡ ଠାରେ ସତ୍ୟନାରାୟଣ ପାଲା କମିଟି ତରଫରୁ ପକ୍ଷରୁ କୋରାଇର ବିଧାୟକ ଆକାଶ ଦାସନାୟକଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧିତ କରାଯାଇଛି। କମିଟିର ସଭାପତି ଆଇନଜିବୀ ରବିନ୍ଦ୍ର କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ସଭାରେ ବିଧାୟକ ଆକାଶ ଦାସନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ପୀନାକୀ ରଂଜନ ଦାଶ, ପ୍ରିତୀରଂଜନ ସାହୁ,ସୁର୍ଯ୍ୟମଣି ପଣ୍ଡା, ପ୍ରମୋଦ ସାହୁ, କଳ୍ପତରୁ ମହାପାତ୍ର, ପଦ୍ମଲୋଚନ ମଲ୍ଲିକ,.ବିନୋଦ ବିହାରୀ ଜେନା, ଶେଖ ଜହର ଅଲ୍ଲୀ ପ୍ରମୁଖ ଯୋଗ ଦେଇଥିଲେ। କମିଟିର ସମ୍ପାଦକ ରାଜ କିଶୋର ମଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ସଭାରେ ସଦସ୍ୟ ଶଶିକାନ୍ତ ମଲିକ,ଶରତ କୁମାର ପାତ୍ର, କାର୍ତିକ ଚନ୍ଦ୍ର ମଲିକ, ଉପେନ୍ଦ୍ର ପାତ୍ର, ସନ୍ତୋଷ ମଲିକ,ପ୍ରଫୁଲ୍ଲ ମଲିକ, ସୁକାନ୍ତ ସାହୁ,ପ୍ରହଲ୍ଲାଦ ରାଉତ, ବଳରାମ ମଲିକ, ଯୋଗେନ୍ଦ୍ର ମଲିକ,ବସନ୍ତ ମଲିକ, ଫିରୋଜ ପଣ୍ଡା, ସୁଶାନ୍ତ ମଲିକ, ଅଂଜନ ମଲିକ, ଗୌରାଙ୍ଗ ଓଝା ପ୍ରମୁଖ ଉପସ୍ଥିତ ରହି ସଭା ପରିଚାଳନାରେ ସହଯୋଗ କରିଥିଲେ।

# ପିଲାଙ୍କ ପାଠ ପଢ଼ାରେ ମନ ଲାଗୁନି: ଘରେ ରଖନ୍ତୁ ଏହି ସବୁ ଜିନିଷ

ଅନେକ ପିଲା ଅଛନ୍ତି ପାଠ ପଢ଼ିବାକୁ ଇଚ୍ଛା ପ୍ରକାଶ କରନ୍ତି ନାହିଁ। ସବୁବେଳେ ଖେଳକୁଦରେ ମାତିଥାନ୍ତି। ପାଠ ପଢ଼ିବା ପାଇଁ କହିଲେ ବିଭିନ୍ନ ବାହାନା କରିଥାନ୍ତି। ଏଥିପାଇଁ ବାପାମା' ସବୁବେଳେ ଚିନ୍ତିତ ରହିଥାନ୍ତି। ଆପଣ ଜାଣିଛନ୍ତି ଏମିତି କାହିଁକି ହୁଏ? ଏହାର କାରଣ ହୋଇପାରେ ଆପଣଙ୍କ ଘରର କିଛି ବାସ୍ତୁ ଦୋଷ। ଏପରି କିଛି ଜିନିଷ ଅଛି, ବାସ୍ତୁଶାସ୍ତ୍ର ଅନୁଯାୟୀ ଯାହାକୁ ଘରେ ରଖିଲେ ପିଲାଙ୍କର ପାଠପଢ଼ାରେ କିଛି ସମସ୍ୟା ରହିବନି ଓ ପିଲାର କ୍ୟାରିୟର ଉଜ୍ଜ୍ୱଳ ହେବ। ଏହି ଜିନିଷଗୁଡ଼ିକୁ ପିଲାଙ୍କ ପଢ଼ା ଘରେ ରଖିଲେ ତାଙ୍କ ମନକୁ ଶାନ୍ତି ମିଳିବା ସହିତ ପାଠପଢ଼ାରେ ସବୁବେଳେ ମନ ଲାଗିରହିବ।



ସରସ୍ୱତୀ ମୂର୍ତ୍ତି: ପ୍ରାୟ ସମସ୍ତେ ଜାଣନ୍ତି ଦେବୀ ସରସ୍ୱତୀ ହେଉଛନ୍ତି ବିଦ୍ୟାର ଦେବୀ। ତେଣୁ ପିଲାଙ୍କ ପାଠ ପଢ଼ା ଘରେ ସରସ୍ୱତୀଙ୍କ ମୂର୍ତ୍ତି ରଖିଲେ ପିଲାଙ୍କୁ ମା'ଙ୍କର ଆର୍ଶୀବାଦ ମିଳିଥାଏ। ଫଳରେ ପିଲାର ପାଠ ଭଲ ହୋଇଥାଏ।ଘରେ ସରସ୍ୱତୀଙ୍କ ମୂର୍ତ୍ତି ନିକଟରେ ଯଦି ଆପଣ ବୀଣା ରଖୁଛନ୍ତି ତା'ହେଲେ ସୁଖ ଶାନ୍ତି ଲାଭ କରିବା ସହ ଆପଣଙ୍କ ଘରେ ପାଠ ପଢୁଥିବା ପିଲାଙ୍କ କ୍ୟାରିୟର ପାଇଁ ଏହା ବହୁତ ଭଲ ହେବ।

ହଂସର ଫଟୋ: ହଂସର ଫଟୋ କିମ୍ୱା ମୂର୍ତ୍ତି ଘରର ଦ୍ୱାର ମୁହଁରେ ରଖିଲେ ଶୁଭ ହୋଇଥାଏ। କାରଣ ହଂସ ସରସ୍ୱତୀଙ୍କର ବାହନ ହୋଇଥିବାରୁ ବାସ୍ତୁ ଅନୁସାରେ ଏହା ଘର ପାଇଁ ଶୁଭ ଫଳ ଦେଇଥାଏ।

ମୟୂର ପୁଚ୍ଛ: ଘରେ ମୟୂର ପୁଚ୍ଛ ମଧ୍ୟ ରଖିଲେ ବହୁତ ଭଲ। କାରଣ ଏହା ଘରକୁ ନକାରାତ୍ମକ ଶକ୍ତି ପ୍ରବେଶ କରିବାକୁ ଦ୍ୱେନାହିଁ। ପିଲାଙ୍କ ମନ ଶାନ୍ତ ରହିବ। ପିଲାମାନେ ପାଠ ପଢ଼ିବା ପାଇଁ ମନ ବଳାଇବେ।







# ଘରେ ତିଆରି କରନ୍ତୁ ମନ୍ଦାର ଫୁଲ ତେଲ; ଚୁଟିରେ ମାରିଲେ ଝଡ଼ିବ ନାହିଁ କି ପାଚିବ ନାହିଁ




ଚୁଟିର ଯତ୍ନରେ ବିଭିନ୍ନ ପ୍ରକାର ଫୁଲ ଏବଂ ପତ୍ରର ମଧ୍ୟ ବହୁତ ପ୍ରଭାବ ପଡିଥାଏ। ନିମ ପତ୍ର, ତୁଳସୀ ପତ୍ର ଏବଂ ଅଁଳା ଏବଂ ଇଠା ପରି ଜଡିବୁଟି ମଧ୍ୟ ଚୁଟିରେ ବହୁଳ ଭାବରେ ବ୍ୟବହୃତ ହୁଏ। କିନ୍ତୁ, ଆପଣ ଜାଣନ୍ତି କି ମନ୍ଦାର ଫୁଲ ମଧ୍ୟ ଚୁଟି ଉପରେ ଚମତ୍କାର ପ୍ରଭାବ ପକାଇଥାଏ। ଏହା ଚୁଟି ଯତ୍ନ ନେବାରେ ଅନେକ ପ୍ରକାରର ଲାଭ ଦେଇଥାଏ।

ଆଜିର ଖରାପ ଜୀବନଶୈଳୀ ଯୋଗୁଁ ଶରୀର ଉପରେ ଅନେକ କୁପ୍ରଭାବ ପଡୁଛି। ଏଥି ମଧ୍ୟରୁ ଚୁଟି ପାଚିବା, ଝଡିବା, ଛିଡିବା ଆଦି ସମସ୍ୟା ପ୍ରାୟ ସମସ୍ତଙ୍କ କ୍ଷେତ୍ରରେ ଦେଖିବାକୁ ମିଳେ। ସେ ପୁରୁଷ ହୁଅନ୍ତୁ କି ମହିଳା ପ୍ରାୟ ସମସ୍ତେ ଏଥିରେ ପିଡିତ। ଚୁଟିର ଯତ୍ନ ନେବା ପାଇଁ କେହି କେହି ବିଭିନ୍ନ ପ୍ରକାର ଚେଷ୍ଟା କରନ୍ତି।


ଚୁଟିର ଯତ୍ନରେ ବିଭିନ୍ନ ପ୍ରକାର ଫୁଲ ଏବଂ ପତ୍ରର ମଧ୍ୟ ବହୁତ ପ୍ରଭାବ ପଡିଥାଏ। ନିମ ପତ୍ର, ତୁଳସୀ ପତ୍ର ଏବଂ ଅଁଳା ଏବଂ ଇଠା ପରି ଜଡିବୁଟି ମଧ୍ୟ ଚୁଟିରେ ବହୁଳ ଭାବରେ ବ୍ୟବହୃତ ହୁଏ। କିନ୍ତୁ, ଆପଣ ଜାଣନ୍ତି କି ମନ୍ଦାର ଫୁଲ ମଧ୍ୟ ଚୁଟି ଉପରେ ଚମତ୍କାର ପ୍ରଭାବ ପକାଇଥାଏ। ଏହା ଚୁଟି ଯତ୍ନ ନେବାରେ ଅନେକ ପ୍ରକାରର ଲାଭ ଦେଇଥାଏ।


ଏଥିରେ ଫ୍ଲାଭୋନାଏଡ୍ ଏବଂ ଆମିନୋ ଏସିଡ୍ ଥାଏ ଯାହା ଚୁଟିର ବୃଦ୍ଧି ପାଇଁ କାମ କରିଥାଏ। ଏହା ବିଶେଷତଃ ପତଳା ଚୁଟିର ସମସ୍ୟାର ସମାଧାନ କରିଥାଏ। ମନ୍ଦାର ଫୁଲ ବ୍ୟବହାର କରିବା ଦ୍ୱାରା ଚୁଟିକୁ ସୂର୍ଯ୍ୟ କିରଣ କ୍ଷତିରୁ ମଧ୍ୟ ରକ୍ଷା କରାଯାଏ। ଏହା ଛଡା ଧଳା କେଶକୁ କଳା କରିବାରେ ଏହାର ପ୍ରଭାବ ମଧ୍ୟ ଦେଖାଯାଏ। ଏହା ମଧ୍ୟ ମୁଣ୍ଡରୁ ରୂପି ଦୂର କରିବାରେ ସାହାଯ୍ୟ କରେ। ତେବେ ଚୁଟିର ଯତ୍ନରେ ଏହି ଫୁଲକୁ କେଉଁ କେଉଁ ଉପାୟରେ ବ୍ୟବହାର କରାଯାଏ ଏବଂ ଏହା କିପରି ପ୍ରୟୋଗ କରାଯାଏ ଆସନ୍ତୁ ଜାଣନ୍ତୁ।

ହେୟାର ମାସ୍କ:
ଚୁଟି ପାଇଁ ମନ୍ଦାର ହେୟାର ମାସ୍କ ବହୁତ ଲାଭଦାୟକ। ହେୟାର୍ ମାସ୍କ ତିଆରି କରିବା ପାଇଁ ସମ ପରିମାଣର ମନ୍ଦାର ଫୁଲ ଏବଂ ମନ୍ଦାର ପତ୍ର ମିଶାଇ ଗ୍ରାଇଣ୍ଡ୍ କରନ୍ତୁ। ଏହି ପେଷ୍ଟ୍‌କୁ ଚୁଟିରେ ଲଗାନ୍ତୁ ଏବଂ କିଛି ସମୟ ରଖି ଧୋଇ ଦିଅନ୍ତୁ। ଏହି ପେଷ୍ଟ୍ ?କୁ ସପ୍ତାହରେ ଦୁଇଥର ମୁଣ୍ଡରେ ଲଗାଇଲେ ଚୁଟି ବଢିବାରେ ଲାଭଦାୟକ ହୁଏ।

ମନ୍ଦାର ତେଲ:
ମନ୍ଦାର ତେଲ ତିଆରି କରି ପାଇଁ ୮ ରୁ ୧୦ଟି ମନ୍ଦାର ପତ୍ର ଏବଂ ସମାନ ସଂଖ୍ୟକ ମନ୍ଦାର ଫୁଲ ନିଅନ୍ତୁ। ଏହାକୁ ଏକାଠି ଗ୍ରାଇଣ୍ଡ୍ କରନ୍ତୁ ଏବଂ ଏକ ମୋଟା ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏକ ପାତ୍ରରେ କିଛି ନଡ଼ିଆ ତେଲ ନିଅନ୍ତୁ। ଏହାକୁ ନିଆଁରେ ବସାଇ ଫୁଟାନ୍ତୁ ଏବଂ ଏଥିରେ ମନ୍ଦାର ପେଷ୍ଟ ଢାଳି ଗରମ କରନ୍ତୁ। ତେଲ ଫୁଟିଲା ପରେ ଏହାକୁ ଛାଣି ଏକ ବୋତଲରେ ରଖନ୍ତୁ। ଏହାକୁ ଆଙ୍ଗୁଠିରେ ନେଇ ଖପୁରୀକୁ ଭଲ ଭାବରେ ମାଲିସ୍ କରନ୍ତୁ। ଏକ ଘଣ୍ଟା ରଖିଲା ପରେ ମୁଣ୍ଡ ଧୋଇ ଦିଅନ୍ତୁ।

ମନ୍ଦାର ଫୁଲ ଏବଂ ଅଁଳା ମାସ୍କ:
ଚୁଟି ପାଇଁ ଅଁଳା ଚମତ୍କାର ଭାବରେ କାମ କରେ। ଏପରି ପରିସ୍ଥିତିରେ ଅଁଳା ଏବଂ ମନ୍ଦାର ଏକାଠି ପ୍ରୟୋଗ କରିବା ଦ୍ୱାରା ଚୁଟି ଉପରେ ଚମତ୍କାର ପ୍ରଭାବ ପଡିଥାଏ। ହେୟାର୍ ମାସ୍କ ତିଆରି କରିବା ପାଇଁ ସମାନ ପରିମାଣର ମନ୍ଦାର ଫୁଲ ଏବଂ ପତ୍ର ମିଶାନ୍ତୁ ଏବଂ ଏଥିରେ ଅଧା ପରିମାଣର ଅଁଳା ମିଶାନ୍ତୁ। ଏସବୁ ଏକତ୍ର ଗ୍ରାଇଣ୍ଡ୍ କରନ୍ତୁ। ଏବେ ହେୟାର ମାସ୍କ ପ୍ରସ୍ତୁତ। ଏହାକୁ ଚୁଟିରେ ଲଗେଇ ୪୦ରୁ ୫୦ ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ ଏବଂ ଧୋଇ ଦିଅନ୍ତୁ। ଏହି ହେୟାର ମାସ୍କ ସପ୍ତାହରେ ଥରେ ପ୍ରୟୋଗ କରାଯାଇପାରେ।

# ଜାଣନ୍ତୁ କେଉଁ ଦିନରେ କ'ଣ କରଣୀୟ ଓ ଅକରଣୀୟ

**ଜ୍ୟୋତିଷ ଶାସ୍ତ୍ରରେ ପ୍ରତ୍ୟେକ କାର୍ଯ୍ୟର ଦିନ ନିର୍ଦ୍ଧାରଣ କରାଯାଇଛି। ଧାର୍ମିକ ଗ୍ରନ୍ଥ ଏବଂ ଶାସ୍ତ୍ର ଅନୁସାରେ, ଯଦି ଦିନ ହିସାବରେ କୌଣସି ଶୁଭକାର୍ଯ୍ୟ କରାଯାଏ, ସେହି କାର୍ଯ୍ୟର ସଫଳ ହେବା ସମ୍ଭାବନା ଅଧିକ ଥାଏ।**

ସୋମବାର: ବିବାହ, ନାମକରଣ, ଗୃହ ନିର୍ମାଣ, ବିଦ୍ୟାଳୟକୁ ପ୍ରବେଶ କରିବା ପାଇଁ ଏହି ଦିନ ଶୁଭ। ଏହିଦିନରେ ଜନ୍ମହୋଇଥିବା ବ୍ୟକ୍ତି ସଜ୍ଜନ ହୋଇଥାନ୍ତି। ଏହିଦିନ ଦକ୍ଷିଣ ଦିଗରୁ ଯାତ୍ରା କଲେ ନିଶ୍ଚିତ ସଫଳତା ମିଳିଥାଏ ବୋଲି କୁହାଯାଏ।

ମଙ୍ଗଳବାର: ଏହିଦିନ ଶୁଭ-ଅଶୁଭର ମିଶ୍ରିତ ଫଳ ପ୍ରଦାନ କରେ। ସେହିପରି ମଙ୍ଗଳବାର କିଛି କାର୍ଯ୍ୟ ପାଇଁ ଶୁଭ ହୋଇଥିବା ବେଳେ ଆଉ କିଛି କାର୍ଯ୍ୟ ପାଇଁ ଅଶୁଭ ହୋଇଥାଏ। ମଙ୍ଗଳବାରରେ ଘର କିଣିବା, ବସ୍ତ୍ର କିଣିବା ଅନୁଚିତ। ଏହିଦିନ ଜନ୍ମ ନେଇଥିବା ବ୍ୟକ୍ତି କ୍ରୋଧୀ ପ୍ରକୃତିର ହୋଇଥାନ୍ତି।

ବୁଧବାର: ଏହା ଶୁଭ ବାର ଶ୍ରେଣୀରେ ଆସିଥାଏ। ଗୃହ ପ୍ରବେଶ, ଅଧ୍ୟୟନ ପ୍ରାରମ୍ଭ କରିବା ପାଇଁ ଏହା ହେଉଛି ଉତ୍ତମ ଦିନ। ଏହିଦିନ ଜନ୍ମଗ୍ରହଣ କରିଥିବା ବ୍ୟକ୍ତିବିଶେଷ ଧାର୍ମିକ ପ୍ରବୃତ୍ତିର ହୋଇଥାନ୍ତି।

ଗୁରୁବାର: ଏହିଦିନର ସ୍ୱାମୀ ଗ୍ରହ ହେଉଛନ୍ତି ବୃହସ୍ପତି। ଗୁରୁବାର ମଧ୍ୟ ସମସ୍ତ କାର୍ଯ୍ୟ ପାଇଁ ମଙ୍ଗଳଦାୟକ। ଏହିବାରରେ ଆରମ୍ଭ କରାଯାଉଥିବା ସମସ୍ତ କାର୍ଯ୍ୟ ସିଦ୍ଧ ହୋଇଥାଏ। ଏହିଦିନ ଜନ୍ମଗ୍ରହଣ କରିଥିବା ବ୍ୟକ୍ତି ବିଶେଷ ସଦ୍‌ଗୁଣ, ଧାର୍ମିକ ଓ ତେଜସ୍ୱୀ ହୋଇଥାନ୍ତି।

ଶୁକ୍ରବାର: ଏହିଦିନରେ ଜନ୍ମଗ୍ରହଣ କରିଥିବା ବ୍ୟକ୍ତି ରସିକ ସ୍ୱଭାବର ହୋଇଥାନ୍ତି। ତା'ସହ ବିଳାସପୂର୍ଣ୍ଣ ଜୀବନ ଅତିବାହିତ କରିବାରେ ରୁଚି ରଖନ୍ତି। ଶୁକ୍ରବାର ସନ୍ଧ୍ୟାରେ ଆରମ୍ଭ କରାଯାଉଥିବା ସମସ୍ତ କାର୍ଯ୍ୟ ଶୁଭ ହୋଇଥାଏ।

ଶନିବାର: ସମସ୍ତ ବାର ମଧ୍ୟରେ ଶନିବାରକୁ ଅଶୁଭ ବୋଲି କୁହାଯାଏ। ଏହିଦିନ ଆରମ୍ଭ କରାଯାଉଥିବା କାର୍ଯ୍ୟ ପୂର୍ଣ୍ଣ ହୋଇପାରି ନ ଥାଏ। କୁହାଯାଏ, ଏହିବାରରେ ସଫଳତା ସମ୍ଭାବନା ଥାଏ ଖୁବ୍ କମ୍। ଏହି ଦିନ ଜନ୍ମଗ୍ରହଣ କରିଥିବା ଲୋକଙ୍କଠାରେ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦିଏ।

ରବିବାର: ସମସ୍ତ ପ୍ରକାର କାର୍ଯ୍ୟ ପାଇଁ ଏହି ବାର ଶୁଭ। ଏହିଦିନ ଜନ୍ମଗ୍ରହଣ କରିଥିବା ବ୍ୟକ୍ତିବିଶେଷ ଭାଗ୍ୟଶାଳୀ ହୋଇଥାନ୍ତି। ଏହିଦିନ ପୂର୍ବ ଦିଗରୁ ଯାତ୍ରା କଲେ ନିଶ୍ଚିତ ଭାବେ ସଫଳତା ମିଳିଥାଏ।



# ଘରେ ପ୍ରସ୍ତୁତ କରନ୍ତୁ ଛେନା ମୁଡୁକି

ଆବଶ୍ୟକ ସାମଗ୍ରୀ: ୧କେଜି ଖାଣ୍ଟି ଛେନା, ୨କେଜି ଚିନି, ଆବଶ୍ୟକ ଅନୁସାରେ ଅଳେଇଚ ଓ ଗୁଜୁରାତି ଗୁଣ୍ଡ।

ପ୍ରସ୍ତୁତି ପ୍ରଣାଳୀ: ଖାଣ୍ଟି ଛେନାକୁ ଏକ କପଡ଼ାରେ ଚାପି ଏଥିରୁ ପାଣିକୁ ସମ୍ପୂର୍ଣ୍ଣ ଭାବେ ନିଗାଡି ଦେବା ପରେ ଏହାକୁ ଖଣ୍ଡ ଖଣ୍ଡ କରି କଟା ଯାଇଥାଏ। ଏଥିରେ ସାମାନ୍ୟ ଅଳେଇଚ ଓ ରୁଚି ଅନୁସାରେ ଗୁଜୁରାତି ଗୁଣ୍ଡ ମିଶାଇ ପାରିବେ। ଦୁଇକିଲୋ ଚିନିକୁ ବଡ଼ କଡ଼େଇରେ ସିରା ପ୍ରସ୍ତୁତ କରିବେ। ଚିନି ସିରା ଗରମ ହେବା ପରେ ଏଥିରେ ଖଣ୍ଡ ଖଣ୍ଡ କରି କଟାଯାଇଥିବା ଛେନାକୁ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ରଖି ଫୁଟାଯାଇଥାଏ। ଏହାପରେ ଚୁଲିରୁ କଡ଼େଇକୁ ଓହ୍ଲାଇ ଛେନା ମୁଡୁକିକୁ ଥଣ୍ଡାକରି ଖାଇବାକୁ ଦିଆଯାଏ। ସାଧାରଣତଃ କେଜିଏ ଖାଣ୍ଟିଛେନାରୁ ୮୦୦ ଗ୍ରାମ୍ ଓଜନର ଛେନାମୁଡୁକି ପ୍ରସ୍ତୁତି ହୋଇଥାଏ। ଏବେ ଭଦ୍ରକରେ ଛେନା ମୁଡୁକି କିଲୋ ୨୫୦ ରୁ ୩୫୦ ଟଙ୍କା ରହିଛି। ଏହି ମିଠାରେ ଆଦୌ ତେଲର ବ୍ୟବହାର କରାଯାଉନଥିବାରୁ ଏହା ଶରୀର ପାଇଁ ସୁସ୍ଥକର ଓ ରୁଚିକର। ଛେନା ମୁଡୁକି ପ୍ରସ୍ତୁତି ହେବା ଦିନରୁ ୭/୮ ଦିନ ଯାଏଁ ରଖାଯାଇପାରୁଥିବାରୁ ଏହା ଦୂରଦୂରାନ୍ତ ତଥା ବିଦେଶକୁ ମଧ୍ୟ ଏହା ନେଇ ହୁଏ।



# ଛାଡ଼ପତ୍ର ଦରକାର : ହନିମୁନ୍‌ରେ ଯାଆନ୍ତୁ

ନିଜ କଠୋର ନିର୍ଣ୍ଣୟ ପାଇଁ ଖ୍ୟାତ ବିଚାରପତିମାହନେ ପାରିବାରିକ ମାମଲାରେ ହୃଦୟ ପରିବର୍ତ୍ତନର ଭୂମିକାକୁ ବିଶ୍ୱାସ କରୁଛନ୍ତି। ଭାଙ୍ଗିବାକୁ ଯାଉଥିବା ବିବାହକୁ କଡା ନିଷ୍ପତ୍ତି ଦ୍ୱାରା ଶେଷ ନ କରି ଛାଡପତ୍ର ପାଇଁ ଇଚ୍ଛୁକ ଦମ୍ପତ୍ତିମାନଙ୍କୁ ଏ ସଂପର୍କରେ ଆଉ ଥରେ ଚିନ୍ତା କରିବାପାଇଁ ପରାମର୍ଶ ଦେଉଛନ୍ତି। ଏ ସଂପର୍କରେ ବିଚାରପତିମାନଙ୍କ ପରାମର୍ଶ ଯଦି ଛାଡପତ୍ର ଚାହୁଁଛନ୍ତି ତାହେଲେ ହନିମୁନ୍‌ରେ ଯାଆନ୍ତୁ। ସବୁଠୁ କଡ଼ କଥା ଅଦାଲତର ଏହି ପରାମର୍ଶ ସକାରାତ୍ମକ ଫଳ ମଧ୍ୟ ଦେଉଛି। ସ୍ୱାମୀ ସ୍ତ୍ରୀ ଏକାଠି କିଛି ଦିନ କାଟିବା ପରେ ନିଜ ସଂପର୍କ ନେଇ ଆଉ ଥରେ ଚିନ୍ତା କରୁଛନ୍ତି, କେତେ ପରିବାର ଭାଙ୍ଗିବାରୁ ବଞ୍ଚିଯାଉଛି। ଏ ସଂପର୍କରେ ପ୍ରତିଭା ନାମ୍ନୀ ଜଣେ ମହିଳା କୁହନ୍ତି ମୁଁ ଗତବର୍ଷର ବୈଷ୍ଣୋଦେବୀ ଯାତ୍ରାକୁ କେବେ ଭୁଲିପାରିବି ନାହିଁ। ସେ ଏବଂ ତାଙ୍କର ସ୍ୱାମୀ ଗତ ବର୍ଷ ଛାଡପତ୍ର ପାଇଁ ଅଦାଲତରେ ଆବେଦନ କରିଥିଲେ। ବିଚାରପତି ମହୋଦୟ ସେମାନଙ୍କ ମଦ୍ୟରେ ଥିବା ସମସ୍ୟାର ସମାଧାନ ପାଇଁ ଏହି ଯୋଡିକୁ ବୈଷ୍ଣୋଦେବୀ ଯାତ୍ରାରେ ଯିବାପାଇଁ ପରାମର୍ଶ ଦେଇଥିଲେ। ଯାତ୍ରାରୁ ଫେରିବା ପରେ ପ୍ରତିଭା ଏବଂ ତାଙ୍କ ସ୍ୱାମୀଙ୍କ ମଧ୍ୟରେ ଛାଡପତ୍ର ସଂପର୍କରେ କୌଣସି ଆଲୋଚନା ହୋଇନାହିଁ। କୁହାଯାଏ ସ୍ୱାମୀ ସ୍ତ୍ରୀର ସଂପର୍କ ସ୍ୱର୍ଗରେ ସ୍ଥିର ହୁଏ। ମାତ୍ର ଏହି ସଂପର୍କକୁ ଅତୁଟ ରଖିବାପାଇଁ ବିଚାରପତିମାନେ ପୃଥିବୀରେ ଭଗବାନଙ୍କ ରୂପ ନେଉଛନ୍ତି। ଏହା ସାଧାରଣ କଥା ଯେ ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବ ଏବଂ ସହନଶୀଳତାର ଅଭାବ ଯୋଗୁଁ ଛାଡପତ୍ର ମାମଲା କ୍ରମାଗତ ଭାବରେ ବଢିବାରେ ଲାଗିଛି। ଏହାକୁ ଦେଖି ବିଚାରପତିମାନେ ସାଧାରଣ ଏବଂ ଛୋଟ ଛୋଟ କାରଣରୁ ବିବାହ ବିଚ୍ଛେଦ ରୋକିବା ନିମନ୍ତେ ଦମ୍ପତ୍ତିମାନଙ୍କ ମଧ୍ୟରେ ମଧ୍ୟସ୍ତି ଭୂମିକା ନେବା ଆରମ୍ଭ କଲେଣି।

ଛାଡପତ୍ର ନେବାପାଇଁ ଆବେଦନ କରୁଥିବା ଯୋଡିମାନଙ୍କର ବାହାନା ମଧ୍ୟ ଅଦ୍ଭୁତ ପ୍ରକାରର। ଜଣେ ଚାଟାର୍ଡ ଆକାଉଣ୍ଟାଣ୍ଟ ନିଜ ପତ୍ନୀଙ୍କୁ କେବଳ ଏଥିପାଇଁ ଛାଡପତ୍ର ଦେବାକୁ ଚାହୁଁଥିଲେ ସେ ସେକ୍ସରେ କୌଣସି ନୂତନ ଶୈଳୀ ଜାଣନ୍ତି ନାହିଁ। ଏକ ବହୁରାଷ୍ଟ୍ରୀୟ କଂପାନୀରେ କାର୍ଯ୍ୟରତ ଜରେ ବ୍ୟକ୍ତି ନିଜ ପତ୍ନୀଙ୍କୁ ଏଥିପାଇଁ ଛାଡିବାକୁ ଚାହୁଁଥିଲେ ଯେ ସେ ତାଙ୍କୁ କମ୍ପାନୀର ପାର୍ଟି ମଦ୍ୟପାନ କରିବାକୁ ମନା କରୁଥିଲେ। ଜଣେ ଅଧ୍ୟାପିକା ତାଙ୍କ ସ୍ୱାମୀ ବିଳମ୍ବିତ ରାତି ପର୍ଯ୍ୟନ୍ତ କାର୍ଯ୍ୟାଳୟରେ ରହିବାକୁ ନେଇ ସନ୍ଦେହ କରି ଛାଡପତ୍ର ପାଇଁ ଆବେଦନ କରିଥିଲେ। ଏ ସଂପର୍କରେ ଦିଲ୍ଲୀର ଜଣେ ଅବସରପ୍ରାପ୍ତ ବିଚାରପତି କହିଛନ୍ତି ଯେ ଯେଉଁ ସବୁ ମାମଲାରେ ତୀବ୍ର ମତଭେଦ ନାହିଁ, କ୍ରୁରତା କିମ୍ୱା ଯନ୍ତ୍ରଣା ନାହିଁ ସେଠାରେ କାଉନସେଲିଂ ଓ ମଧ୍ୟସ୍ଥତା ଦ୍ୱାରା ସଂପର୍କକୁ ସୁଧାରି ହୁଏ। ତେବେ ଏଥିପାଇଁ ସବୁଠାରୁ ଭଲ ଉପାୟ କ'ଣ ? ବିଚାରପତିମାନେ କୁହନ୍ତି ଏହିପରି ଛୋଟ ଛୋଟ ମତଭେଦକୁ ନେଇ ଛାଡପତ୍ର ପାଇଁ ଆବେଦନ କରୁଥିବା ଦମ୍ପତ୍ତିଙ୍କ ସଂପର୍କରୋ ସୁଧାର ଆଣିବା ପାଇଁ ସେମାନଙ୍କୁ କିଛି ଦିନ ଏକୁଟିଆ ବୁଲିବାକୁ ପଠାଇବା ସବୁଠାରୁ ଭଲ ଉପାୟ। ଏହାକୁ ସେମାନେ ସେକେଣ୍ଡ ହନିମୁନ୍ ବୋଲି କହୁଛନ୍ତି। ଯେ କୌଣସି ଯୋଡି ଏକାଠି ସମୟ କାଟିଲେ ସେମାଙ୍କେ ଭଲ ଦିନର ସ୍ମୃତିସବୁ ମନକୁ ଆସିବ ଏବଂ ସଂପର୍କ ଗାଢ ଦେବ। କେବଳ ଛୁଟି କଟାଇବା ନୁହେଁ ଏପରି ଦମ୍ପତ୍ତି ନିୟମିତ ଭାବରେ ଲଙ୍ଗ୍ ଡ୍ରାଇଭ୍‌ରେ ଯିବା ମଧ୍ୟ ଫଳପ୍ରଦ ହେଉଛି। ଏ ସଂପର୍କରେ ଦିଲ୍ଲୀର ତିଶ୍‌ହଜାରି ଏବଂ କଡ୍‌କଡ୍‌ଡୁମା ଅଦାଲତରେ ଛାଡପତ୍ର ମାମଲାର ରୂପ ମଧ୍ୟ ଖୁବ୍ ଉତ୍ସାହଜନକ। ତିସ୍‌ହଜାରୀରେ କାଉନ୍‌ସେଲିଂ ଦ୍ୱାରା ୬୨.୩ ଏବଂ କଡ୍‌କଡ୍‌ଡୁମାରେ ୭୯.୩ ଛାଡପତ୍ର ମକଦ୍ଦମାର ବିଶେଷଜ୍ଞ ଓକିଲ ସୁନୀଲ ଖାନ୍ନା କହିଛନ୍ତି ଯେ ଲୋକମାନେ ବହୁ ସାଧାରଣ କାରଣରୁ ଛାଡପତ୍ର ପାଇଁ ଆବେଦନ କରନ୍ତି। ଆଗରୁ ଛାଡପତ୍ର ମୁଖ୍ୟତଃ ଶାରିରିକ ଏବଂ ମାନସିକ ଉତ୍ପୀଡନ ଯୋଗୁଁ ହେଉଥିଲା। ମାତ୍ର ଏବେ ସଂପର୍କରେ ସଂପୂର୍ଣ୍ଣତା ନ ଆସିବା, ପରସ୍ପର ସହ ଖାପ ଖୁଆଇ ଚଳି ନ ପାରିବା ଏବଂ ସ୍ୱଭାବଗତ ସମସ୍ୟା ଆଦି ମଧ୍ୟ ଛାଡପତ୍ର ପାଇଁ କାରଣ ହେଉଛି। ମହିଳାମାନେ ଶାଶୁ ଶଶୁରଙ୍କ ସହ ଏକାଠି ରହିବାକୁ ରାଜି ନ ହୋଇ ଛାଡପତ୍ର ପାଇଁ ଆବେଦନ କରୁଛନ୍ତି। ଅପରପକ୍ଷେ ପୁରୁଷମାନେ ସେମାନଙ୍କ ସ୍ତ୍ରୀମାନେ ସମ୍ଭୋଗ ପାଇଁ ନୂତନ ପ୍ରଣାଳୀ ନ ଜାଣିବା ନେଇ ଛାଡପତ୍ର ପାଇଁ ଆବେଦନ କରୁଚନ୍ତି।



# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୨ ନଭେମ୍ବର ୨୦୨୪, ଶୁକ୍ରବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ରାଜ୍ୟରେ ହାତୀ ମୃତ୍ୟୁ...

ଗଜପତିଙ୍କ ରାଜ୍ୟ ଓଡ଼ିଶା ଏବେ ଗଜଶୂନ୍ୟ ହେବାକୁ ବସିଛି। ଶିମିଳିପାଳ, ସାତକୋଶିଆ, କେନ୍ଦୁଝରଠାରୁ ଆରମ୍ଭ କରି ଚନ୍ଦକା, ବାରପାହାଡ଼, କୁଲଡିହା, ରେଢ଼ାଖୋଲ ଆଦି ଘଞ୍ଚ ଜଙ୍ଗଲ ଏକଦା ହାତୀଙ୍କ ସୁରକ୍ଷିତ ଆଶ୍ରୟସ୍ଥଳୀ ଥିଲା। ଜଙ୍ଗଲ କ୍ଷୟ, ଖାଦ୍ୟର ଅଭାବରୁ ହାତୀ ବଂଶ କମି କମି ଚାଲିଛି। ଓଡ଼ିଶାରେ ହାତୀ ମୃତ୍ୟୁହାର ଅନ୍ୟ ରାଜ୍ୟ ମାନଙ୍କ ଅପେକ୍ଷା ଅଧିକ। ଅଧୁନା ମୁଖ୍ୟ ସମସ୍ୟା ହେଲା ବିଦ୍ୟୁତ୍ ଆଘାତରେ ହାତୀ ମୃତ୍ୟୁ। ଓଡ଼ିଶାରେ ଗତ ଦଶ ବର୍ଷରେ ବିଦ୍ୟୁତ୍ ଆଘାତରେ ୧୪୨ ହାତୀଙ୍କ ଜୀବନ ଗଲାଣି। ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବନାଞ୍ଚଳ ଅନ୍ତର୍ଗତ ଚୁରମାଳ ଜଙ୍ଗଲ ବୁଢ଼ାତଇଲାଠାରେ ବାରହା ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ତାର ଫାଶରେ ପଡ଼ି ୩ଟି ହାତୀଙ୍କ ମୃତ୍ୟୁ ଘଟିଛି। ଗତ କିଛି ମାସ ଭିତରେ ୧୩ ରୁ ୧୫ ହାତୀଙ୍କ ମୃତ୍ୟୁ ଘଟିଲାଣି। ଶିକାରୀଙ୍କ ଗୁଳି ଓ ତୀରମାଡ଼ରେ ମଧ ହାତୀଙ୍କ ଜୀବନ ଯାଉଛି। କଦଳୀ ଗଛରେ, ପାଚିଲା ପଣସରେ ବିଷ ଦେଇ ହାତୀଙ୍କୁ ହତ୍ୟା ଯାଉଛି। ଟ୍ରେନ୍ ଓ ଗାଡ଼ି ଧକ୍କାରେ ବି ହାତୀ ମରୁଛନ୍ତି। ଏହି ଧାରା ଜାରି ରହିଲେ ଆଉ କିଛିବର୍ଷ ମଧ୍ୟରେ ଓଡ଼ିଶା ଜଙ୍ଗଲରୁ ହାତୀ ବଂଶ ଲୋପ ପାଇଯିବ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଚିନ୍ତା ପ୍ରକଟ କରିଛନ୍ତି। ହାତୀ ସୁରକ୍ଷା ପାଇଁ ବର୍ଷକୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ପାଟ୍ରୋଲିଂ ପାଇଁ ସ୍ୱତନ୍ତ୍ର ବନ କର୍ମଚାରୀ ଅଛନ୍ତି। ହାତୀ କରିଡ଼ର ଚିହ୍ନଟ ହୋଇଛି। ଏତେ ସବୁ ବ୍ୟବସ୍ଥା ଥାଇ ବି ବନ ବିଭାଗ ହାତୀ ମୃତ୍ୟୁ ରୋକିବାରେ ବିଫଳ ହେଉଛି। ହାତୀଦାନ୍ତ ମାଫିଆ ସଂଖ୍ୟା ବୃଦ୍ଧି? ଫଳରେ ୨୦୨୦ ଅଗଷ୍ଟ ୩୧ରେ କେନ୍ଦୁଝର ୱାଇଲ୍ଡ ଲାଇଫ୍ ଡିଭିଜନ ହରିଚନ୍ଦନପୁର ସେକ୍ସନରୁ ୧୯ କିଲୋ ଓଜନର ୧୪ ହାତୀ ଦାନ୍ତ ଜବତ ହୋଇଥିଲା। ୨୦୨୦ ଅକ୍ଟୋବର ୯ରେ ଦେଓଗଡ଼ ଡିଭିଜନ ପାଲଲହଡ଼ାର ରେଞ୍ଜରୁ ୧୦କେଜି ଓଜନର ୨ଟି, ୨୦୨୧ ଜାନୁଆରୀ ୧୩ରେ ସମ୍ବଲପୁର ଡିଭିଜନ ବରେଇପାଲିରୁ ୨ଟି, ୨୦୨୧ ଫେବ୍ରୁଆରୀ ୧୨ ଯାଜପୁର ଡିଭିଜନ କବାଟବନ୍ଧରୁ ୨ଟି, ଫେବୃଆରୀ ୧୩ରେ କରଞ୍ଜିଆ ଡିଭିଜନରୁ ଗୋଟିଏ, ୨୦୨୧ ଫେବ୍ରୁଆରୀ ୨୪ରେ ବାରିପଦା ଡିଭିଜନ ଉଦଳାରୁ ୫ ଫୁଟ ଲମ୍ବର ୨ଟି, ୨୦୨୧ ମାର୍ଚ୍ଚ ୨୬ରେ ଦେଓଗଡ଼ ଡିଭିଜନ ଖମାର ରେଞ୍ଜରୁ ୨ଟି ଓ ୨୦୨୧ ମାର୍ଚ୍ଚ ୨୬ରେ ୨ଟି, ୨୦୨୧ ଏପ୍ରିଲ ୨୪ରେ ନୟାଗଡ଼ ଡିଭିଜନ ଗଣିଆରୁ ୨ଟି, ୨୦୨୧ ଅଗଷ୍ଟ ୧୪ରେ ଦେଓଗଡ଼ ଡିଭିଜନରୁ ୨ଟି, ୨୦୨୧ ସେପ୍ଟେମ୍ବର ୪ରେ ଭଦ୍ରକ ଅଗରପଡ଼ାରୁ ଗୋଟିଏ, ଅକ୍ଟୋବର ୧୧ରେ ଦେଓଗଡ଼ରୁ ୨ଟି, ୨୦୨୧ ଅକ୍ଟୋବର ୨୭ରେ ଅନୁଗୋଳ ଡିଭିଜନ ଜରପଡ଼ା ରେଞ୍ଜରୁ ଗୋଟିଏ, ୨୦୨୧ ନଭେମ୍ବର ୮ରେ କେନ୍ଦୁଝର ଡିଭିଜନ ଲୁନାଗଡ଼ରୁ ୨ଟି, ୨୦୨୧ ନଭେମ୍ବର ୧୩ରେ ବରଗଡ଼ ଡିଭିଜନରୁ ଗୋଟିଏ, ନଭେମ୍ବର ୧୮ରେ ଖରିଆର ଡିଭିଜନ ସିନାପାଲିରୁ ୨ଟି, ଡିସେମ୍ବର ୭ରେ ବଲାଙ୍ଗୀର ଡିଭିଜନରୁ ଗୋଟିଏ, ଡିସେମ୍ବର ୧୪ରେ ଆଠଗଡ଼ ଡିଭିଜନ ଖୁଣ୍ଟୁଣିରୁ ୨ଟି, ୨୦୨୨ ଜାନୁଆରୀ ୬ରେ ଦେବଗଡ଼ ଡିଭିଜନରୁ ଗୋଟିଏ, ଫେବ୍ରୁଆରୀ ୨୩ରେ ସୋନପୁର ଡିଭିଜନରୁ ୩ଟି, ଫେବ୍ରୁଆରୀ ୨୬ରେ କେନ୍ଦୁଝର ସଦର ରେଞ୍ଜରୁ ୨ଟି, ମେ' ୪ରେ ବଲାଙ୍ଗିର ଡିଭିଜନ ମଲପଡ଼ାରୁ ୩ଟି, ମେ ୨୩ରେ ରାୟଗଡ଼ା ଗୁଡ଼ାରୀ ରେଞ୍ଜରୁ ୨ଟି ଦାନ୍ତ ଜବତ ହେଇଥିଲା। ୨୦୨୪ ନଭେମ୍ବର ମାସ ଭିତରେ ଅନେକ ହାତୀ ଦାନ୍ତ ମଧ ଜବତ ହେଇଛି। ଏଥିରୁ ହାତୀ ଶିକାରୀମାନେ କିଭଳି ସକ୍ରିୟ ଅଛନ୍ତି ତାହା ସ୍ପଷ୍ଟ ବାରି ହେଉଛି। ଶିକାରୀମାନେ ଜଙ୍ଗଲରେ ହାତୀମାରି ଦାନ୍ତ କାଟି ନେବା ପରେ ବିକ୍ରି କରିବାରେ କିଛି ସମସ୍ୟା ରହୁନାହିଁ। ରେଳ ଧକ୍କାରେ ମଧ ହାତୀଙ୍କ ଜୀବନ ଯାଉଛି। ରେଳ ଦୁର୍ଘଟଣାରେ ହାତୀ ମୃତ୍ୟୁ ଘଟିଲେ ବନବିଭାଗ କେବଳ ମାମଲା ରୁଜୁ କରି ତଳିଆ କର୍ମଚାରୀଙ୍କୁ ନିଲମ୍ବନ କରି ଚୁପ୍ ବସିପଡୁଛି।



# ସହରର ସ୍ୱପ୍ନ

## ପ୍ରଣତି ଆଚାର୍ଯ୍ୟ ମିଶ୍ର

ଆଜି ଆମ ଦେଶରେ ସହରାଞ୍ଚଳ ବିକାଶର ଆହ୍ୱାନର ମୁକାବିଲା କରିବାର ଉପାୟକୁ ଦେଖିଲେ ଲାଗୁଛି ଯେ ଆମର ନୀତି ନିର୍ମାତାମାନେ ସହରର ବିକାଶ ନାଁରେ କେବଳ ଆଶ୍ୱାସନା ତିଆରି କରିବାକୁ ଚେଷ୍ଟା କରୁଛନ୍ତି। ଆମେ ଏପରି ଏକ ସ୍ଥାନରେ ଅଟକି ରହିଛୁ ଯେଉଁଠାରେ ଯୋଜନା ଏବଂ ଉନ୍ନତି ପ୍ରକ୍ରିୟାକୁ ଫମ୍ପା ବାଇଦ ତିଆରି କରିବା କାର୍ଯ୍ୟରେ ନିୟୋଜିତ କରାଯାଇଛି । ସହରାଞ୍ଚଳ ବିକାଶ ପାଇଁ ଆମର ପ୍ରୟାସ କେବେ ଶେଷ ହେବ ତାହା ଆମେ ଜାଣିନାହୁଁ। ଭିତ୍ତିଭୂମିରେ ଉନ୍ନତି ଆଣିବା ପାଇଁ ଅସଂଖ୍ୟ ରିପୋର୍ଟ, କମିଟି ଓ ନୀତି ପ୍ରଣୟନ ସତ୍ତ୍ୱେ ସ୍ଥିତିରେ ପରିବର୍ତ୍ତିତ ନାହିଁ। ଏହାକୁ ଦୃଷ୍ଟିରେ ରଖି ନଗର ଉନ୍ନୟନ ପାଇଁ ନୂଆ ଆଭିମୁଖ୍ୟ ଆପଣାଇବାର ସମୟ ଆସିଛି। ତେବେ ସହରାଞ୍ଚଳ ବିକାଶ ପାଇଁ ଆମ ପାଖରେ ଯୋଜନା ଓ ନୀତିର ଅଭାବ ନାହିଁ। ସଚିବକମିଟି, ଜାତୀୟ ସହରାଞ୍ଚଳ ନୀତି, ସହରାଞ୍ଚଳ ଯୋଜନା କ୍ଷମତା ସଂସ୍କାର ରିପୋର୍ଟ ଏବଂ ଆହୁରି ଅନେକ ରିପୋର୍ଟ ଏହାର ପ୍ରମାଣ ଦେଉଛି। ବର୍ତ୍ତମାନ ଯାହା ଆବଶ୍ୟକ ତାହା ହେଉଛି ଆମେ ଏହି ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରିବା ଏବଂ ପ୍ରକୃତରେ ଆମର ସହରଗୁଡ଼ିକୁ ପରିବର୍ତ୍ତନ କରିବା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସହରାଞ୍ଚଳ ବିକାଶ ଉପରେ ଗୁରୁତ୍ୱାରୋପ କରିବା ସହ ଜଳବାୟୁ ପରିବର୍ତ୍ତନ ଏବଂ ସର୍କୁଲାର ଅର୍ଥନୀତି ପାଇଁ ଆହ୍ୱାନ ଦେଇଛନ୍ତି। ସେହିଭଳି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ମଧ ତାଙ୍କ ବଜେଟ୍ ଅଭିଭାଷଣରେ ସହରଗୁଡ଼ିକୁ ଅର୍ଥନୈତିକ ଅଭିବୃଦ୍ଧିର ଇଞ୍ଜିନ୍ ଭାବେ ପରିଣତ କରିବାର ଆବଶ୍ୟକତା ବିଷୟରେ କହିଥିଲେ। ସହରର ବିକାଶ ଏକ ଜଟିଳ ପ୍ରକ୍ରିୟା । ଏହା କେବଳ କୋଠା ଓ ରାସ୍ତା ନିର୍ମାଣ କରେ ନାହିଁ, ବରଂ ଲୋକଙ୍କ ଜୀବନରେ ମଧ ପରିବର୍ତ୍ତନ ଆଣିଥାଏ। ଭାରତର ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ସହରାଞ୍ଚଳ ଜନସଂଖ୍ୟା ସହିତ ଆମେ ଟ୍ରାଫିକ୍ ଜାମ୍, ପ୍ରଦୂଷଣ ଏବଂ ଦାରିଦ୍ର୍ୟ ଭଳି ଆହ୍ୱାନର ସମ୍ମୁଖୀନ ହେଉଛନ୍ତି । ତେଣୁ ନଗର ଉନ୍ନୟନ ପାଇଁ ଆମକୁ ଅର୍ଥନୈତିକ ବିକାଶ, ସାମାଜିକ ଅନ୍ତର୍ଭୁକ୍ତୀକରଣ, ପରିବେଶ ସୁରକ୍ଷା ଏବଂ ଲୋକଙ୍କ ଅଂଶଗ୍ରହଣ କୁ ସାମଗ୍ରିକ ଭାବରେ ଦେଖିବା ଉଚିତ, ଯାହାଦ୍ୱାରା ସହରଗୁଡିକର ବିକାଶ ସମସ୍ତଙ୍କ ପାଇଁ ଅନ୍ତର୍ଭୁକ୍ତ, ସ୍ଥାୟୀ ଏବଂ ଲାଭଦାୟକ ହେବ। ସମସ୍ୟା ହେଉଛି, ବାସ୍ତବ କାମ ପରିବର୍ତ୍ତେ ଏବେ ବି ରୀତିନୀତି ସମ୍ପନ୍ନ ହେଉଛି। ନିକଟରେ ୟୁଏନ୍ ହାବିଟାଟ୍ ଗ୍ଲୋବାଲ୍ ଷ୍ଟେଟ୍ ଅଫ୍ ନ୍ୟାସନାଲ ଅର୍ବାନ ପଲିସି (ଏନ୍ୟୁପି) ରିପୋର୍ଟରେ ଆମର ଅନୁପସ୍ଥିତିରୁ ଏହା ସ୍ପଷ୍ଟ ହୋଇଛି। ୭୮ଟି ଦେଶ ସେମାନଙ୍କ ସହରାଞ୍ଚଳ ଦୃଷ୍ଟିକୋଣ ଉପସ୍ଥାପନ କରିଥିବା ବେଳେ ବିଶ୍ୱର ଦ୍ୱିତୀୟ ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଦେଶ ଭାରତର ଆଭିମୁଖ୍ୟ ଶୂନ୍ୟ ରହିଛି। ଆମେ ଏହି ମାମଲାରେ ଆଉ ବିଳମ୍ବ କରିବା ସ୍ଥିତିରେ ନାହୁଁ । ସହରଗୁଡ଼ିକର ବ୍ୟବସ୍ଥା ଏବଂ ନେଟୱାର୍କର ଉନ୍ନତି, ଅନ୍ତର୍ଭୁକ୍ତ ବିକାଶ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନର ଆହ୍ୱାନର ମୁକାବିଲା, ଦକ୍ଷତା ଏବଂ ତଦାରଖ ଏବଂ ମୂଲ୍ୟାଙ୍କନ, ଭିତ୍ତିଭୂମିର ଆର୍ଥିକ ସହାୟତା, ଅର୍ଥନୈତିକ ଅଭିବୃଦ୍ଧି, ଦକ୍ଷତା ଏବଂ ଅଭିନବତା ଏସବୁ ସହରର ମୁଖ୍ୟ ବିଷୟବସ୍ତୁ । ଆମେ ଏହି ସବୁ କ୍ଷେତ୍ରରେ ଏକ ପରିବର୍ତ୍ତନ ମଧ ଦେଇ ଗତି କରୁଛୁ ଏବଂ ଆମର ସମସ୍ତ ରିପୋର୍ଟରେ ଏହି ବିଷୟଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭାବରେ ସାମ୍ନାକୁ ଆସିଛି। ବିଶ୍ଳେଷଣ ପର୍ଯ୍ୟାୟରୁ ଆଗକୁ ଯାଇ ପ୍ରକୃତ ଅର୍ଥରେ ଏସବୁ ବିଷୟରେ କାମ ଆରମ୍ଭ କରିବାକୁ ଆମେ କାହିଁକି କୁଣ୍ଠାବୋଧ କରୁଛୁ? ଆମେ ଠୋସ୍ ଅଗ୍ରଗତି କରିବା ପରିବର୍ତ୍ତେ କେବଳ ପ୍ରତୀକାତ୍ମକ ସଂସ୍କାର ଏବଂ କେବଳ ଅନୁସନ୍ଧାନମୂଳକ ପଦକ୍ଷେପରେ ସନ୍ତୁଷ୍ଟ କାହିଁକି? ଏହି ଆଭିମୁଖ୍ୟରୁ ଜଣାପଡୁଛି ଯେ ଆମେ ବଡ଼ ସଂସ୍କାର କରିବା ପାଇଁ ରାଜନୈତିକ ଇଚ୍ଛାଶକ୍ତିର ଅଭାବରେ ପୀଡିତ ଅଛୁ କିମ୍ବା ଏଜେନ୍ସିଗୁଡିକ ମଧ୍ୟରେ ସମନ୍ୱୟ ରକ୍ଷା କରିବାର ଉପାୟ ଖୋଜୁନାହୁଁ। ଆଜିର ଆବଶ୍ୟକତା ହେଉଛି ଆମର ପ୍ରାଥମିକତା ପୁନଃନିର୍ଦ୍ଧାରଣ କରିବା। ବର୍ତ୍ତମାନ ସମୟ ଆସିଛି ଯେ ଆମେ ପ୍ରତୀକାତ୍ମକ କାର୍ଯ୍ୟରୁ ଦୃଶ୍ୟମାନ ପ୍ରଗତି ଦିଗରେ କାର୍ଯ୍ୟ କରିବା । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପ୍ରଥମେ ସହରାଞ୍ଚଳ ସଂସ୍କାର ପାଇଁ ଆବଶ୍ୟକ ପଦକ୍ଷେପ। ପ୍ରଶ୍ନ ଉଠୁଛି ଯେ ଏହା ପଛରେ କ'ଣ ଆଭିମୁଖ୍ୟ ରହିଛି, ଲକ୍ଷ୍ୟ କ'ଣ, ସେଥିରୁ କ'ଣ ଲାଭ ମିଳିବ? କିଛି ପଦକ୍ଷେପ ର ଅଭାବ ପାଇଁ ଆମକୁ ବହୁ ମୂଲ୍ୟ ଦେବାକୁ ପଡୁଛି। ଏହି ନିଷ୍କ୍ରିୟତାର ପରିଣାମ ଆଜି ଆମ ସହର ଭୋଗୁଛି। ସହର ଗୁଡ଼ିକର ସାମର୍ଥ୍ୟ ଶେଷ ହୋଇଯାଇଥିବା ପରି ମନେ ହେଉଛି । ଲୋକମାନେ ବିଶ୍ୱାସ ହରାଉଛନ୍ତି ଯେ ସହରାଞ୍ଚଳ ସଂସ୍କାର କରିବା ପାଇଁ ଆମର ପ୍ରକୃତ ଇଚ୍ଛାଶକ୍ତି ଅଛି ।ସହରର ଭିତ୍ତିଭୂମିରେ ଉନ୍ନତି ଆଣିବା ପାଇଁ ଇଚ୍ଛାଶକ୍ତିର ଅଭାବ ଦୂର ହେବା ଦରକାର। ଆମକୁ ନଗର ଉନ୍ନୟନ ପାଇଁ ଏକ ସମନ୍ୱିତ ଜାତୀୟ ଦୃଷ୍ଟିକୋଣ ର ଆବଶ୍ୟକତା ରହିଛି ଯାହା ସ୍ଥାନୀୟ ସରକାରମାନଙ୍କୁ ସଶକ୍ତ କରିବ ଏବଂ ଲୋକଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବ ଏବଂ ଆମର ଧ୍ୟାନ କମିଟି ଗଠନକରିବାର ଅସୀମ ଚକ୍ର ଉପରେ ନୁହେଁ ବରଂ ଏହାର କାର୍ଯ୍ୟକାରିତା ଉପରେ ରହିବା ଉଚିତ୍ । ଆମେ ସହରୀକରଣ ପ୍ରକ୍ରିୟାକୁ କେତେ ଫଳପ୍ରଦ କରିପାରିବା ତାହା ଉପରେ ଭାରତର ସହରାଞ୍ଚଳ ଭବିଷ୍ୟତ ନିର୍ଭର କରିବ। ଆମ ପାଖରେ ଜ୍ଞାନ, ସମ୍ବଳ ଓ ସାମର୍ଥ୍ୟର ଅଭାବ ନାହିଁ। ଏସବୁ ସହିତ ଯଦି ଆଉ କିଛି ଗୁରୁତ୍ୱପୂର୍ଣ୍ଣ ଅଛି ତେବେ ତାହା ହେଉଛି ମନରେ କାମ କରିବାର ଇଚ୍ଛା ସୃଷ୍ଟି କରିବା । ଆମକୁ ଏପରି ସହର ନିର୍ମାଣ କରିବାକୁ ପଡିବ ଯାହା ନାଗରିକମାନଙ୍କର ସମ୍ପୂର୍ଣ୍ଣ ଯତ୍ନ ନେବାକୁ ସକ୍ଷମ ।


+ନୟାଗଡ଼

ମୋ:୯୪୩୭୬୪୨୯୪୭




# ବ୍ରିକ୍ସର ଆଲୋଚନା ଓ ଭବିଷ୍ୟତ

## ସୌମେନ୍ଦ୍ର ଜେନା

ରୁଷିଆର କାଜାନ ସହରଠାରେ ଅକ୍ଟୋବର ମାସ ଚତୁର୍ଥ ସପ୍ତାହରେ (୨୨-୨୫) ବ୍ରିକ୍ସ ଗୋଷ୍ଠୀର ବୈଠକ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ତାତାରସ୍ଥାନର ରାଜଧାନୀ କାଜାନ ସହରଟି ଭୋଲ୍‌ଗା ଏବଂ କାଜାଙ୍କା ନଦୀ କୂଳରେ ରହିଛି । ରୁଷିଆର ପଞ୍ଚମ ବଡ ସହର କାଜାନ ଭୋଲ୍‌ଗା କୂଳରେ ଥିବା ସବୁଠୁ ବଡ ସହର । ୧୬ଶ ଶତାବ୍ଦୀରେ ଇଭାନ ଏହାକୁ ଜୟ କରିବା ପରେ ଏହା ଜାର୍‌ଙ୍କ ଶାସନାଧୀନ ହୋଇଥିଲା । ପୁଗାଚେଭଙ୍କ ବିଦ୍ରୋହ (୧୭୭୩-୧୭୭୫) ଯୋଗୁ ଏହି ସହରଟିର ଅନେକ ଅଂଶ କ୍ଷତିଗ୍ରସ୍ତ ହୋଇଥିଲା । ହେଲେ କ୍ୟାଥେରାଇନଙ୍କ ଶାସନ କାଳରେ ଏହା ପୁଣି ମୁଣ୍ଡଟେକି ଉଠିଥିଲା । ଶିକ୍ଷ, ସଂସ୍କୃତି ଏବଂ ଧାର୍ମିକ ଦୃଷ୍ଟିରୁ ସହରଟିର ପ୍ରାଧାନ୍ୟ ଢେର ବଢିଥିଲା । ୧୯୨୦ରେ ଏହା ସୋଭିଏତ୍ ସଂଘର ଅନ୍ତର୍ଭୁକ୍ତ ହୋଇଥିଲା । ଏପ୍ରିଲ ୨୦୦୯ରେ ଏହି ସହରକୁ ରୁଷିଆର ତୃତୀୟ ରାଜଧାନୀର ମାନ୍ୟତା ପ୍ରଦାନ କରାଯାଇଥିଲା । ଯୁଦ୍ଧ ବିମାନ ଏବଂ ଟ୍ୟାଙ୍କ ନିର୍ମାଣ ପାଇଁ କାଜାନର ପ୍ରସିଦ୍ଧି ରହିଛି । କ୍ରୀଡା ପାଇଁ ଏହି ସହରର ପରିଚିତି ରହିଛି। ୨୦୨୪ ଜୁନ୍‌ରେ ବ୍ରିକ୍ସ କ୍ରୀଡା ଏଠାରେ ଅନୁଷ୍ଠିତ ହୋଇଥିଲା ।

ଅକ୍ଟୋବର ୨୨ରୁ ୨୫ ୨୦୨୪ ଚାରିଦିନ ଧରି ବ୍ରିକ୍ସର ଶିଖର ବୈଠକ କାଜାନରେ ଆୟୋଜିତ ହେବା ଅବସରରେ ୨୩ ଅକ୍ଟୋବର ଦିନ ଏକ ମିଳିତ ଘୋଷଣାପତ୍ର ପ୍ରକାଶ ପାଇଥିଲା ଯେଉଁଥିରେ ଏହି ଶିଖର ବୈଠକରେ ଯୋଗଦାନ କରିଥିବା ନେତୃବୃନ୍ଦ ସେମାନଙ୍କ ସହମତି ପ୍ରକାଶ କରିବା ସହ ବିଶ୍ୱ ବ୍ୟବସ୍ଥାର ପରିବର୍ତ୍ତନ ପାଇଁ ସଂକଳ୍ପ ନେଇଥିଲେ । ବିଶ୍ୱର ବିକାଶ ଓ ସୁରକ୍ଷା ପାଇଁ ବହୁପକ୍ଷୀୟ ବ୍ୟବସ୍ଥାକୁ ସୁଦୃଢ କରିବାକୁ ସହଯୋଗୀ ରାଷ୍ଟ୍ରଗୁଡିକ ଏକମତ ହୋଇଥିଲେ । ବ୍ରିକ୍ସର ସାଙ୍ଗଠନିକ ସୁଦୃଢତା ଏବଂ ସହଯୋଗକୁ କାଏମ୍ ରଖି ପାରସ୍ପରିକ ସ୍ୱାର୍ଥରକ୍ଷା, ରଣନୀତିକ ସଂପର୍କକୁ ମଜଭୁତ କରିବାକୁ ସ୍ଥିର ହୋଇଥିଲା । ପାରସ୍ପରିକ ବୁଝାମଣା ଓ ସମ୍ମାନରକ୍ଷା ସହ ଅଖଣ୍ଡତା, ଗଣତାନ୍ତ୍ରିକ ବ୍ୟବସ୍ଥା, ଖୋଲାପଣ, ସହଯୋଗ, ସହମତି ଉପରେ ଗୁରୁତ୍ୱାରୋପ କରିବାକୁ ସଦସ୍ୟ ରାଷ୍ଟ୍ରଗୁଡିକ ଏକମତ ହୋଇଥିଲେ । ବିଗତ ୧୬ବର୍ଷରେ ଏହି ଗୋଷ୍ଠୀରେ ରହିଥିବା ସଦସ୍ୟଭୁକ୍ତ ରାଷ୍ଟ୍ରଗୁଡିକ ସୁରକ୍ଷା, ଆର୍ଥିକ ସହଯୋଗ, ଜନସାଧାରଣଙ୍କ ମଧ୍ୟରେ ସଂପର୍କ ବୃଦ୍ଧି ଉପରେ ଜୋର ଦେଇ ଶାନ୍ତି, ପ୍ରତିନିଧିମୂଳକ ବିଶ୍ୱବ୍ୟବସ୍ଥା, ବହୁପକ୍ଷୀୟ ବ୍ୟବସ୍ଥାର ନିର୍ମାଣ, ବିକାଶ ଆଧାରିତ ନିରନ୍ତର ପ୍ରଗତି ଉପରେ ଜୋର ଦେଇ ଆସିଛନ୍ତି । ରୁଷିଆର ନେତୃତ୍ୱରେ ବ୍ରିକ୍ସର ସଦସ୍ୟ ରାଷ୍ଟ୍ର ବ୍ୟତିରେକ ଏସିଆ, ଆଫ୍ରିକା, ୟୁରୋପ, ଲାଟିନ ଆମେରିକା, ମଧ୍ୟପ୍ରାଚ୍ୟର ଅନେକ ଦେଶଙ୍କୁ ଏହି ଆଲୋଚନାରେ ସାମିଲ ହେବାର ସୁଯୋଗ ପ୍ରଦାନ କରାଯାଇଛି । ବ୍ରିକ୍ସ ଏବଂ ଦକ୍ଷିଣ ବିଶ୍ୱର ରାଷ୍ଟ୍ରଗୁଡିକର ସହଯୋଗରେ ମିଳିମିଶି ଏକ ଉତ୍ତମ ବିଶ୍ୱ ନିର୍ମାଣ ପାଇଁ ଏହି ଶିଖର ବୈଠକରେ ଆଲୋଚନା ହୋଇଥିଲା ।

ପୃଥିବୀରେ ଶକ୍ତିର କେନ୍ଦ୍ର ଏବେ ବଦଳୁଥିବା ବେଳେ ନିଷ୍ପତ୍ତି ଗ୍ରହଣ ଏବଂ ନୀତି ପ୍ରଣୟନ, ଆର୍ଥିକ ବିକାଶ, ବିଶ୍ୱରେ ସନ୍ତୁଳନରକ୍ଷା, ଶାସନଗତ ସ୍ଥିରତା ବଜାୟ ରଖିବା, ଗଣତାନ୍ତ୍ରିକ ବିଚାରକୁ ଗୁରୁତ୍ୱ ଦେବା ପାଇଁ ପ୍ରୟାସ ଜାରିରହିଛି । ଅର୍ଥନୀତିର ଜଗତୀକରଣ ସମୟରେ ସମସ୍ତଙ୍କର ଯେପରି ବିକାଶ ହୋଇପାରିବ, ଆନ୍ତର୍ଜାତିକ ସ୍ତରରେ ଯେପରି ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ ସଂପର୍କ ସୁଦୃଢ ହୋଇପାରିବ, ଜାତିସଂଘର ଘୋଷଣାନାମା ଅନୁଯାୟୀ ବିଶ୍ୱରେ ସକାରାତ୍ମକ ବ୍ୟବସ୍ଥାର ନିର୍ମାଣ, ବିଶ୍ୱ ସମସ୍ୟାର ସମାଧାନରେ ଜାତିସଂଘର ସକ୍ରୀୟ ପ୍ରୟାସ, ଆନ୍ତର୍ଜାତିକ ସ୍ତରରେ ସ୍ଥିରତା ଓ ଶାନ୍ତି ପ୍ରତିଷ୍ଠା କରିବାକୁ ଉଦ୍ୟମ, ସମାନତା, ନ୍ୟାୟ ଏବଂ ପାରସ୍ପରିକ ସମ୍ମାନକୁ ଗୁରୁତ୍ୱାରୋପ କରିବାକୁ ଏହି ଶିଖର ବୈଠକରେ ଆଲୋଚନା ହୋଇଥିଲା । ଜାତିସଂଘ ଏବଂ ଅନ୍ୟ ଆନ୍ତର୍ଜାତିକ ସଂଗଠନରେ ସମୟାନୁଯାୟୀ ପ୍ରତିନିଧିଙ୍କ ଅଂଶିଦାରୀ ଉପରେ ଜୋର ଦେବାକୁ ସ୍ଥିର ହୋଇଥିଲା ।

ବିଶ୍ୱରେ ପ୍ରଭାବଶାଳୀ, ଫଳପ୍ରଦ, ଉତ୍ତରଦାୟୀ, ପ୍ରତିନିଧିମୂଳକ ଯୋଗ୍ୟତାସମ୍ପନ୍ନ, ଗଣତାନ୍ତ୍ରିକ, ଆନ୍ତର୍ଜାତିକ ବହୁପକ୍ଷୀୟ ବ୍ୟବସ୍ଥା ନିର୍ମାଣ ପାଇଁ ଆଲୋଚନା ହୋଇଥିଲା । ବିଶ୍ୱର ନିଷ୍ପତ୍ତି ବ୍ୟବସ୍ଥାରେ ଆଫ୍ରିକୀୟ, ଲାଟିନ ଆମେରିକୀୟ ଏବଂ କ୍ୟାରିବିଆନ ରାଷ୍ଟ୍ରମାନଙ୍କୁ ସାମିଲ କରିବାକୁ ସହମତି ପ୍ରକାଶ ପାଇଥିଲା । ଆନ୍ତର୍ଜାତିକ ସଂଗଠନରେ ମହିଳାମାନଙ୍କ ଭାଗିଦାରୀ ଉପରେ ଜୋର ଦେବାକୁ କୁହାଯାଇଥିଲା । ବ୍ରାଜିଲର ଜି ୨୦ ଅଧକ୍ଷତା କାଳରେ ବିଶ୍ୱ ପ୍ରଶାସନିକ ବ୍ୟବସ୍ଥାର ପରିବର୍ତ୍ତନ ପାଇଁ ହୋଇଥିବା ଦାବିକୁ ସ୍ୱୀକାର କରାଯାଇଥିଲା । ବୈଠକରେ ଚୀନ -ଆଫ୍ରିକା ସହଯୋଗ, ଭାରତ-ଆଫ୍ରିକା ଫୋରମ ଶିଖର ବୈଠକ, ରୁଷିଆ-ଆଫ୍ରିକା ଶିଖର ଆଲୋଚନା ଏବଂ ମନ୍ତ୍ରିସ୍ତରୀୟ ସମ୍ମେଳନକୁ ପ୍ରଶଂସା କରାଯିବା ସହ ଆଫ୍ରିକା ମହାଦେଶ ସହ ସଂପର୍କ ବୃଦ୍ଧି ପାଇଁ ଜୋର ଦେବାକୁ କୁହାଯାଇଥିଲା । ୨୦୨୩ରେ ଜୋହାନ୍ସବର୍ଗର ଘୋଷଣାନାମା ଅନୁଯାୟୀ ଜାତିସଂଘର ସୁରକ୍ଷା ପରିଷଦର ପୁନର୍ଗଠନ, ଜାତିସଂଘରେ ପରିବର୍ତ୍ତନ ପ୍ରତିନିଧିତ୍ୱ ସମୟରେ ଅଧିକ ରାଷ୍ଟ୍ରଙ୍କୁ ସୁଯୋଗ ପ୍ରଦାନ, ଫଳପ୍ରଦ ସହଭାଗିତା, ବିକାଶଶୀଳ ରାଷ୍ଟ୍ରମାନଙ୍କୁ ପରିଷଦର ସଦସ୍ୟତା ଗ୍ରହଣରେ ସୁବିଧା ପ୍ରଦାନ କରାଗଲେ ବିଶ୍ୱର ଆହ୍ୱାନ ଏବଂ ସମସ୍ୟା ସମାଧାନ ନିମନ୍ତେ ଏକ ଉତ୍ତମ ବ୍ୟବସ୍ଥା ନିର୍ମାଣ ହୋଇପାରନ୍ତା । ଏସିଆ, ଆଫ୍ରିକା, ଲାଟିନ ଆମେରିକାର ରାଷ୍ଟ୍ରଗୁଡିକୁ ଆନ୍ତର୍ଜାତିକ ମାମଲାରେ ନିଷ୍ପତ୍ତି ନେବାବେଳେ ସାମିଲ କରାଯିବା ଲାଗି ମତପ୍ରକାଶ ପାଇଥିଲା । ଆଫ୍ରିକୀୟ ରାଷ୍ଟ୍ରଗୁଡିକର ଆକାଂକ୍ଷା, ଇଜୁଲୱିନୀ ସହମତି ଏବଂ ସିର୍ତ୍ତେ ଘୋଷଣାନାମାକୁ ସମର୍ଥନ କରାଯାଇଥିଲା ।

ନୀତି ଆଧାରିତ ମୁକ୍ତ ପରିବହନ, ବାଛବିଚାରଶୂନ୍ୟ ବାଣିଜ୍ୟ, ସହମତି ଆଧାରିତ ବହୁପକ୍ଷୀୟ ବାଣିଜ୍ୟ ବ୍ୟବସ୍ଥାକୁ ବିଶ୍ୱ ବାଣିଜ୍ୟ ସଂଗଠନ ଗ୍ରହଣ କରିବାକୁ କୁହାଯାଇଥିଲା । ଗରିବ ଏବଂ ବିକାଶଶୀଳ ରାଷ୍ଟ୍ରଗୁଡିକ ପ୍ରତି ଦୃଷ୍ଟି ଦେଇ ଅଯଥା କଟକଣାକୁ ବିରୋଧ କରାଯାଇଥିଲା । ଆବୁଧାବୀ (ୟୁଏଇ)ର ୧୩ଶ ମନ୍ତ୍ରିସ୍ତରୀୟ ବୈଠକରେ ନିଷ୍ପତ୍ତିକୁ ସ୍ୱାଗତ କରାଯିବା ସହ ବିଶ୍ୱ ବାଣିଜ୍ୟ ସଂଗଠନର ମନ୍ତ୍ରିସ୍ତରୀୟ ସମ୍ମିଳନୀ ନିୟମକୁ ଲାଗୁ କରିବାକୁ ପ୍ରତିଶ୍ରୁତିବଦ୍ଧତା ଦର୍ଶାଯାଇଥିଲା । ବିଶ୍ୱ ବାଣିଜ୍ୟ ସଂଗଠନର ସମସ୍ତ ବିବାଦ ସମାଧାନର ବ୍ୟବସ୍ଥା ଯେପରି ସବୁରାଷ୍ଟ୍ରଗୁଡିକ ପାଇଁ ଗ୍ରହଣ ଯୋଗ୍ୟ ହୋଇପାରିବ ସେଥିପ୍ରତି ଦୃଷ୍ଟିଦେବାକୁ କୁହାଯାଇଥିଲା । ବ୍ରିକ୍ସ ଆର୍ଥିକ ସହଯୋଗ ୨୦୨୫ର ରଣକୌଶଳ ପ୍ରସ୍ତୁତିକୁ ବୈଠକରେ ସ୍ୱାଗତ କରାଯାଇଥିଲା । ବିଶ୍ୱ ମୁଦ୍ରାପାଣ୍ଠିରୁ ଋଣ ପ୍ରଦାନ ବେଳେ ଏକ ନିର୍ଦ୍ଦିଷ୍ଟ ଆର୍ଥିକ ସୁରକ୍ଷା ଦେବା ପାଇଁ ବିଶ୍ୱ ଆର୍ଥିକ ସୁରକ୍ଷା ବ୍ୟବସ୍ଥା ନିର୍ମାଣ ଲାଗି ଜୋର ଦେବାକୁ ମତ ପ୍ରକାଶ ପାଇଥିଲା । ଏଥିପାଇଁ ବ୍ରେଟନ ଉଡ୍‌ସ ସଂସ୍ଥାଗୁଡିକର ପୁନର୍ଗଠନ ହେବା ନିହାତି ଆବଶ୍ୟକ ବୋଲି କୁହାଯାଇଥିଲା । ବିଶ୍ୱ ମୁଦ୍ରାପାଣ୍ଠିର କାର୍ଯ୍ୟକାରୀମଣ୍ଡଳୀରେ ଆଫ୍ରିକାର ସାହାରା ମରୁଭୂମି ନିକଟସ୍ଥ ଦେଶଗୁଡିକର ପ୍ରତିନିଧିତ୍ୱ ପାଇଁ କଥା ଉଠିଥିଲା । ଆନ୍ତର୍ଜାତିକ ପୁନଃନିର୍ମାଣ ଓ ବିକାଶ ବ୍ୟାଙ୍କ ୨୦୨୫ର ଅଂଶଧାରକଙ୍କ ସମୀକ୍ଷା ପାଇଁ ଦାବି ଆସିଥିଲା । ଆନ୍ତର୍ଜାତିକ ସ୍ତରରେ ଆର୍ଥିକ ଓ ମୁଦ୍ରା ବ୍ୟବସ୍ଥାର ପ୍ରଣାଳୀର ଉନ୍ନତି ନିମନ୍ତେ ବ୍ରିକ୍ସର ଭୂମିକା ଅଧିକ ରହିଛି । ତେଣୁ ସଦସ୍ୟଭୁକ୍ତ ରାଷ୍ଟ୍ରଗୁଡିକର କେନ୍ଦ୍ରୀୟ / ରାଷ୍ଟ୍ରୀୟ ବ୍ୟାଙ୍କର ଗଭର୍ଣ୍ଣର ଏବଂ ଅର୍ଥମନ୍ତ୍ରୀମାନେ ଏ ଦିଗରେ ମିଳିତ ଭାବେ ଅଧିକ କାର୍ଯ୍ୟ କରିବା ଆବଶ୍ୟକ ବୋଲି ଚର୍ଚ୍ଚା ହୋଇଥିଲା । ସମନ୍ୱିତ ବିକାଶ ୨୦୩୦ ପାଇଁ ସ୍ଥିରୀକୃତ ଲକ୍ଷ୍ୟ ହାସଲ କରିବାକୁ ନୀତି, ନିୟମ, ଦକ୍ଷତାବୃଦ୍ଧି ଉପରେ ଜୋର ଦେବାକୁ ହେବ । ଅନେକ ସମୟରେ ବିକାଶମୁଖୀ କାର୍ଯ୍ୟରେ ରାଜନୈତିକ ଦୃଷ୍ଟିରୁ ଉଦ୍ଦେଶ୍ୟମୂଳକ ଭାବେ କଟକଣା ଜାରିକରାଯିବା ଯୋଗୁ ବିକାଶ ବାଧାପ୍ରାପ୍ତ ହେଉଛି ଯାହା ଜାତିସଂଘର ଘୋଷଣାର ବିରୋଧ କହିଲେ ଠିକ୍ ହେବ । ନଭେମ୍ବର ୨୦୨୪ରେ ବ୍ରାଜିଲର ରିଓ ଡେ ଜେନିରୋଠାରେ ଜି ୨୦ ନେତୃତ୍ୱ ମଣ୍ଡଳୀର ଶିଖର ବୈଠକ ଥିବା ହେତୁ ସେଠାରେ ଯେପରି ଦକ୍ଷିଣ ବିଶ୍ୱର ସ୍ୱରକୁ ମଜଭୁତ ଢଙ୍ଗରେ ଉପସ୍ଥାପନ କରାଯିବ ସେଥିପ୍ରତି ଦୃଷ୍ଟିରଖି କାର୍ଯ୍ୟକରିବାକୁ ସମସ୍ତେ ଏକମତ ହୋଇଥିଲେ । ୨୦୨୩ରେ ନୂଆଦିଲ୍ଲୀର ଜି ୨୦ ବୈଠକ ସମୟରେ ଆଫ୍ରିକୀୟ ୟୁନିଅନକୁ ସଦସ୍ୟତା ଦେବା ପ୍ରୟାସକୁ ସମସ୍ତେ ପ୍ରଶଂସା କରିଥିଲେ ।

ଜଳବାୟୁ ପରିବର୍ତ୍ତନ ପାଇଁ ଜାତିସଂଘ ପକ୍ଷରୁ ନିର୍ଦ୍ଧାରିତ ନୀତି,ନିୟମ ଓ ଲକ୍ଷ୍ୟକୁ ଦୃଷ୍ଟିରେ ରଖି କ୍ୟୋଟୋ ପ୍ରୋଟୋକଲ୍ ଏବଂ ପ୍ୟାରିସ ବୁଝାମଣାକୁ ସମ୍ମାନ ପ୍ରଦର୍ଶନପୂର୍ବକ ଏହାକୁ ଲାଗୁ କଲାବେଳେ ଭିନ୍ନ ଭିନ୍ନ ଦେଶର ସ୍ଥାନୀୟ ପରିସ୍ଥିତିକୁ ମଧ ଧ୍ୟାନ ଦିଆଯିବା ଆବଶ୍ୟକ ବୋଲି ମତପ୍ରକାଶ ପାଇଥିଲା । ଗ୍ରୀନ ହାଉସ ଗ୍ୟାସର ଅପସାରଣ ନିମନ୍ତେ ଆବଶ୍ୟକ ଆର୍ଥିକ ସହାୟତା, ଟେକ୍ନୋଲୋଜିର ହସ୍ତାନ୍ତରଣ ଏବଂ ଦକ୍ଷତା ବୃଦ୍ଧି ଉପରେ ଜୋର ଦେବାକୁ କୁହାଯାଇଥିଲା । ୨୦୨୨ରେ ଇଜିପଟର ଶର୍ମ ଏଲ୍-ଶେଖଠାରେ କୋପ୍୨୭ (କନ୍‌ଫରେନ୍ସ ଅଫ୍ ପାର୍ଟିଜ୍)ର ବୈଠକ, ୨୦୨୩ରେ ସଂଯୁକ୍ତ ଆରବ ଅମିରାତର ଦୁବାଇଠାରେ କୋପ୍ ୨୮ର ବୈଠକ ଆୟୋଜନର ପ୍ରଶଂସା କରାଯାଇଥିଲା ୨୦୨୪ରେ ଆଜରବୈଜାନଠାରେ କୋପ୍୨୯ର ବୈଠକର ସଫଳତା ଏବଂ ବ୍ରାଜିଲଠାରେ କୋପ୍ ୩୦ର ବୈଠକ ୨୦୨୫ ପାଇଁ ଶୁଭେଚ୍ଛା ସନ୍ଦେଶ ସହ ୨୦୨୮ରେ ଭାରତରେ କୋପ୍୩୩ର ବୈଠକ ଆୟୋଜନ କରିବାକୁ ଥିବା ହେତୁ ସମର୍ଥନ ପ୍ରଦାନ କରାଯାଇଥିଲା।

ଜୈବିକ ବିବିଧତାର ରକ୍ଷା ପାଇଁ କୁନମିଙ୍ଗ -ମଣ୍ଟ୍ରିଲ ବିଶ୍ୱ ଜୈବିକ ବିବିଧତାର କାର୍ଯ୍ୟଯୋଜନାକୁ ଗ୍ରହଣ କରି କାର୍ଯ୍ୟ କରିବାକୁ ସହମତି ପ୍ରକାଶ ପାଇଥିଲା । ଏଥିପାଇଁ ବିକଶିତ ରାଷ୍ଟ୍ରସମୂହ ବିକାଶଶୀଳ ରାଷ୍ଟ୍ରଗୁଡିକୁ ସୁବିଧାରେ ଅର୍ଥ ଯୋଗାଇଦେବା ଆବଶ୍ୟକ । ଏ କ୍ଷେତ୍ରରେ ଦକ୍ଷତା ବିକାଶ, ଟେକ୍ନୋଲୋଜୀ ହସ୍ତାନ୍ତରଣ ସମ୍ଭବ ହେଲେ ସମସ୍ତେ ଏଥିରୁ ଉପକୃତ ହେବେ । ୨-୧୩ ଡିସେମ୍ବର ୨୦୨୪ ପର୍ଯ୍ୟନ୍ତ ସାଉଦି ଆରବର ରିୟାଦଠାରେ ଜାତିସଂଘର ମରୁଭୂମି ରୋକିବାକୁ ହେବାକୁ ଥିବା ଆଲୋଚନାର ୧୬ଶ ଅଧିବେଶନର ସଫଳତା ଆଶା କରାଯାଇଥିଲା । ବିଶ୍ୱରେ ଜଳସଂକଟ ବୃଦ୍ଧି ହେଉଥିବା ଦୃଷ୍ଟିରୁ ସଂଯୁକ୍ତ ଆରବ ଅମିରାତ ଏବଂ ସେନେଗାଲ ତରଫରୁ ମିଳିତ ପ୍ରୟାସକ୍ରମେ ୨୦୨୬ରେ ୟୁଏଇଠାରେ ହେବାକୁ ଥିବା ଜାତିସଂଘ ଜଳ ସମ୍ମିଳନୀର ସଫଳତା ପାଇଁ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା ।


ଭାରତୀୟ ସମ୍ବାଦ ସେବା (ଭାସ୍)

ଭୁବନେଶ୍ୱର-୭୫୧୦୦୩





## ଜୋତା

### ଡ. ଦୀପକ କୁମାର ମିଶ୍ର



ସାରା ଦେହର ପାପଭାରା ବୋହି  
ଦୌଡ଼ି ଦୌଡ଼ି  
ଲଗାମଛଡ଼ା ଏଡ଼ିକୁ  
ବ୍ରହ୍ମାଣ୍ଡ ବୁଲେଇ ସାରିଲା ପରେ  
ଅଲୋଡ଼ା ହୋଇପଡ଼େ ଜୋତା  
କିମ୍ବାଇ ଯେ  
ଠିକ୍ ଦାଣ୍ଡ ଦୁଆରରେ !!

ଘରୁ ଦପ୍ତର, ଦପ୍ତରୁ ବଜାର  
ଭାଗ୍ୟ ଦୁର୍ଭାଗ୍ୟକୁ ସବୁଦିନେ ତ  
ମୁଣ୍ଡରେ ମୁଣ୍ଡେଇ  
ଜିତାପଟ୍ ଦମ୍ଭରେ ଚାଲୁଥାଏ ବିଚରା  
କାଦୁଅ ହେଉ କି କଣ୍ଟା  
ହରଦମ ଲଢ଼ିପଡ଼େ

ଅଛୁଆଁ ଦେହରେ ବି ଛୁଁଥାଏ  
ଜୀବନର ସବୁତକ ପୀଡ଼ା ।

ଗଣିକାପଡ଼ାରେ ପାଦ ଦେଉ ଦେଉ  
ନିଶବ୍ଦରେ ଗର୍ଜିଉଠେ  
ଠୋ ଠୋ ରସିକିଆ ନାଗରାର ଶବ୍ଦ  
ପାପପୁଣ୍ୟର ଉର୍ଦ୍ଧ୍ୱରେ ରହି  
ଜଗିଥାଏ ମନ୍ଦିରର ଦ୍ୱାର  
ପୋଡ଼ି ଯାଉଥିବା ଯନ୍ତ୍ରଣାରେ  
ସଗର୍ବରେ ଥୋଇଦିଏ ଚାଉଁଚାଉଁ ପାଦ।

ହୁସିଆର ରହିଥା'  
ସବଜାନତା ସାକ୍ଷୀଟିଏ ପା' ସିଏ  
ସବୁ ଉଡ଼ନ୍ତା ପକ୍ଷୀଙ୍କର ପେଟକଥା  
ତାକୁ ହିଁ ଗୋଚର  
ଲୁଚାଛପା ମଣିଷର ଗତି  
ଅସନା ମାନଚିତ୍ରରେ ତା'ର ପୁରା  
ଲିପିବଦ୍ଧ

ମୁହଁ ଟିକେ ଖୋଲିଦେଲେ ଖାଲି  
ଖୋଲିଯିବ ମୁଖା  
ଏଇ ଭଦ୍ରଲୋକିଆ ନଗ୍ନ ଶରୀରର ।

କଥୋପକଥନରେ କେତେ ରାତି  
ନକାଟିଛି ଯେ ସାଥି ପାହାଚ ସହିତ  
ଆସି ଦେଖ  
ଛାପିଦେଇଛି ତା ଛାତିରେ ଅଲକ୍ଷ୍ୟରେ  
ମଣିଷର ବେହିସାବ ପାପ ନଥିପତ୍ର ।

ଘୋରିହୋଇ ତୁଟିତୁଟି ଆସିଲେ  
ଜୀବନର ମୋହ  
ପୁଣି ଯାଇ ମାପ ଦିଆ ହୁଏ  
ନବକଳେବର କରିବାକୁ  
ପୁଣି କେତେ ଯନ୍ତ୍ରଣା ଯାତ୍ରାର ।


ଭୁବନେଶ୍ୱର

ମୋ:୮୨୮୦୨୧୧୦୦୦


## ଦରିଆରୁ ଦରିଆ

### ଗଜାନନ ମିଶ୍ର

ଯା' ଭାସି ଯା', ଡଙ୍ଗା  
ଭାସି ଭାସି ଯା  
ଦରିଆରୁ ଦରିଆ।

ଅବୋଧ ଶିଶୁ ମୁଁ  
ଦେଖୁଛି ତୋର ଭାସିଯିବାଟା।  
ସେଇଠି ଧରିବୁ କୂଳ  
ଯୋଉଠି ତୋ ନିଜ ଇଚ୍ଛା।

ଡଙ୍ଗାରେ,  
ତୋର ମୋର ସମାନ ଦଶା।  
ଉଭୟେ ଭାସୁଛେ ଆମେ  
ଦରିଆରୁ ଦରିଆ।

ଯା' ଯା ଡଙ୍ଗା, ଯେଉଁଆଡେ  
ତୋର ଇଚ୍ଛା, ଯା'।  
ଆଉ ଗଲାବେଳେ ନେଇ ଯା'  
ମୋର ସବୁ ଗର୍ବ ଅହଙ୍କାର।

ନା ଡଙ୍ଗା, ବଡ ହେବାକୁ  
ମୁଁ ଚାହେଁ ନା।  
ଅବୋଧ ଶିଶୁ ହୋଇ  
ଦେଖିବାକୁ ଚାହେଁ ତୋର  
ଯିବା ଆସିବା ଯିବା।

ଜାଣୁ ତୁ ଡଙ୍ଗା  
ସତ୍ୟ କୋଉଟା,  
ଜାଣୁ, ସତ୍ୟ ପ୍ରୟୋଗ  
ତରିକା, ବାସ୍ତବତା।

ଯା' ଯା'  
ଯା' ହଲିଝୁଲି,  
ପଡି ଉଠି ଯା'।  
ଦେଶ ଦେଶ ଏକା ଏକା,  
ଯା' ଡଙ୍ଗା ଯା'।

ମତେ ଜଣା ସବୁ ପତ୍ତା,  
ଶକ୍ତ ତୁ,  
ଧ୍ରୁବ ତୁ,  
ଏକା ଏକା ଯିବାରେ  
ସମର୍ଥ ତୁ।

ମାନବିକତାର  
ଆଧାରଶିଳା ତୁ, ଡଙ୍ଗା!  
ଆଲୋକର, ଦୟାର,  
କରୁଣାର, ସୃଷ୍ଟି ସ୍ଥିତି  
ପ୍ରଳୟକୁ ସମ୍ଭାଳି ରଖିବାର  
ଉଡାଉ ଥା' ପତାକା।


ତପୋବନ,

ଟିଟିଲାଗଡ-୭୬୭୦୩୩



# କରୀନାଙ୍କ ଉଜ୍ଜ୍ୱଳ ତ୍ୱଚାର ରହସ୍ୟ

ଅଭିନେତ୍ରୀ କରୀନା କପୁରଙ୍କ ଯୁବସୁଲଭ ଠାଣି ଓ ନିଖୁଣ ତଥା ଉଜ୍ଜ୍ୱଳ ତ୍ୱଚା ତାଙ୍କୁ ସୌନ୍ଦର୍ଯ୍ୟର ଦେବୀପ୍ରତିମା ଭାବେ ଗଢ଼ି ତୋଳିଛି। ସରଳ ଖାଦ୍ୟ ଅଭ୍ୟାସ ଓ ନିୟମିତ ଚର୍ମର ଯତ୍ନ ହେତୁ ତାଙ୍କର ଏପରି କାଳଜୟୀ ଉଜ୍ଜ୍ୱଳତା ଜାରି ରହିଛି ବୋଲି ସେ ଦର୍ଶାଇଥାନ୍ତି। 'ଭଗ୍? ଇଣ୍ଡିଆ' ସହିତ ତାଙ୍କର ଏକ ସାକ୍ଷାତ୍?କାରରେ ସେ ଉନ୍ମୋଚନ କରିଥିବା ତିନିଟି 'ତ୍ୱଚା ବିଧାନ' ବାବଦରେ ଜାଣିବା। କରୀନାଙ୍କ କହିବାନୁସାରେ, ତାଙ୍କ ସକାଳର ନିତ୍ୟକର୍ମ ସତେଜତାର ସହ ଅତ୍ୟନ୍ତ ସରଳ। ସେ କିଛି ତାଜା ଫଳ ଓ ସାଧାରଣ ତାପମାତ୍ରାର ଗିଲାସେ ପାଣି ପିଇ ନିଜର ଦିନଚର୍ଯ୍ୟା ଆରମ୍ଭ କରିଥା'ନ୍ତି। ତେବେ ତାଙ୍କର ଖାଦ୍ୟ ଓ 'ତ୍ୱଚା ବିଧାନ' ବାବଦରେ ସେ କହିଥିଲେ ଯେ, ଚମକପ୍ରଦ ତ୍ୱଚା ପାଇଁ ଏକ ସନ୍ତୁଳିତ ଖାଦ୍ୟ ଅପରିହାର୍ଯ୍ୟ।

ଜଣେ ଭଲ ପୋଷଣ ପାଇଲେ ହିଁ ମନରେ ଖୁସି ଅନୁଭବ ଆସିଥାଏ। ବେଳେବେଳେ କଠୋର ଖାଦ୍ୟ ନିର୍ଘଣ୍ଟ ଅନୁସରଣ କଲେ ଏଣୁତେଣୁ ଖାଇଦେବାକୁ ମନ ବଳିପାରେ। ତେଣୁ ସର୍ବଦା ଦୈନିକ ତିନିରୁ ଚାରିଟି ସୁସ୍ଥ ସନ୍ତୋଷଜନକ ସଂପୂର୍ଣ୍ଣ ଭୋଜନ ଦରକାର, ଯାହା ଆନନ୍ଦ ମଧ୍ୟ ଦେଇପାରିବ। ଚର୍ମ ଯତ୍ନ ପାଇଁ ତାଙ୍କର ତିନିଟି ସରଳ ନିୟମ ହେଲା: ପ୍ରଥମେ ମେକ୍-ଅପ୍ ନେଇ କେବେ ଶୋଇବାକୁ ଯିବ ନାହିଁ। ଦ୍ୱିତୀୟରେ ଦିନକୁ ଅତି କମ୍‌ରେ ତିନି ଲିଟର ପାଣି ପିଇବା ବାଞ୍ଛନୀୟ। ସେହିପରି ତୃତୀୟ ନିୟମଟି ହେଉଛି, ଯେତେବେଳେ ଯୁଆଡ଼େ ଗଲେ ବି ପାଖରେ ମଏଶ୍ଚରାଇଜର ସାଇତି ରଖିବା ଦରକାର। ଏପରିକି ତ୍ୱଚାରେ ଉଠିଥିବା ସାମାନ୍ୟ ବ୍ରଣ ପାଇଁ ପ୍ରଭାବିତ ସ୍ଥାନରେ ଟିକିଏ ଟୁଥ୍‌ପେଷ୍ଟ୍ ବୋଳିଦେବା ମଧ୍ୟ ଚମତ୍କାର ଫଳାଫଳ ଆଣିଥାଏ ବୋଲି ସେ ତାଙ୍କର ନିଜସ୍ୱ ଉପଚାର ବତାଇଥିଲେ। ଏଥି ସହିତ ଚର୍ମରେ ଆଲମଣ୍ଡ ତେଲ ମାଲିସ କରିବା ଭଳି ଘରୋଇ ଉପଚାର କଥା ମଧ୍ୟ ସେ କହିଥିଲେ। ଶୁଷ୍କ ଚର୍ମ ପାଇଁ ଦହି ଓ ଆଲମଣ୍ଡ ତେଲର ମିଶ୍ରଣ ଭଲ କାମ ଦିଏ ବୋଲି କରୀନାଙ୍କର ମତ। ଗରମ ଦିନରେ ସତେଜ ରହିବାକୁ ସେ ମୁହଁରେ ଶୀତଳୀକୃତ ବାମ୍ପ ନେବାକୁ ପସନ୍ଦ କରିଥା'ନ୍ତି।

# ମୋତେ ଭୂତ ବେଶରେ ଦେଖିବା ପରେ ପୁଅ କରିଥିଲା ଖୁବ୍ ପ୍ରଶଂସା



ଚଳିତ ବର୍ଷ ଦୀପାବଳିରେ ଅନିସ୍ ବାଜମିଙ୍କ 'ଭୁଲ୍ ଭୁଲେୟା ୩' ରିଲିଜ୍ ହୋଇଥିଲା। ବକ୍ସ ଅଫିସ କଲେକ୍ସନ ଦେଖିବାକୁ ଗଲେ 'ଭୁଲ ଭୁଲେୟା ୩' ୧୭ ଦିନ ମଧ୍ୟରେ ବକ୍ସ ଅଫିସରେ ୨୩୧.୪ କୋଟି ଟଙ୍କା ଆୟ କରିଛି। 'ଭୁଲ ଭୁଲେୟା ୩'ରେ କାର୍ତ୍ତିକ ଆର୍ଯ୍ୟନ, ବିଦ୍ୟା ବାଲାନ୍, ମାଧୁରୀ ଦୀକ୍ଷିତ୍ ଏବଂ ତୃପ୍ତି ଡିମରିଙ୍କ ଦମଦାର ଅଭିନୟ ଦେଖିବାକୁ ମିଳିଥିଲା। ତେବେ ଏହି ସିନେମା ଯେତିକି ସଫଳ ହୋଇ ଚାଲୁଛି ମାଧୁରୀ ବି ସେତିକି ଚର୍ଚ୍ଚାର ପରିସରକୁ ଆସୁଛନ୍ତି। ସିନେମା ରିଲିଜ ପରେ ଏକ ସାକ୍ଷାତକାରରେ ମାଧୁରୀ 'ଭୁଲ ଭୁଲେୟା ୩' ସିନେମାକୁ ନେଇ କହିଛନ୍ତି, 'ମୋ ଦୁଇପୁଅ ଆମେରିକାରେ ରହି ପାଠପଢୁଛନ୍ତି। ପୁଅ ଆମେରିକାର ଥିଏଟରରେ ତାର ସାଙ୍ଗମାନଙ୍କ ସହ 'ଭୁଲ ଭୁଲେୟା ୩' ଦେଖିଥିଲା। ଆଉ ଖୁବ ପ୍ରଶଂସା ବି କରିଛି। ସିନେମା ଦେଖିବା ପରେ ପୁଅ ମୋତେ ଫୋନ କରିଥିଲା। ଆଉ କହିଥିଲା, 'ମା' ସିନେମା ଖୁବ ଭଲ ଓ ମଜାଳିଆ ହୋଇଛି। ତୁମକୁ ଭୁତ ଭୂମିକାରେ ଦେଖିବାକୁ ଖୁବ ଭଲ ଲାଗିଥିଲା।'

# ଡିସେମ୍ବରରେ ପଡ଼ିବ କିର୍ତ୍ତୀ ସୁରେଶଙ୍କ ହାତଗଣ୍ଠି



ହାତକୁ ଦି' ହାତ ହେବାକୁ ଯାଉଛନ୍ତି ଅଭିନେତ୍ରୀ କିର୍ତ୍ତୀ ସୁରେଶ। ଦୀର୍ଘ ଦିନର ପ୍ରେମିକ ଅଣ୍ଟୋନି ଥାଟିଲଙ୍କୁ ବିବାହ କରିବେ 'ମହାନତୀ' ଫେମ୍। ଡିସେମ୍ବର ଦ୍ୱିତୀୟ ସପ୍ତାହରେ ଆଣ୍ଟୋନି ଓ କିର୍ତ୍ତୀଙ୍କ ହାତଗଣ୍ଠି ପଡ଼ିବା ନେଇ ବିଶେଷ ସୂତ୍ରରୁ ସୂଚନା ମିଳିଛି। ସେ ଏନେଇ ଖୁବ୍ ଶୀଘ୍ର ଘୋଷଣା କରିପାରନ୍ତି। ଆଣ୍ଟୋନି ଜଣେ ଦୁବାଇର ବ୍ୟବସାୟୀ। ଉଭୟ ଦୀର୍ଘ ୧୫ ବର୍ଷ ହେବ ରିଲେସନସିପରେ ଥିଲେ। ଗୋଆରେ ସେମାନଙ୍କ ବାହାଘର ହେବା ନେଇ ଚର୍ଚ୍ଚା ହେଉଛି। କିନ୍ତୁ ବର୍ତ୍ତମାନ ସୁଦ୍ଧା ଅତିଥି ତାଲିକା ପ୍ରକାଶ କରାଯାଇ ନାହିଁ। ରିପୋର୍ଟ ଅନୁଯାୟୀ, ଆଣ୍ଟୋନି ଥାଟିଲ ଏବଂ କିର୍ତ୍ତୀ ସୁରେଶ ପିଲାଦିନର ବନ୍ଧୁ। ଉଭୟ ଗୋଟିଏ ବିଦ୍ୟାଳୟରେ ପଢୁଥିଲେ। କିର୍ତ୍ତୀ ସୁରେଶ ପ୍ରଯୋଜକ ଜି ସୁରେଶ କୁମାର ଏବଂ ଅଭିନେତ୍ରୀ ମିନାକା ସୁରେଶଙ୍କ ଝିଅ। ୨୦୦୦ରେ ଶିଶୁ କଳାକାର ଜରିଆରେ ଅଭିନୟ ଜଗତରେ ଡେବ୍ୟୁ କରିଥିଲେ କିର୍ତ୍ତୀ ସୁରେଶ। ଏହାପରେ ମାଲୟାଲମ ସିନେମା ଗୀତାଞ୍ଜଳିରେ ମୁଖ୍ୟ ଭୂମିକାରେ ଅଭିନୟ କରି ଯାତ୍ରା ଆରମ୍ଭ କରିଥିଲେ। 'ମହାନତୀ'ରେ ଉଚ୍ଚକୋଟୀର ଅଭିନୟ ପାଇଁ ସେ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ଜାତୀୟ ପୁରସ୍କାର ପାଇଥିଲେ। 'ମହାନତୀ' କିମ୍ବଦନ୍ତୀ ଅଭିନେତ୍ରୀ ସାବିତ୍ରୀଙ୍କ ଆତ୍ମଜୀବନୀ ଉପରେ ଆଧାରିତ ସିନେମା। ମହାନତୀ ବ୍ୟତୀତ ସେ 'ରିଙ୍ଗ୍ ମାଷ୍ଟର', 'ମିସ୍ ଇଣ୍ଡିଆ', 'ଦଶରା' ଆଦି ସିନେମା ପାଇଁ ବେଶ୍ ଜଣାଶୁଣା। ବରୁଣ ଧାଓ୍ୱନଙ୍କ ବେବି ଜନ୍ ଜରିଆରେ ମଧ୍ୟ ବଲିଉଡ୍ ଡେବ୍ୟୁ କରିଥିଲେ କିର୍ତ୍ତୀ ସୁରେଶ।

# ମୋ ପୁଅକୁ ଖୁସି ଦେଇଛନ୍ତି ଶୋଭିତା; ବିବାହ ପୂର୍ବରୁ ଏଭଳି କହିଲେ ନାଗାର୍ଜୁନ



ସାଉଥ ଷ୍ଟାର ନାଗା ଚୈତନ୍ୟ ଏବଂ ଶୋଭିତା ଧୁଳିପାଲା ଏବେ ଚର୍ଚ୍ଚାରେ ଅଛନ୍ତି। ଏହି ଦମ୍ପତି ସେମାନଙ୍କ ସମ୍ପର୍କକୁ ବହୁତ ଲୁଚାଇ ରଖିଥିବା ବେଳେ କିଛି ଦିନ ତଳେ ନିର୍ବନ୍ଧ କରି ନିଜ ସମ୍ପର୍କ ବିଷୟରେ ସମସ୍ତଙ୍କୁ ଜଣାଇଥିଲେ। ଅଗଷ୍ଟ ମାସ ଆରମ୍ଭରେ, ସେମାନେ ନିର୍ବନ୍ଧ କରି ପରସ୍ପରକୁ ଭଲ ପାଉଥିବା ବିଷୟରେ ସାର୍ବଜନୀନ କରିଥିଲେ। ନିର୍ବନ୍ଧ ପରେ ପ୍ରଶଂସକମାନେ ଏହି ଦମ୍ପତିଙ୍କ ବିବାହକୁ ଅପେକ୍ଷା କରିଛନ୍ତି। ଏବେ ଚୈତନ୍ୟ ଏବଂ ଶୋଭିତାଙ୍କ ବିବାହର ତାରିଖକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଥିବା ବେଳେ ଦୁହେଁ ଡିସେମ୍ବର ୪ରେ ବିବାହ କରିବେ ବୋଲି ଜଣାପଡିଛି । ଏମଧ୍ୟରେ ଚୈତନ୍ୟଙ୍କ ବାପା ତଥା ସାଉଥ ସୁପରଷ୍ଟାର ନାଗାର୍ଜୁନ ନିଜ ବୋହୂକୁ ନେଇ ଖୁସି ବ୍ୟକ୍ତ କରିଛନ୍ତି । ବୋହୂ ଶୋଭିତା ପୁଅକୁ ଖୁସି ଦେଇଥିବା କହିଛନ୍ତି ନାଗାର୍ଜୁନ । ତାଙ୍କ କହିବା ମୁତାବକ, 'ମୁଁ ଶୋଭିତାଙ୍କୁ ବହୁତ ପୂର୍ବରୁ ଜାଣିଛି । ସେ ମୋ ପୁଅକୁ ଡେଟ କରିବା ପୂର୍ବରୁ ମୁଁ ତାଙ୍କୁ ଜାଣିଛି । ସେ ବହୁତ ଭଲ ଝିଅ ଏବଂ ନିଜ ହିସାବରେ ନିଜ ଜୀବନ ବଞ୍ଚିବାକୁ ସେ ଭଲପାନ୍ତି । ସେ କୌଣସି ପ୍ରକାରର ଚଳଚ୍ଚିତ୍ର କିମ୍ବା ଧାରାବାହିକ କରିପାରିଥାନ୍ତେ । କିନ୍ତୁ ସେ ନିଜ କ୍ୟାରିୟର ସହିତ କ'ଣ କରିବେ ତାହା ନିଜେ ସ୍ଥିର କରି ଏବେ ଆଗେଇ ଚାଲିଛନ୍ତି। ସେ ମୋ ପୁଅକୁ ବହୁତ ଖୁସି ଦେଇଛନ୍ତି । '

# ଜବାବ ଦେବାକୁ ସମୟ ନାହିଁ; ନୟନଙ୍କ ସହ ବିବାଦକୁ ନେଇ ମୁହଁ ଖୋଲିଲେ ଧନୁଷଙ୍କ ବାପା





'ଲେଡି ସୁପରଷ୍ଟାର' ନୟନତାରାଙ୍କ ଜୀବନ ଏବଂ କ୍ୟାରିୟର ଉପରେ ଆଧାରିତ ନେଟଫ୍ଲିକ୍ସ ଡକ୍ୟୁମେଣ୍ଟାରୀ 'ନୟନତାରା: ବିଅଣ୍ଡ୍ ଫେରି ଟେଲ୍' ମୁକ୍ତିଲାଭ କରିଛି। ନଭେମ୍ବର ୧୮ରେ ଏହା ରିଲିଜ୍ ହୋଇଥିବା ବେଳେ ଅଭିନେତ୍ରୀ, ସୁପରଷ୍ଟାର ଧନୁଷଙ୍କୁ ଟାର୍ଗେଟ କରିବା ଖବର ଏବେ ଚାରିଆଡ଼େ ଚର୍ଚ୍ଚାରେ । ଏକ ଇନଷ୍ଟା ପୋଷ୍ଟ ଜରିଆରେ ଆଉ କେତେ ତଳକୁ ଖସିବ ବୋଲି ଧନୁଷଙ୍କୁ ପଚାରିଥିଲେ ନୟନ । ଏବେ ତାଙ୍କୁ ଯବାବ ଦେଇଛନ୍ତି ଧନୁଷଙ୍କ ବାପା କସ୍ତୁରୀ ରାଜା । ଧନୁଷଙ୍କ ବିରୋଧରେ ଅଣାଯାଇଥିବା ଅଭିଯୋଗ ମିଛ ବୋଲି କସ୍ତୁରୀ ରାଜା କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, 'ଧନୁଷ ତାଙ୍କର ଆଗାମୀ ଚଳଚ୍ଚିତ୍ରରେ ବ୍ୟସ୍ତ ଅଛନ୍ତି ଏବଂ ଏହି ସବୁ ଜିନିଷ ପାଇଁ ତାଙ୍କ ପାଖରେ ସମୟ ନାହିଁ । ଆମ ପାଇଁ କାମ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆମେ ଆଗକୁ ବଢୁଛୁ । ଯେଉଁମାନେ ଆମକୁ ଅନୁସରଣ କରୁଛନ୍ତି କିମ୍ବା ଆମ ପଛରେ ଆମ ବିଷୟରେ କଥାବାର୍ତ୍ତା କରୁଛନ୍ତି ସେମାନଙ୍କ ପାଇଁ ଆମ ପାଖରେ ସମୟ ନାହିଁ । ମୋ ଭଳି ମୋ ପୁଅ ମଧ୍ୟ କେବଳ କାମ ଉପରେ ଧ୍ୟାନ ଦିଏ ।'
ଉଲ୍ଲେଖଯୋଗ୍ୟ, ୩ଦିନ ତଳେ ନୟନ ଇନଷ୍ଟାରେ ପୋଷ୍ଟ କରିଥିଲେ ଯେ "ଏନଓସି ପାଇଁ ଆପଣଙ୍କ ସହିତ ଦୀର୍ଘ ଦୁଇ ବର୍ଷର ଲଢ଼େଇ ପରେ ଆମେ ହାର୍ ମାନିଛୁ। ଆପଣ 'ନାନୁମ୍ ରାଉଡି ଧାନ'ର କୌଣସି ବି ଦୃଶ୍ୟ ବା ଗୀତ ଦେବା ପାଇଁ ଅନୁମତି ନଦେବାରୁ ଆମେ ଡକ୍ୟୁମେଣ୍ଟାରୀକୁ ପୁଣି ଥରେ ଏଡିଟ୍ କରି ଏହାକୁ ରିଲିଜ୍ କରିବାକୁ ଯାଉଛୁ। ଏବେ ଯାଏ ଆପଣ ଯେତେ ତଳକୁ ଖସିଥିଲେ, ଏହା ତା'ଠାରୁ ବି ନିମ୍ନସ୍ତର। ଫିଲ୍ମର ଅଡିଓ ଲଞ୍ଚ ସମୟରେ ମଞ୍ଚରେ ନିଜ ପ୍ରଶଂସକଙ୍କ ଆଗରେ ଯେଉଁ ମଣିଷ ବୋଲି ଆପଣ ଦେଖାନ୍ତି, ଯଦି ଅସଲ ଜୀବନରେ ତା'ର ଅଧା ବି ହୋଇଥାନ୍ତେ ତେବେ କେତେ ଭଲ ହୋଇଥାନ୍ତା। ଆମକୁ ୧୦କୋଟିର ନୋଟିସ୍ ମିଳିଛି ଏବଂ ଆମେ ଏହାର ଉଚିତ୍ ଜବାବ ଦେବୁ।'

# ମେହେନ୍ଦୀ ରଙ୍ଗର ଶାଢ଼ିକୁ ମୋତି ଗଳାହାର, ଆକର୍ଷଣୀୟ ଲୁକ୍‌ରେ ରଶ୍ମିକା ମନ୍ଦାନା



ଯେତେବେଳେ ବି ଅଭିନେତ୍ରୀ ରଶ୍ମିକା ମନ୍ଦାନା ତାଙ୍କ ଫଟୋ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରନ୍ତି, ପ୍ରଶଂସକମାନେ ତାଙ୍କୁ ପ୍ରଶଂସା କରିବାରେ କଦାପି ହେଳା କରନ୍ତି ନାହିଁ। ତାଙ୍କର ସବୁ ଫଟୋ ତାଙ୍କ ପ୍ରଶଂସକଙ୍କୁ ବେଶ ଆକର୍ଷିତ କରେ। ବର୍ତ୍ତମାନ ସେମିତି କିଛି ଦେଖିବାକୁ ମିଳିଛି। ବଲିଉଡ୍ ଏବଂ ସାଉଥ୍ ଅଭିନେତ୍ରୀ ରଶ୍ମିକା ମନ୍ଦାନା ତାଙ୍କ ଆଗାମୀ ଫିଲ୍ମ 'ପୁଷ୍ପା ୨' ପାଇଁ ଆଜିକାଲି ଚର୍ଚ୍ଚାରେ ଅଛନ୍ତି। ରବିବାର ବିହାରର ପାଟନା ଜିଲ୍ଲାରେ 'ପୁଷ୍ପା ୨' ର ବିସ୍ଫୋରକ ଟ୍ରେଲର ଲଞ୍ଚ କରାଯାଇଥିଲା। ଏହି ସମୟ ମଧ୍ୟରେ ଏକ ବଡ଼ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା। ଏଠାରେ ଲୋକମାନଙ୍କର ଆଖି ତାଙ୍କ ଚେହେରା ଉପରେ ହିଁ ଥିଲା। ଟ୍ରେଲର ଲଞ୍ଚ ଅବସରରେ ଅଭିନେତ୍ରୀ ରଶ୍ମିକା ମନ୍ଦାନା ତାଙ୍କର ଲାଟେଷ୍ଟ୍ ଏଥେନିକ୍ ଲୁକ୍‌ରେ କ ଫଟୋସୁଟ୍ କରିଛନ୍ତି, ଯେଉଁଥିରେ ପ୍ରଶଂସକମାନେ ତାଙ୍କ ଘାତକ ଷ୍ଟାଇଲ୍ ଦେଖିବା ପରେ ପୁଣିଥରେ ତାଙ୍କ ସୌନ୍ଦର୍ଯ୍ୟରେ ଦିବାନା ହୋଇଛନ୍ତି। ଏହି ଫଟୋଗୁଡ଼ିକରେ ଆପଣ ରଶ୍ମିକାଙ୍କୁ ଏକ ସୁନ୍ଦର ମେହେନ୍ଦୀ ରଙ୍ଗର ଶାଢି ପିନ୍ଧିଥିବାର ଦେଖିପାରିବେ। ସେ ଏହି ଶାଢି ସହିତ ଏକ ସ୍ଲିଭ୍‌ଲେସ୍ ବ୍ଲାଉଜ୍ ମଧ୍ୟ ପିନ୍ଧିଛନ୍ତି। ଅଭିନେତ୍ରୀଙ୍କ ଶାଢି ସମ୍ପୂର୍ଣ୍ଣ ସାଧାସିଧା ଥିଲା, କେବଳ ପଲ୍ଲୁରେ ଏକ ଚଉଡା ବର୍ଡର୍ ଥିଲା। ଏହି ଶାଢି ମଧ୍ୟ ତାଙ୍କ ଚେହେରାକୁ ଖୁବ୍ ଆକର୍ଷଣୀୟ କରୁଛି। ଅଭିନେତ୍ରୀ ଶାଢି ସହିତ ବହୁତ ଭାରୀ ଗଳାହାର ମଧ୍ୟ ପିନ୍ଧିଛନ୍ତି। ମୋତିରେ ସଜ୍ଜିତ ହୋଇଥିବା ଏହି ହାର ତାଙ୍କୁ ଖୁବ୍ ମାନୁଛି। ଏହି ଶାଢି ଲୁକ୍‌କୁ ଆହୁରି ଆପର୍ଷଣୀୟ କରିବା ପାଇଁ ସେ କାନରେ ବଡ କାନଫୁଲ ପିନ୍ଧିଛନ୍ତି। ଏହି ଅଭିନେତ୍ରୀ ସୋସିଆଲ ମିଡିଆରେ ବହୁତ ସକ୍ରିୟ ଅଛନ୍ତି। ପ୍ରତିଦିନ ତାଙ୍କ ପ୍ରଶଂସକଙ୍କ ମଧ୍ୟରେ ନିଜର ବ୍ୟକ୍ତିଗତ ଏବଂ ବୃତ୍ତିଗତ ଜୀବନର ଅପଡେଟ୍ ଶେୟାର କରନ୍ତି।

# ମାଣ୍ଡିଆ ଚାଷରେ ଶକ୍ତି ଚାଳିତ ମାଣ୍ଡିଆ ଫସଲ କଟା ଯନ୍ତ୍ର ଓ ଟ୍ରାକ୍ଟର ଚାଳିତ ପୁଷ୍ଟି ଶସ୍ୟ ଅମଳ- ସଫା କରିବା ଯନ୍ତ୍ରର କ୍ଷେତ୍ର ପ୍ରଦର୍ଶନ

ଜୟପୁର, ୨୧/୧୧ (ନି.ପ୍ର): ଏମ ଏସ୍ ସ୍ୱାମୀନାଥନ ରିସର୍ଚ୍ଚ ଫାଉଂଡେସନ, ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଓ ଇ କ୍ରି ସା ଟ ମିଳିତ ଅନୁକୁଲ୍ୟରେ ଆଜି କୋରାପୁଟ ବ୍ଲକ ର ମାଛରା ଗ୍ରାମ ଠାରେ ପୁଷ୍ଟି ଶସ୍ୟ ଫସଲ କାଟିବା ପାଇଁ ଶକ୍ତିଚାଳିତ ଫସଲ କଟା ଯନ୍ତ୍ରର ଆଜି କ୍ଷେତ୍ର ପ୍ରଦର୍ଶନ କରାଯାଉଛି ଓ ରାଜ୍ୟ ସରକାରଙ୍କର ଓଡିଶା ମିଲେଟ ମିଶନ ଯାହା ଏବେ ଓଡିଶା ଶ୍ରୀ ଅନ୍ନ ଅଭିଯାନ ନାମରେ କାର୍ଯ୍ୟକାରୀ ହେଉଅଛି , ତାହାର ଫଳ ସ୍ୱରୂପ ଆମ ରାଜ୍ୟରେ ଗତ ପାଂଚ ବର୍ଷ ମଧ୍ୟରେ ପୁଷ୍ଟିଶସ୍ୟ ଚାଷର ବିଶେଷ ଅଗ୍ରଗତି ଦେଖିବାକୁ ମିଳିଛି ଓ ବର୍ତମାନ ରାଜ୍ୟରେ ପ୍ରାୟ ୧୦୦ଟି କୃଷକ ଉତ୍ପାଦକ ସଂଘ ମାନଙ୍କ ଜରିଆରେ ଏହାକୁ ଅଧିକ ଲୋକପ୍ରିୟ କରିବା ଅବସରରେ ପୁଷ୍ଟି ଶସ୍ୟ ଚାଷରେ କୃଷି ଯାନ୍ତ୍ରିକରଣର ଆବଶ୍ୟକତା ବେଶ ଅନୁଭୂତ ହୋଇଛି ଓ ତେବେ ପୁଷ୍ଟି ଶସ୍ୟ ଚାଷରେ ସାଧାରଣତଃ ଆମ ରାଜ୍ୟର କ୍ଷୁଦ୍ର ଓ ନାମମାତ୍ର ଚାଷୀ ଭାଇମାନେ ବିଭିନ୍ନ ପ୍ରକାରର ଛୋଟ ଛୋଟ ଯନ୍ତ୍ରପାତି ବ୍ୟବହାର କରିଥାନ୍ତି ଓ ଏବେ କିନ୍ତୁ ଅଧିକ ଜମିରେ ଅଳ୍ପ ସମୟ ମଧ୍ୟରେ ଅଧିକ ଭଲଭାବରେ ଚାଷ କାମ କରିବା ପାଇଁ ଉଚ୍ଚ ସ୍ତରୀୟ କୃଷି ଯାନ୍ତ୍ରିକରଣ ଅର୍ଥାତ ଅପେକ୍ଷାକୃତ ବଡ ଯନ୍ତ୍ରପାତି (ଟ୍ରାକ୍ଟର ଚଳିତ ବା ଶକ୍ତି ଚଳିତ ) ବ୍ୟବହାର କରିବା ଜରୁରୀ ହୋଇପଡିଛି ଓ ଏ ଦିଗରେ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ତରଫରୁ ଗବେଷଣା କରାଯାଇ ଟ୍ରାକ୍ଟର ଚଓଳିତ ମଞ୍ଜି ବୁଣା ଯନ୍ତ୍ର, ଶକ୍ତି ଚଳିତ ଫସଲ କଟା ଯନ୍ତ୍ର ଓ ଟ୍ରାକ୍ଟର ଚଓଳିତ ପୁଷ୍ଟି ଶସ୍ୟ ଅମଳ ଓ ସଫା କରିବା ଯନ୍ତ୍ର ବିକଶିତ କରାଯାଇଅଛି ଓ ଅଦ୍ୟାବଧି ସୁନ୍ଦରଗଡ ଓ ସମ୍ବଲପୁର ଜିଲାରେ ସୁଆଁ ତଥା କୋରାପୁଟ ଓ ଢେଙ୍କାନାଳ ଜିଲାରେ ମାଣ୍ଡିଆ ଫସଲ ଚାଷରେ ଧାଡି ବୁଣା କରିବା ପାଇଁ ଟ୍ରାକ୍ଟର ଚଓଳିତ ମଞ୍ଜି ବୁଣା ଯନ୍ତ୍ର ପରୀକ୍ଷା ମୂଳକ ଭାବରେ କ୍ଷେତ୍ର ପ୍ରଦର୍ଶନ କରାସରିଛି ଓ ଏହା ସାହାଯ୍ୟରେ ମାତ୍ର ଦୁଇ ଘଂଟାରେ ଜଣେ ଲୋକ ଏକ ଏକର ଜମିରୁ ମାଣ୍ଡିଆ ଓ ସୁଆଁ ଫସଲକୁ କାଟି ଧାଡିରେ ସମାନ ଭାବରେ ଜମିରେ ପକାଇ ଦେଇ ପାରିବ; ମାତ୍ର ଏହି ଫସଲ କଟା କାମପାଇଁ ଦେଶୀୟ ପଦ୍ଧତିରେ ଏକର ପିଛା ଦଶ ରୁ ବାର ଜଣ ଲୋକ ଲାଗିଥାନ୍ତି ଓ ତେଣୁ ଅଧିକ ସମୟ, ଖର୍ଚ୍ଚ, ପରିଶ୍ରମ ହୋଇଥାଏ ଓ ଫସଲ କଟାହେବାପରେ ଅମଳ କରିବା ପାଇଁ ଟ୍ରାକ୍ଟର ଚାଳିତ ପୁଷ୍ଟି ଶସ୍ୟ ଅମଳ ଓ ସଫା କରିବା ଯନ୍ତ୍ର ସାହାଯ୍ୟରେ ଏକ ଘଂଟାରେ ୩-୪ କ୍ୱିଂଟାଲ ଦାନା ଅମଳ ହୋଇଥାଏ ଓ ପାରମ୍ପରିକ ପଦ୍ଧତିରେ ହାତରେ ବାଡେଇ ଓ କୁଲାରେ ପଓଛୁଡି ଘଂଟା ପ୍ରତି ୫-୬ କେଜି ଅମଳ ହୋଇଥାଏ ଓ ନିକଟରେ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରୁ ବିକଶିତ ଏକ ଅଶ୍ୱ ଶକ୍ତି ବୈଦ୍ୟୁତିକ ମୋଟର ଚାଳିତ ମାଣ୍ଡିଆ ଅମଳ ଓ ସଫା କରିବା ଯନ୍ତ୍ର ସାହାଯ୍ୟରେ ଘଂଟାପ୍ରତି ୮୦ କେଜି ମାଣ୍ଡିଆ ଅମଳ ହୋଇପାରୁଛି ଓ ସମ୍ପ୍ରତି ରାଜ୍ୟରେ ଅଧିକ ଜମିରେ ସଫଳ ଭାବରେ ପୁଷ୍ଟି ଶସ୍ୟ ଚାଷ କରିବାପାଇଁ ଆଗଓମୀଦିନରେ ଏହିପରି ଆଧୁନିକ କୃଷି ଯନ୍ତ୍ରପାତିର ବ୍ୟବହାର ଏକାନ୍ତ ଅପରିହାର୍ଯ୍ୟ ଓ ଏ ଦିଗରେ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଇ କ୍ରି ସା ଟ ଓ ତରଫରୁ ମିଳିତଭାବରେ ଓଡିଶା ସରକାରଙ୍କର କୃଷି ଓ କୃଷକ ସଶକ୍ତି କରଣ ବିଭାଗ ଆନୁକୂଲ୍ୟରେ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଅନ୍ତର୍ଗତ 'ଓଡ଼ିଶାର ଢିପ ଜମି ଅଂଚଳରେ ପୁଷ୍ଟି ଶସ୍ୟ ଫସଲ ' ଶୀର୍ଷକ ଏକ ପ୍ରକଳ୍ପ ଜରିଆରେ ରାଜ୍ୟର ପାଂଚୋଟି ଜିଲା କୋରାପୁଟ, ନବରଙ୍ଗପୁର , ନୂଆପଡା , କେନ୍ଦୁଝର ଓ ସୁନ୍ଦରଗଡ଼ ଠାରେ ବିଶେଷ ଭାବରେ ଗବେଷଣା , ଅଗ୍ରଣୀ କ୍ଷେତ୍ର ପ୍ରଦର୍ଶନ ଓ ତାଲିମ କାର୍ଯ୍ୟକ୍ରମ କରାଯାଉଛି ଓ ଏହି ପରିପ୍ରେକ୍ଷୀରେ ଆଜି କୋରାପୁଟ ଜିଲାରେ ସ୍ଥାନୀୟ ବେସରକାରୀ ସଂସ୍ଥା ଏମ ଏସ୍ ସ୍ୱାମୀନାଥନ ରିସର୍ଚ୍ଚ ଫାଉଂଡେସନ, ସହଯୋଗରେ ମାଛରା ଠାରେ ଉକ୍ତ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ତରଫରୁ ପୁଷ୍ଟି ଶସ୍ୟ ଫସଲ କାଟିବା ଓ ଅମଳ କରିବା ପାଇଁ ଆଧୁନିକ ଓ ଉନ୍ନତ କୃଷି ଯନ୍ତ୍ରପାତିର କ୍ଷେତ୍ର ପ୍ରଦର୍ଶନ କରାଯାଇଛି ଓ ଏହି କାର୍ଯ୍ୟକ୍ରମରେ କୋରାପୁଟ ଜିଲ୍ଲାପାଳ ଭି . କିର୍ତୀ ଓ୍ୱାସନ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀ ପ୍ରଦୀପ କୁମାର ମହାନ୍ତି , କୃଷି ଯାନ୍ତ୍ରିକରଣ ପରାମର୍ଶଦାତା ଇ କ୍ରି ସା ଟ, ସଂଗ୍ରାମ କେଶରୀ ସ୍ୱାଇଁ , ଇ କ୍ରି ସା ଟ କ୍ଷେତ୍ର ବୈଜ୍ଞାନିକ ଡ଼ଃ ପ୍ରସାଦ କାମୁଡି, ନିର୍ଦ୍ଦେଶକ ଏମ ଏସ୍ ସ୍ୱାମୀନାଥନ ରିସର୍ଚ୍ଚ ଫାଉଂଡେସନ ପ୍ରଶାନ୍ତ କୁମାର ପରିଡ଼ା , ଅନ୍ନ ଅଭିଯାନ ଯୋଜନା ଅଧିକାରୀ ତାପସ ଚନ୍ଦ୍ର ରାୟ କୃଷି ବିଭାଗର କର୍ମକର୍ତା, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧି ଓ କୃଷକ ମାନେ ଉପସ୍ଥିତ ରହିଥିଲେ। କୃଷକ ମାନେ ଏହା ଦ୍ୱାରା ପୁଷ୍ଟି ଶସ୍ୟ ଚାଷରେ ଅଳ୍ପସମୟରେ, ସହଜରେ, ଅଳ୍ପ ଖର୍ଚ୍ଚରେ ଓ ଅଳ୍ପ ପରିଶ୍ରମରେ ଫସଲ କାଟିବା ପାଇଁ ଶକ୍ତିଚାଳିତ ଫସଲ କଟା ଯନ୍ତ୍ରର କ୍ଷୁଦ୍ରଶସ୍ୟ ଗୁଡିକୁ ଅମଳ କରି ପାରିବେ ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ। ଶ୍ରୀ ସ୍ୱାଇଁ ଏହି ସବୁ ଯନ୍ତ୍ର ଦ୍ୱାରା ମାଣ୍ଡିଆ, ସୁଆଁ ଓ କାଙ୍ଗୁ ଭଳି କ୍ଷୁଦ୍ରଶସ୍ୟ ଗୁଡିକ କଟାଯାଇ ପାରିବ ଏବଂ ଅମଳ କରାଯାଇପାରିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମ କୁ ଏମ ଏସ୍ ସ୍ୱାମୀନାଥନ ରିସର୍ଚ୍ଚ ଫାଉଂଡେସନ ର ପ୍ରକଳ୍ପ ସଂଯୋଜକ ନିରଞ୍ଜନ ଗୌଡ଼ ପରିଚାଳନା କରିଥିଲେ ।

# ମାନସିକ ସ୍ୱାସ୍ଥ୍ୟ ପରିଚାଳନା ସମ୍ପର୍କିତ ଜିଲ୍ଲାସ୍ତରୀୟ କର୍ମଶାଳା

କନ୍ଧମାଳ, ୨୧/୧୧ (ନି.ପ୍ର): ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ ବେସିକ ନିଡ୍ ଇଣ୍ଡିଆ ସହଯୋଗ ରେ ଚାଲିଥିବା ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ଆଜି ଏକ ଦିନିକିଆ କର୍ମଶାଳା ଜିଲ୍ଲା ଜି.ଏନ୍.ଏମ୍ ତାଲିମ୍ କେନ୍ଦ୍ର ଠାରେ ଆୟୋଜିତ ହୋଇଯାଇଛି । ମାନସିକ ଅସୁସ୍ଥ ବ୍ୟକ୍ତି ବିଶେଶ ଙ୍କୁ କୁପରି ଚିକିତ୍ସା ଦେବା ସହ ସେମାନଙ୍କ ର ଯତ୍ନ ନିଆଯାଇ ପାରିବ ତାହା ବର୍ତମାନ ସମୟରେ ଏକ ଚ୍ୟାଲେଞ୍ଜ ହୋଇଥିବା ବେଳେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରି ଡାକ୍ତର ସନ୍ତୋଶ କୁମାର ପାଢି ଯୋଗଦେଇ ଚାପ ମୁକ୍ତ ଜିବନ ବିତାଇ ପାରିଲେ ମାନସିକ ଅସୁସ୍ଥତା କୁ ଦୂର କରିହେବ ବୋଲି ତାଙ୍କ ବକ୍ତବ୍ୟରେ ମତ ରଖିଥିଲେ । ତତ୍ସହିତ ଜାତିୟ ସ୍ୱାସ୍ଥ୍ୟ ମିଶନ୍ ର କନ୍ଧମାଳ ଜିଲ୍ଲା ପରିଚାଳକ ମନୋରଞ୍ଜନ ସାହୁ ଉପସ୍ଥିତ ରହି ଗାଁଗହଳି ରୁ ଆସି ଯୋଗ ଦେଇଥିବା ମାନସିକ ଅଶୁସ୍ଥ ବ୍ୟକ୍ତି ମାନଙ୍କର ସହଯ ଓ ସୁସ୍ଥ ଜିବନ କାମନା କରିଥିଲେ । କାର୍ଯକ୍ରମରେ ଜିଲ୍ଲା ଶିଶୁ ମଙ୍ଗଳ ସମିତି ର ଅଧକ୍ଷ ରଜତ କୁମାର ଦିଗାଲ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରନ୍ , ଅତିରିକ୍ତ ଜିଲ୍ଲା ପଶୁ ଚିକିତ୍ସା ଅଧିକାରି ଡାକ୍ତର ପ୍ରଣବ କିଶୋର ପଟନାୟକ, ଫୁଲବାଣୀ ବ୍ଲକ୍ ସାମିଜିକ ସୁରକ୍ଷା ଅଧିକାରୀ ଉଷାରାଣୀ ପ୍ରଧାନ, ଫୁଲବାଣୀ ଶିଶୁ ବିକାଶ ଅଧିକାରି ବୈଜୟନ୍ତି ମଲ୍ଲିକ ଉପସ୍ଥିତ ରହି ମାନସିକ ଅସୁସ୍ଥତା ରୁ ଜନସାଧାରଣଙ୍କୁ ମୁକୁଳାଇବାକୁ ହେଲେ ଯତ୍ନକାରୀ ମାନଙ୍କ ର ଭୂମିକା ଅଧିକ ରଖିବାକୁ ପଡିବ ବୋଲି କହିଥିଲେ ତତ୍ସହିତ ଗ୍ରମ୍ୟ ସ୍ତରରେ ମହିଳା ଓ ଶିଶୁବିକାଶ ତରଫରୁ ନଜର ରଖାଜିବ ବୋଲି ପ୍ରତିଶୃତି ଦେଇଥିଲେ ଏବଂ ନିଜ ନିଜ ବିଭାଗରେ ଥିବା ବ୍ୟବସ୍ଥା କୁ ପାଥେୟ କରି ଯେତେ ଦୂର ସମ୍ଭବ ସହାୟତା ଯୋଗାଇଦେବାକୁ ପ୍ରତିଶୃତି ଦେଇଥିଲେ । ବରିଷ୍ଠ ଆଇନ୍ଜିବୀ ବିଜୟକୃଷ୍ଣ ପଟ୍ଟନାୟକ ରୋଟାରୀ କ୍ଲବ୍ ଫୁଲବାଣୀ ଙ୍କ ତରଫରୁ ସମସ୍ତ ସହଯୋଗ କରାଯିବ ବୋଲି ଘୋଷଣା କରିଥିଲେ । ବେସିକ୍ ନିଡ୍ ଇଣ୍ଡିଆ ର ରାଜ୍ୟ ସଂଯୋଯକ ରାଜିବ କର୍ମୀ ପ୍ରକଳ୍ପ ମାଧ୍ୟମରେ କରାଯାଉଥିବା କାର୍ଯ୍ୟକ୍ରମ ଗୁଡିକୁ ଉପସ୍ଥାପନା କରିବା ସହିତ ଏହା କିପରି ଗୋଷ୍ଠି ସ୍ତର ରେ ପରିଚାଳନା କରାଯାଇପାରିବ ତାହା ଗୁରୁତ୍ୱ ଦେଇଥିଲେ। ଅନୁଷ୍ଠାନର ସଂପାଦକ ହରି ଶଙ୍କର ରାଉତ ସଭା ପରିଚାଳନା କରିବା ସହ ସ୍ୱାତୀ ଅନୁଷ୍ଠାନ ସଦାସର୍ବଦା ମାନସିକ ଅସୁସ୍ଥ ବ୍ୟକ୍ତିଙ୍କ ପାଇଁ ସବୁ ସମୟରେ ସେବା ଜାରିରଖିବ ବୋଲି ପ୍ରତିଶୃତି ଦେଇଥିଲେ। ମାନସିକ ଅସୁସ୍ଥ କାର୍ଯ୍ୟକ୍ରମର ଏକ ସମ୍ୟକ ବିବରଣୀ ପ୍ରକଳ୍ପ ସଂଯୋଯକ ବୈକୁଣ୍ଠ ଚନ୍ଦ୍ର ଦାସ ପି.ପି.ଟି. ମାଧ୍ୟମରେ ଉପସ୍ଥାପନା କରିଥିଲେ। ଆଲୋକ ସାମନ୍ତରାଏ, ପ୍ରଦିପ ସ୍ୱାଇଁ ଓ ଅନ୍ୟ ସ୍ୱେଚ୍ଛାସେବୀ ମାନେ ପରିଚାଳନା ରେ ସହ ଯୋଗ କରିଥିବାବେଳେ ପରିବାର ସହାୟକ ଗୋଷ୍ଠି ତରଫରୁ ଅରୁଣ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଭାରତ ସରକାରଙ୍କର ଦେଶବ୍ୟାପୀ ଡିଜିଟାଲ ଜୀବନ ପ୍ରମାଣ ପତ୍ର ଜମା ଅଭିଯାନ ୩.୦ ର ଶୁଭାରମ୍ଭ

ବାଲେଶ୍ୱର, ୨୧/୧୧ (ନି.ପ୍ର): ଭାରତ ସରକାରଙ୍କ ତରଫରୁ ସମସ୍ତ ରକ୍ଷା ପେନ୍ସନ୍ ଭୋଗୀ ମାନଙ୍କୁ ସଚେତନତା ତଥା ଅବଗତି କରାଯିବା ସହ ଡିଜିଟାଲ ଲାଇଫ୍ ସାର୍ଟିଫିକେଟ୍ ଜମା କରିବା ପାଇଁ ଏକମାସ ବ୍ୟାପି ଅଭିଯାନର ଶୁଭାରମ୍ଭର କାର୍ଯ୍ୟକ୍ରମ ଯାହା ୦୧ ନଭେମ୍ବର ୨୦୨୪ ରୁ ୩୦ ନଭେମ୍ବର ୨୦୨୪ ପର୍ଯ୍ୟନ୍ତ ସୁଚାରୁରୂପେ ରକ୍ଷା ପେନ୍ସନ୍ ଭୋଗୀ ମାନଙ୍କ ପାଇଁ ସ୍ୱର୍ଣ ସର୍ଭିସ ସେଣ୍ଟର (ଜେସିଡିଏ)' ବାଲେଶ୍ୱରକୁ ଆସି ଲାଇଫ୍ ସାର୍ଟିଫିକେଟ ଜମା କରିବା ନେଇ ଜେସିଡିଏ ସମ୍ମିଳନୀ କକ୍ଷଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ଜରିଆରେ ମତବ୍ୟକ୍ତ କରାଯାଇଛି । ରକ୍ଷା ପେନ୍ସନ୍ ଭୋଗୀମାନେ ମଧ୍ୟ ସ୍ୱର୍ଣ ସର୍ଭିସ ସେଣ୍ଟରକୁ ନ ଆସି ଆଣ୍ଡ୍ରୋଏଡ ମୋବାଇଲ ଫୋନ ମାଧ୍ୟମରେ ଡିଜିଟାଲ ଲାଇଫ୍ ସାର୍ଟିଫିକେଟ୍ ନିମ୍ନଲିଖିତ ଲିଙ୍କ Download କରି URL: https://doppw.gov.in/en/life-Certificate.ମାଧ୍ୟମରେ ଜମା କରିପାରିବେ। ପେନ୍ସନ୍ଭୋଗୀ ଯେଉଁମାନେ ଅସୁସ୍ଥ ଅଥବା ଯେଉଁମାନେ ଶାରୀରିକ ଅକ୍ଷମ ସେମାନେ ୫ଟଇଜଫ୫ୖ ଉରଭଫ୍ଵକ୍ଵର କୁ ନ ଆସି ନିମ୍ନଲିଖିତ ନମ୍ବରରେ ଯୋଗା ଯୋଗ କଲେ କର୍ମଚାରୀ କିମ୍ବା ଅଧିକୃତ ରକ୍ଷା ଲେଖା ଅଧିକାରୀ ସେମାନଙ୍କ ସହିତ ଯୋଗଯୋଗକରି କରିପାରିବେ।

# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଛାତ୍ର-ଶିକ୍ଷକ ପାରସ୍ପରିକ ଆଲୋଚନା କାର୍ଯ୍ୟକ୍ରମ

ଜୟପୁର, ୨୧/୧୧ (ନି.ପ୍ର): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର (ସିୟୁଓ) କୃଷି ବିଭାଗ ପକ୍ଷରୁ କ୍ୟାମ୍ପସରେ ଏକ ଛାତ୍ର-ଶିକ୍ଷକ ଆଲୋଚନା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା, ଯେଉଁଥିରେ ଶୈକ୍ଷିକ ବିନିମୟ ଏବଂ ଜ୍ଞାନ ଆଦାନପ୍ରଦାନକୁ ପ୍ରୋତ୍ସାହିତ କରାଯାଇଥିଲା । ଗୁଜୁରାଟର ନବସାରୀ କୃଷି ବିଶ୍ୱବିଦ୍ୟାଳୟର ବିଶିଷ୍ଟ ଅଧ୍ୟାପକମାନେ, ଡକ୍ଟର ଅଜୟ ନରୱାଡେ (ଆସୋସିଏଟ୍ ପ୍ରଫେସର ଏବଂ ପ୍ଲାଣ୍ଟ ଫିଜିଓଲୋଜି ବିଭାଗର ମୁଖ୍ୟ), ପ୍ରଫେସର ନୀତିନ ପଟେଲ (ଉଦ୍ୟାନ କୃଷି ବିଭାଗ), ପ୍ରଫେସର ରାଜୁ ଖତ୍ରୀ (କୃଷି ଅର୍ଥନୀତି ବିଭାଗ) ଏବଂ ପ୍ରଫେସର ଓୟୁ ବଡ଼ଭିଆ (ଗଣିତ ବିଭାଗ) ସିୟୁଓ ପରିଦର୍ଶନ କରି ଛାତ୍ରଛାତ୍ରୀଙ୍କ ସହ ପାରସ୍ପରିକ ଆଲୋଚନା କରିଥିଲେ । ସେମାନେ ସମସାମୟିକ କୃଷି ବିଜ୍ଞାନ ଏବଂ ଜାତୀୟ ଅର୍ଥନୈତିକ ବିକାଶ ପାଇଁ ଜରୁରୀ ବୈଷୟିକ ଉନ୍ନତି ବିଷୟରେ ଆଲୋକପାତ କରିଥିଲେ ।କାର୍ଯ୍ୟକ୍ରମକୁ ସିୟୁଓର ଭାରପ୍ରାପ୍ତ କୁଳପତି ତଥା ଭାରପ୍ରାପ୍ତ କୁଳସଚିବ ପ୍ରଫେସର ଏନ୍ ସି ପଣ୍ଡା ଉଦ୍ଘାଟନ କରିବା ସହ ଅଧକ୍ଷତା କରିଥିଲେ। ସିୟୁଓର ଆସୋସିଏଟ୍ ପ୍ରଫେସର ତଥା କୃଷି ବିଭାଗ ମୁଖ୍ୟ ଡ. ମଞ୍ଜୁଶ୍ରୀ ସିଂହ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ ବୋଲି ବିଶ୍ୱବିଦ୍ୟାଳୟର ଲୋକସମ୍ପର୍କ ଅଧିକାରୀ, ଡ. ଫଗୁନାଥ ଭୋଇ ଜଣେଇଛନ୍ତି । ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଅଧ୍ୟାପକ, କର୍ମଚାରୀ ଓ ଛାତ୍ରଛାତ୍ରୀ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# ବାସୁଦେବପୁରରେ ଡକ୍ଟର ହରେକୃଷ୍ଣ ମହତାବଙ୍କ ଜୟନ୍ତୀ




ବାସୁଦେବପୁର, ୨୧/୧୧ (ନି.ପ୍ର): ବାସୁଦେବପୁର ସହର ସ୍ଥିତ ମିରାକଲ ପବ୍ଲିକ ସ୍କୁଲ ପରିସରରେ ସ୍ରଷ୍ଟା ଓ ସୃଷ୍ଟି ଅନୁଷ୍ଠାନ ପକ୍ଷରୁ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ପୁର୍ବତନ କେନ୍ଦ୍ର ମନ୍ତ୍ରୀ, ସ୍ୱାଧୀନତା ସଂଗ୍ରାମୀ, ପ୍ରଜାତନ୍ତ୍ର ଖବର କାଗଜର ପ୍ରତିଷ୍ଠାତା ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ୧୨୬ ତମ ଜୟନ୍ତୀ ଅନୁଷ୍ଠିତ ହୋଇ ଯାଇଛି । ଏହି ସଭାରେ ବିଶିଷ୍ଟ ଶିକ୍ଷାବିତ୍ ତଥା ମୀରାକଲ୍ ପବ୍ଲିକ ସ୍କୁଲର ଅଧକ୍ଷ ଦୁଃଶାସନ ରାଉତ ସଭାପତିତ୍ୱ କରିଥିଲେ ଓ ଡକ୍ଟର୍ ମହତାବ ଙ୍କ ରାଜନୈତିକ ଜୀବନ ଓ ସାହିତ୍ୟ ଜୀବନ ସଂମ୍ପର୍କରେ ଆଲୋକପାତ କରିଥିଲେ । ଏହି ସଭାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିଲେ ଧାମ ନଗର ର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ । ଡକ୍ଟର ହରେକୃଷ୍ଣ ମହତାବଙ୍କ ବାସୁଦେବପୁର ଓ ଭଦ୍ରକ ପ୍ରତି ଥିବା ଅବଦାନ ଓ ଓଡିଶା ପ୍ରତି ଥିବା ଅବଦାନ କୁ ଶ୍ରୀ ମଣ୍ଡଳ ଆଲୋଚନା କରିଥିଲେ । ଶହୀଦ ତୀର୍ଥଯାତ୍ରୀ ସଂଘ ପ୍ରତିଷ୍ଠାତା ବୈଲୋଚନ ଜେନା, ତୃପ୍ତି ମହିଳା ମହାବିଦ୍ୟାଳୟ ଅଧକ୍ଷା ସ୍ନିଗ୍ଧା ମହାନ୍ତି ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଉତ୍ସବରେ ଶିକ୍ଷାବିତ୍ ଡକ୍ଟର ବସନ୍ତ ଦାସ, କବି ସୁଧାଂଶୁ ଶେଖର ମିଶ୍ର, କବି ଓ ଅନୁବାଦକ ଅଭିମନ୍ୟୁ ବେହେରା,ପୁର୍ବତନ ସାଂସଦ ଙ୍କ ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି, କବି କମଳାକାନ୍ତ କର, ରତ୍ନାକର ବାରିକ୍, କବି ପ୍ରହ୍ଲାଦ ବାରିକ, ଆଇନଜୀବୀ ନାରାୟଣ ଚନ୍ଦ୍ର ନାୟକ, ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦର ସମ୍ପାଦକ କବି ପ୍ରଦୀପ୍ତ କୁମାର ମହାନ୍ତି ପ୍ରମୁଖ ଡକ୍ଟର ହରେକୃଷ୍ଣ ମହତାବଙ୍କ ସଂମ୍ପର୍କରେ ଆଲୋକପାତ କରିଥିଲେ । ସାମ୍ବାଦିକ ନାରାୟଣ ପ୍ରାସାଦ ବାରିକ୍ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । କବି ବିକାଶ ଶତପଥୀ ସମସ୍ତ ଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ । ଡକ୍ଟର ହରେକୃଷ୍ଣ ମହତାବଙ୍କ ଫଟୋ ଚିତ୍ରରେ ସମସ୍ତେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ।

# ପଞ୍ଚମ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ




ବାସୁଦେବପୁର, ୨୧/୧୧ (ନି.ପ୍ର):ବାସୁଦେବପୁର ପଞ୍ଚମ ପଞ୍ଚାୟତ ସମିତି ବୈଠକ ନୀଳମଣି ଟାଉନ ହଲ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଏହି ବୈଠକ ରେ ବାସୁଦେବପୁର ବ୍ଲକ ଅଧକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ ସଭାପତିତ୍ୱ କରିଥିଲେ । ଭଦ୍ରକ ର ମାନ୍ୟବର ସାଂସଦ ଅଭିମନ୍ୟୁ ସେଠି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିଲେ । ବାସୁଦେବପୁର ର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ, ବିଡ଼ିଓ ସଞ୍ଜୀବ କୁମାର ସାହୁ, ଗ୍ରାମ ପଞ୍ଚାୟତ ଅଫିସର ପ୍ରମୁଖ ଏହି ସଭାରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ । ବାସୁଦେବପୁର ବ୍ଲକ ରେ ଥିବା ବିଭିନ୍ନ ସମସ୍ୟା ଯଥା ଶିକ୍ଷା, ସ୍ୱାସ୍ଥ୍ୟ, ରେସନ୍ କାର୍ଡ, ପ୍ରଧାନ ମନ୍ତ୍ରୀ ଆବାସ, ବିଦ୍ୟୁତ୍ ପ୍ରଭୃତି ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା । ବରିଷ୍ଠ କଂଗ୍ରେସ ନେତା ରମେଶ ଚନ୍ଦ୍ର ବଳ, ଆଦିତ୍ୟ ଗିରି, ସୁବାସ ଚନ୍ଦ୍ର ସନ୍ଧି ବିଗ୍ରହ,ନରସିଂହପୁର ପଂଚାୟତର ସରପଞ୍ଚ ଗୌରାଙ୍ଗ ଚନ୍ଦ୍ର ପଣ୍ଡା, ଚୂଡ଼ାମଣି ପଞ୍ଚାୟତର ଅଗଣି ପ୍ରସାଦ ଜେନା, ବର ଣ୍ଡୁଆ ପଞ୍ଚାୟତର ସରପଞ୍ଚ ଗୋବିନ୍ଦ ଚନ୍ଦ୍ର ମଲ୍ଲିକ ପ୍ରମୁଖ ବିଭିନ୍ନ ସମସ୍ୟା ସମ୍ପର୍କରେ ମାନ୍ୟବର ବିଧାୟକ, ସାଂସଦ, ବ୍ଲକ୍ ଅଧକ୍ଷ ଓ ବିଭିନ୍ନ ବିଭାଗର ଅଧିକାରୀ ଙ୍କୁ ପ୍ରଶ୍ନ ପଚାରି ଥିଲେ । ଏହି ବିଭିନ୍ନ ସମସ୍ୟା ର ସମାଧାନ ଅଳ୍ପ ସମୟ ମଧ୍ୟରେ ହେବ ବୋଲି ପ୍ରତିଶ୍ରୁତି ମିଳିଥିଲା । ସହକାରୀ ଯନ୍ତ୍ରୀ,ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଏହି ବୈଠକରେ ଯୋଗ ଦେଇଥିଲେ ।

# ସ୍ମାର୍ଟ ମିଟର ଲାଗିବା ପରେ ବିଜୁଳି ବିଲ ଅଧିକା ଆସୁଥିବା ଅଭିଯୋଗ

ମାଲକାନଗିରି, ୨୧/୧୧ (ନି.ପ୍ର): ପୁରୁଣା ମିଟର ବଦଳାଉଛି ବିଦ୍ୟୁତ ବିତରଣ କମ୍ପାନୀ ସଂସ୍ଥା ଟାଟା ପାୱାର । ବିନା ଅନୁମତିରେ ପୁରୁଣା ମିଟର କାଢ଼ି ନୂଆ ସ୍ମାର୍ଟ ମିଟର ବସାଉଛି କମ୍ପାନୀ । ରାଜ୍ୟର ଅନ୍ୟ ସ୍ଥାନ ଭଳି ମାଲକାନଗିରିରେ ମଧ୍ୟ ମିଟର ପରିବର୍ତ୍ତନ ନିଷ୍ପତିକୁ ବିରୋଧ କରାଯାଇଛି । ନୂଆ ମିଟର ଲାଗିବା ପରେ ବିଜୁଳି ବ୍ୟବହାର ଠାରୁ ୩ରୁ ୪ ଗୁଣା ଅଧିକ ବିଲ୍ ଆସୁଥିବା ଅଭିଯୋଗ କରିଛନ୍ତି । ମାଲକାନଗିରି ସଦର ମହକୁମା ଆଶୀର୍ବା।ଦ କଲୋନୀ ର ସୁଜନ ବିଶ୍ୱାସ ଙ୍କ ଘରେ ୯ ୱାଟ୍ର ୩ଟି ଏଲ୍ଇଡି ବଲ୍ବ ଓ ୨ଟି ଫ୍ୟାନ ଅଛି । ଏହାବାଦ ଅନ୍ୟ କୌଣସି ବିଦ୍ୟୁତ୍ ଉପକରଣ ନାହିଁ । ଗତ ମାସରେ ବିଦ୍ୟୁତ୍ ବିଲ୍ ଆସିଛି ୧୪ ଶହ ଟଙ୍କା । ସେହିପରି ଖଲାସି କାମ କରୁଥିବା ସହଦେବ ବେନିଆଙ୍କ ଘରୁ ୬ମାସ ହେବ ବିଦ୍ୟୁତ ବିଚ୍ଛିନ୍ନ କରାଯାଇଛି। କିନ୍ତୁ ବାରମ୍ବାର ତାଙ୍କ ଘରକୁ ବିଲ୍ ଆସୁଛି । ବିନା ସଂଯୋଗୀକରଣରେ ମିଟର ମଧ୍ୟ ଉଠୁଛି ।ଏ ଦୁଇ ଜଣ କେବଳ ଉଦାହରଣ, ପ୍ରାୟ ସବୁ ବସ୍ତିବାସିନ୍ଦାଙ୍କ ସମାନ ଅବସ୍ଥା। ଯେଉଁ ଉପଭୋକ୍ତା ପୂର୍ବରୁ ୫ଶହ ଟଙ୍କାର ବିଲ୍ ଦେଉଥିଲେ, ଏବେ ସେମାନଙ୍କୁ ୧୫ଶହରୁ ୨ ହଜାର ଟଙ୍କାର ବିଲ୍ ଧରାଇ ଦେଉଛି ଟାଟା ପାୱାର।

# ରାଜ୍ୟସ୍ତରୀୟ ସଫ୍ଟବଲ୍ ପ୍ରତିଯୋଗିତାର ଫଳାଫଳ : ବାଳକ ଓ ବାଳିକା ଉଭୟ ବିଭାଗରେ ଭୁବନେଶ୍ୱର ଚମ୍ପିୟାନ

ବାଲେଶ୍ୱର, ୨୧/୧୧ (ନି.ପ୍ର): ପ୍ରଥମ ସେମିଫାଇନାଲରେ ରାୟଗଡ଼ାକୁ ହରାଇ ବାଲେଶ୍ୱର ଫାଇନାଲକୁ ଯାଇଥିବା ବେଳେ ଭୁବନେଶ୍ୱର ବାୟ ପାଇ ସିଧାସଳଖ ଫାଇନାଲକୁ ଉନ୍ନୀତ ହୋଇଥିଲା । ବାଲେଶ୍ୱର ଓ ଭୁବନେଶ୍ୱର ମଧ୍ୟରେ ଫାଇନାଲଖେଳ ଅନୁଷ୍ଠିତ ହୋଇଥିଲା । ଏଥିରେ ବାଲେଶ୍ୱର ଉପବିଜେତା ହୋଇଥିବାବେଳେ ଭୁବନେଶ୍ୱର ଫାଇନାଲରେ ଜିତି ଚମ୍ପିୟାନ ହୋଇଥିଲା । ୧୭ବର୍ଷରୁ କମ୍ ବାଳକ ବିଭାଗ ପ୍ରଥମ ସେମିଫାଇନାଲ ରାୟଗଡ଼ା ଓ ଯାଜପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଯାଜପୁରକୁ ହରାଇ ରାୟଗଡ଼ା ଫାଇନାଲକୁ ଉନ୍ନୀତ ହୋଇଥିଲା । ଦ୍ୱିତୀୟ ସେମିଫାଇନାଲ ଭୁବନେଶ୍ୱର ଓ ବାଲେଶ୍ୱର ମଧ୍ୟରେ ହୋଇଥିଲା । ବାଲେଶ୍ୱରକୁ ହରାଇ ଭୁବନେଶ୍ୱର ଫାଇନାଲକୁ ଯାଇଥିଲା । ଭୁବନେଶ୍ୱର ଓ ରାୟଗଡ଼ା ମଧ୍ୟରେ ଅନୁଷ୍ଠିତ ଫାଇନାଲ ଖେଳରେ ରାୟଗଡ଼ା ଉପବିଜେତା ହୋଇଥିବାବେଳେ ଭୁବନେଶ୍ୱର ଚମ୍ପିୟାନ ହୋଇଥିଲା ।



ଆଜି ଅଗରପଡ଼ାଠାରେ ଆୟୋଜିତ ହଃ ହରେକୃଷ୍ଣ ମହତାବଙ୍କ ସ୍ମୃତି ମହୋତ୍ସବ ପାଳନ ଅବସରରେ ସାମ୍ବାଦିକ ଶ୍ରୀ ସର୍ବେଶ୍ୱର ମହାନ୍ତ ଓ କବୟିତ୍ରୀ ଶ୍ରୀମତୀ ସୁମତୀ ମହାନ୍ତଙ୍କୁ 'ମହତାବ ସ୍ମୃତି ସମ୍ମାନ'ରେ ସମ୍ମାନିତ ହୋଇଛନ୍ତି।

# ଫୁଲବାଣୀ ଗାନ୍ଧୀ ସ୍ମୃତି ଭବନ ଠାରେ ୭୧ତମ ସମବାୟ ସପ୍ତାହ ପାଳିତ

କନ୍ଧମାଳ, ୨୧/୧୧ (ନି.ପ୍ର): ଫୁଲବାଣୀ ଗାନ୍ଧୀ ସ୍ମୃତି ଭବନଠାରେ ଜିଲା ସମବାୟ ସଂଘ ସଭାନେତ୍ରୀ ସୁପ୍ରଭା ନାୟକଙ୍କ ସଭାପତିତ୍ୱରେ ୭୧ତମ ସମବାୟ ସପ୍ତାହ ପାଳିତ ହୋଇଯାଇଛି ।ଏହି ଅବସରରେ ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କନ୍ଧମାଳ ଜିଲ୍ଲାରେ ଅଧିକ ସମବାୟ ଅନୁଷ୍ଠାନ ଗଠନ କରି ଗୁଜୁରାଟ ଓ ଆନ୍ଧ୍ରପ୍ରଦେଶ ଭଳି ସଶକ୍ତିକରଣ କରିବାକୁ ପରାମର୍ଶ ଦେଇଥିଲେ ।ସରକାର ଚାଷୀଙ୍କ ଉନ୍ନତି ପାଇଁ ଧାନର ସର୍ବନିମ୍ନ କିଣା ଦାମ ୩୧୦୦ ଟଙ୍କା ଚଳିତ ଧାନ କିଣାରେ ପ୍ରଦାନ କରୁଥିବା ସମ୍ପର୍କରେ ସୂଚନା ଦେଇଥିଲେ। ଘୁ.ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ,ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଥିବା ବେଳେ ,ବୌଦ୍ଧ ସମବାୟ ବ୍ୟାଙ୍କ ସଭାପତି ଅରୁଣ କୁମାର ପ୍ରଧାନ, ଡିଆରସିଏସ ତୃପ୍ତି କଲ୍ୟାଣ ସେଠୀ ,ନାବାର୍ଡ ଡିଡିଏମ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମବାୟ ଆନ୍ଦୋଳନକୁ ଜିଲାରେ ମଜଭୂତ କରିବାକୁ ଆହ୍ୱାନ ଦେଇଥିଲେ। ଜିଲା ସମବାୟ ସଂଘର ୧୨ଜଣ ପରିଚାଳନା ନିର୍ଦ୍ଦେଶକ ଓ ବିଭିନ୍ନ ଲ୍ୟାମ୍ପସ ଚାଷୀ ଭାଇ ମାନେ ଯୋଗ ଦେଇଥିଲେ। ୧୯୦୪ ମସିହା ଠାରୁ ଦେଶରେ ସମବାୟ ଆଇନ କାର୍ଯ୍ୟକାରୀ ହୋଇଥିଲା ବେଳେ ଓଡିଶାରେ ତାର ୬ ବର୍ଷ ପୂର୍ବରୁ ଉତ୍କଳ ଗୌରବ ମଧୁସୂଦନ କଟକରେ ଖାଉଟି ସମବାୟ ଭଣ୍ଡାର ପ୍ରତିଷ୍ଠା କରି ସମବାୟ ଆନ୍ଦୋଳନର ମୂଳଦୁଆ ପକାଇଥିଲେ ବୋଲି ସଂଘ ର ସଭାନେତ୍ରୀ ତାଙ୍କ ବକ୍ତବ୍ୟରେ କହିଥିଲେ। ଜନସାଧାରଣଙ୍କ ସାମାଜିକ ଓ ଅର୍ଥ ନୈତିକ ବିକାଶ ରେ ସମବାୟ ଅନୁଷ୍ଠାନମାନଙ୍କର ଭୂମିକା ଗୁରୁତ୍ୱ ପୂର୍ଣ୍ଣ ।ସମବାୟ ଆନ୍ଦୋଳନ ସଶକ୍ତ ହେଲେ ରାଜ୍ୟ ତଥା ଦେଶର ଅର୍ଥ ନୈତିକ ବିକାଶ ହୋଇ ପାରିବ ବୋଲି ମଧୁବାବୁ କହୁଥିଲେ। ମଣିଷର ଅର୍ଥ ନୈତିକ ବିକାଶ ପାଇଁ ସମବାୟ ହିଁ ପ୍ରକୃଷ୍ଟ ମାଧ୍ୟମ ।ଏହି ଅବସରରେ କନ୍ଧମାଳ ଜିଲ୍ଲାର ସମବାୟ ଆନ୍ଦୋଳନର ପୁରୋଧା ହିସାବରେ ଗୌରୀ ଶଙ୍କର ପଟ୍ଟନାୟକଙ୍କୁ ଅତିଥିମାନେ ମଂଚରେ ସମ୍ବର୍ଦ୍ଧିତ କରିଥିଲେ। ଶ୍ରେଷ୍ଠ ଲ୍ୟାମ୍ପସ ଭାବେ ଘୁ.ଉଦୟଗିରି ଓ ବ୍ରାହ୍ମଣୀଗାଁ ଲ୍ୟାମ୍ପସକୁ ଦିବସର ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ନିଷ୍ଠାପର ସେବା ପାଇଁ ଫୁଲବାଣୀ ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକ ଭୀମସେନ ସାହୁ ଓ ବାଲିଗୁଡା ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକ ସୁନୀଲ ସାହୁଙ୍କୁ ମଂଚରେ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ ।ଏହି ଅବସରରେ ବୌଦ୍ଧ ସମବାୟ ବ୍ୟାଙ୍କ ପରିଚାଳକ କ୍ଷୀରୋଦ କୁମାର ମିଶ୍ର,ଇନ୍ସପେକ୍ଟର ସତ୍ୟଜିତ ସେଠୀ,ଅଡିଟର ଗୋପାଳ କୃଷ୍ଣ ପ୍ରଧାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା ।ଏଥି ସହିତ ୨୪ ଟି ଲ୍ୟାମ୍ପସର ୨୪ଜଣ ଅଗ୍ରଣୀ ଚାଷୀଙ୍କୁ ଉତ୍ସାହିତ କରିବା ପାଇଁ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିଲା। ଗୁଜରାଟ ଆନ୍ଧ୍ରପ୍ରଦେଶ ଭଳି ଓଡିଶାରେ ମଧ୍ୟ ସମବାୟ ଆନ୍ଦୋଳନ ସଶକ୍ତ ହେବା ଆବଶ୍ୟକ, ସେଥିପାଇଁ ହୀନମନ୍ୟତା ଓ ସ୍ୱାର୍ଥପରତା ଛାଡି ସହଭାଗିତା ଓ ସହଯୋଗ ବୃଦ୍ଧି ହେବା ଆବଶ୍ୟକ ବୋଲି ଘୁ.ଉଦୟଗିରି ବିଧାୟକ କହିଥିଲେ। କନ୍ଧମାଳ ଜିଲ୍ଲାରେ ବିକଳ୍ପ ରୋଜଗାର ପାଇଁ ପ୍ରତି ବ୍ଲକରେ ଓ ପଞ୍ଚାୟତ ରେ ସମବାୟ ସମିତି ଗଠନ କରି ଗରିବ ଖଟିଖିଆଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବାକୁ ବ୍ୟବସ୍ଥା କରିବା ଆବଶ୍ୟକ ।ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଅନୁଷ୍ଠିତ ପ୍ରତିଯୋଗିତାରେ ୧୩ଜଣ କୃତି ପ୍ରତିଯୋଗୀଙ୍କୁ ଟ୫୦୦୦/-, ଟ୩୦୦୦/-ଓଟ୨୦୦୦/- ଲେଖାଏଁ ପୁରସ୍କାର ପ୍ରଦାନ କରାଯାଇଥିଲା ।ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ସମବାୟ ସମୂହ ନିବନ୍ଧକ ସୁକାନ୍ତ କୁମାର ପାଢୀ ସଞ୍ଚୋଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଙ୍ଗାଧର କହଁର, ଭୀମସେନ ସାହୁ, ସଂଘ ସମ୍ପାଦିକା ଜ୍ୟୋତିର୍ମୟୀ ପ୍ରଧାନଙ୍କ ସହ ସମସ୍ତ ବିଭାଗୀୟ କର୍ମଚାରୀ ସହଯୋଗ କରିଥିଲେ। ସମବାୟ କାର୍ଯାଳୟଠାରେ ସପ୍ତାହ ପ୍ରାରମ୍ଭରେ ସମବାୟ ପତକା ଉତୋଳନ କରାଯାଇଥିଲା।

# କୌଶବ ଡ୍ରିମ୍ ଓ୍ୱାର୍କ୍ସ ତରଫରୁ କଟକ ବାଲିଯାତ୍ରାରେ ରିଲିଜ ହେଲା 'ଘମାଘୋଟ' ଫିଲ୍ମର ପୋଷ୍ଟର

ଭୁବନେଶ୍ୱର, ୨୧/୧୧ (ନି.ପ୍ର): ବର୍ତ୍ତମାନ ଖୁବ ଚଳ ଚଞ୍ଚଳ ଓଡିଆ ସିନେ ଜଗତ । ବିଗତ ଦିନରେ ଭଲ ଭଲ କାହାଣୀକୁ ନେଇ ଅନେକ ଫିଲ୍ମ ରିଲିଜ ହୋଇଛି ଯାହା ସିନେ ପ୍ରେମିଙ୍କ ମନକୁ ଛୁଇଁବା ସହିତ ବକ୍ସ ଅଫିସରେ ମଧ ଭଲ ବ୍ୟବସାୟ କରୁଛି । ଏହି ଧାରାରେ ଏବେ ଫିଲ୍ମ ପାଇଁ ନିଛକ କାହାଣୀ ଓ ବାସ୍ତବବାଦୀ ବିଷୟବସ୍ତୁକୁ ଧ୍ୟାନ ଦିଆଯାଉଛି । ଆଗକୁ ଏମିତି ଏକ କାହାଣୀ ଓଡିଆ ସିନେ ପ୍ରେମି ଦେଖିବାକୁ ପାଇବେ 'ଘମାଘୋଟ' ଜରିଆରେ । କୌଶବ ଡ୍ରିମଓ୍ୱାର୍କସ୍ ଷ୍ଟୁଡିଓ ତରଫରୁ ବାଲିଯାତ୍ରାରେ ଯାହାର ଫୋଷ୍ଟର କରାଯାଇଛି ରିଲିଜ୍ । ଅନେକ ଦିନରୁ ଚର୍ଚ୍ଚାରେ ରହିଥିବା ଫିଲ୍ମ 'ଘମାଘୋଟ'ରେ ଭରି ରହିଛି ଧମାକେଦାର ଏକ୍ସନ ସହିତ ରୋଚକ କାହାଣୀ । କାଲି ରାତିରେ କଟକ ବିଶ୍ୱ ପ୍ରସିଦ୍ଧ ବାଲିଯାତ୍ରାରେ ଏହାର ପ୍ରଥମ ପୋଷ୍ଟର କରାଯାଇଥିଲା ରିଲିଜ । ଫିଲ୍ମକୁ ନିର୍ଦ୍ଦେଶନା ଦେଇଛନ୍ତି ଲୋକପ୍ରିୟ ନିର୍ଦ୍ଦେଶକ ରାଜା ଡି ଓ ପ୍ରଯୋଜନା ଭାର ସମ୍ଭାଳିଛନ୍ତି କୌଶିକ ଦାସ୍ ଓ ରାମ ପଟ୍ଟନାୟକ । ସହ ପ୍ରଯୋଜନାରେ ରହିଛନ୍ତି କୌଶବ ଦାସ୍ । ଫିଲ୍ମରେ ଭରି ରହିଛନ୍ତି ଅନେକ ଷ୍ଟାର କାଷ୍ଟ ଯାହାଙ୍କୁ ଆପଣ ଆଗରୁ ଅନେକ ଭଲପାଇବା ଦେଇ ସାରିଛନ୍ତି । ଫିଲ୍ମରେ ସନୋଜ କୁମାର, ଅଭିଷେକ ପଣ୍ଡା, ସନ୍ଦୀପ ମିଶ୍ର, ତପି ମିଶ୍ର, ଆକାଶ ହୋତା , ଆକାଶ ରାଉତ, ଶୈଳେନ୍ଦ୍ର ସାମନ୍ତରାୟ, କ୍ରିଷ୍ଣା କର, ରାଜେଶ ସାହୁ, ଜୋଣ୍ଟି, ଏମୋନ ପ୍ରଧାନ ଓ ବିଭାସ ରହିଛନ୍ତି । ଏହା ସହିତ ଫିଲ୍ମରେ ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ଗୌରବ ଆନନ୍ଦ, ଅନୁରାଗ ପଟ୍ଟନାୟକ ଓ ସୁର୍ଯ୍ୟଜୀତ୍ । କଟକ ବାଲିଯାତ୍ରାରେ ଅନୁଷ୍ଠିତ ହୋଇଥିବା ଏହି ଆୟୋଜନରେ ଫ୍ୟାନ୍ସ ନିଜ ପସନ୍ଦର କଳାକାରଙ୍କୁ ଦେଖି ଖୁସି ହେବା ସହିତ ଅପକମିଙ୍ଗ ଫିଲ୍ମ ପାଇଁ ଶୁଭେଚ୍ଛା ଜଣାଇଥିଲେ । ତେବେ ଫିଲ୍ମକୁ ନେଇ ନିର୍ମାତା ଖୁବ ଆଶାବାଦୀ ରହିଛନ୍ତି ଓ ଏହି ଫିଲ୍ମର କାହାଣୀ ଓ ବିଷୟବସ୍ତୁ ପ୍ରତେିକ ଓଡଆଙ୍କ ମନକୁ ପାଇବ ବୋଲି ଆଶା ଓ ବିଶ୍ୱାସ ରଖିବା ସହିତ ମତ ରଖିଛନ୍ତି ।

# ବସ୍ତା ବ୍ଲକ୍ ସ୍ତରୀୟ ବୈଜ୍ଞାନିକ ପ୍ରଦର୍ଶନୀରେ ୧୬୮ ପ୍ରକଳ୍ପ ପ୍ରଦର୍ଶିତ



ବସ୍ତା , ୨୧/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ୍ କରୁଆ ପଞ୍ଚାୟତ ଅନ୍ତର୍ଗତ ଗଦାଧର କର ଉଚ୍ଚ ବିଦ୍ୟାଳୟରେ ବୁଧବାର ପୂର୍ବାହ୍ନରେ ବ୍ଲକ ସ୍ତରୀୟ ବିଜ୍ଞାନ ମେଳା ୨୦୨୪-୨୫ ପ୍ରଦର୍ଶିତ ହୋଇଯାଇଛି । ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଓ ବାଲ ବୈଜ୍ଞାନିକ ପ୍ରଦର୍ଶନୀର ମିଳିତ ପ୍ରୟାସରେ ବ୍ଲକର ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଏଇ କାର୍ଯ୍ୟକ୍ରମ ହୋଇଛି । ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରଥମ ଅଧିବେଶନର କାର୍ଯ୍ୟକ୍ରମରେ ଉଦ୍ଘାଟକ ତଥା ମୁଖ୍ୟ ଅତିଥିଭାବେ ଚାନ୍ଦିପୁର ପିଏକ୍ସଇର ଏସୋସିଏଟ ଡାଇରେକ୍ଟର ଡ ହିମାଂଶୁ ଶେଖର ପଣ୍ଡା ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ସମାଜସେବୀ ତଥା ପରିବେଶବିତ୍ ସୁମନ୍ତ କୁମାର ଜେନା ଯୋଗଦେଇ ବିଜ୍ଞାନର ଉପକାରିତା ଉପରେ ମତ ରଖିବା ସହ ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରି ବାଲ ବୈଜ୍ଞାନିକମାନଙ୍କୁ ଉତ୍ସାହିତକରିଥିଲେ । ସମ୍ମାନିତ ଅତିଥିଭାବେ ବ୍ଲକ ଉପାଧକ୍ଷ ଦୀଲ୍ଲିପ କୁମାର ଦାସମହାପାତ୍ର, ସହ ଗୋଷ୍ଠୀ ଶିକ୍ଷାଧିକାରୀ ସୋମନାଥ ଦାସ, ସହ ଗୋଷ୍ଠୀ ଶିକ୍ଷାଧିକାରୀଣୀ ବାସନ୍ତୀ ପୁଷ୍ଟି, ବସ୍ତା ବ୍ଲକ୍ ବିଜ୍ଞାନ ସଂଯୋଜକ ସନ୍ତୋଷ କୁମାର ସାହୁ, ସିଆରସିସି ତନଞ୍ଜୟ ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ଥିଲେ । ସେହିପରି ଅପରାହ୍ନରେ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଉଦଯାପନୀ ସଭାରେ ପ୍ରଧାନ ଶିକ୍ଷକ ଅଭିରାମ କାମିଲାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଓ ମୁଖ୍ୟବକ୍ତା ଭାବେ ବସ୍ତା ବିଧାୟିକା ସୁ୍ବାସିନୀ ଜେନା ଯୋଗ ଦେଇ ବିଶ୍ୱ ବିଜ୍ଞାନ କ୍ଷେତ୍ରରେ ଛାତ୍ର ଛାତ୍ରୀଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥିଭାବେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ହରେନ୍ଦ୍ର ମହାନ୍ତ , ସିଆରସିସି ପ୍ରଶାନ୍ତ ବେହେରା ପ୍ରମୁଖ ଯୋଗଦେଇଥିଲେ । ଛାତ୍ର ଛାତ୍ରୀ ମାନେ ଜଳ ସଂରକ୍ଷଣ, ଟ୍ରାଫିକ ପରିଚାଳନା, ପୁଷ୍ଟିକର ଖାଦ୍ୟ ସାମଗ୍ରୀ,ସୋଲାର ଶକ୍ତି, ରାସାୟନିକ ସାର କୀଟନାଶକ ପ୍ରୟୋଗରେ କ୍ଷତି, ଉଭିଦ ଜଗତ ସମ୍ପର୍କୀତ ବହୁ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ । ମେଳାରେ ମୋଟ ୧୬୮ଟି ପ୍ରକଳ୍ପ ସ୍ଥାନ ପାଇଥିବା ବେଳେ ମୁଖ୍ୟ ବିଷୟ ବସ୍ତୁ ଆଧାରରେ ଜିଲ୍ଲା ସ୍ତରୀୟ ବିଜ୍ଞାନ ମେଳା ନିମନ୍ତେ ୭ ଟି ପ୍ରକଳ୍ପ ଚୟନ କରାଯାଇଥିଲା । ପରିଶେଷରେ ଛାତ୍ର ଛାତ୍ରୀମାନଙ୍କୁ ମାନ ପତ୍ର ସହ ପୁରସ୍କାର ପ୍ରଦାନ କରାଯାଇ ଥିଲା । ସମସ୍ତ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ ଶିକ୍ଷୟତ୍ରୀ,ସମସ୍ତ ସିଆରସିସି , କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଶିକ୍ଷକ ତ୍ରୀଲୋଚନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ମୋବାଇଲ ହେଲା କାଳ: ଝୁଲି ପଡ଼ିଲେ ଦମ୍ପତି

କନ୍ଧମାଳ, ୨୧/୧୧ (ନି.ପ୍ର): ଆଜିକାଲି ସମସ୍ତେ ମୋବାଇଲ ମାନିଆ । ମୋବାଇଲ ଆଗରେ ସମ୍ପର୍କ ମଧ ତୁଚ୍ଛ ହୋଇଗଲାଣି । ଏହି ମୋବାଇଲ ପାଇଁ ସ୍ୱାମୀସ୍ତ୍ରୀ ଆତ୍ମହତ୍ୟା କରିଥିବା ଘଟଣା ସାମ୍ନାକୁ ଆସିଛି । ଏପରି ଘଟଣା ଘଟିଛି କନ୍ଧମାଳ ଜିଲ୍ଲା ବାଲିଗୁଡା ଥାନା ଅନ୍ତର୍ଗତ ବୁଡୁକିଆ ଗାଁରେ । ମୃତକ ହେଲେ ପ୍ରମୋଦ ମଲିକ ଓ ତାଙ୍କ ସ୍ତ୍ରୀ ପୁଆରି ମଲିକ । ଆଜି ସକାଳେ ଦମ୍ପତିଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି ପୁଲିସ । କିଛି ଦିନ ତଳେ ପୁଆରି ନିଜ ବାପା ଘରୁ ଗୋଟିଏ ସ୍ମାର୍ଟ ଫୋନ ଆଣିଥିଲେ । ହେଲେ ତାଙ୍କ ସ୍ୱାମୀ ପ୍ରମୋଦ ସେହି ମୋବାଇଲକୁ ବନ୍ଧକ ରଖି ମଦ ପିଇ ଦେଇଥିଲେ । ଏହି ଘଟଣାକୁ ନେଇ ଉଭୟଙ୍କ ମଧ୍ୟରେ ବିଭିନ୍ନ ସମୟରେ କଳହ ଲାଗୁଥିଲା । ଗତକାଲି ଏହି କଳହ ଉଗ୍ରରୂପ ନେଇଥିଲା । ଗତକାଲି ଉଭୟଙ୍କ ମଧ୍ୟରେ ଏହି ମୋବାଇଲକୁ ନେଇ ପାଟିତୁଣ୍ଡ ହୋଇଥିଲା । ପରେ ପୁଆରି ଘରର ଗୋଟିଏ ରୁମକୁ ଯାଇ ରଶି ଲଗାଇ ଆତ୍ମହତ୍ୟା କରିଥିଲେ । ସ୍ୱାମୀ ଯେତେ କବାଟ ଖୋଲିବା ପାଇଁ କହିଥିଲେ ମଧ ସ୍ତ୍ରୀ କବାଟ ଖୋଲିନଥିଲେ । ପରେ ପ୍ରମୋଦ ଉଦ୍ୟକ୍ତ ହୋଇ ସେ ମଧ ଅନ୍ୟ ରୁମକୁ ଯାଇ ରଶି ଲଗାଇ ଝୁଲି ପଡ଼ିଥିଲେ । ଘର ବାହାରେ ୧୧ମାସର ଶିଶୁ କନ୍ୟାଟି କାନ୍ଦୁ ଥିବା ଶୁଣି ପାଖ ପଡ଼ୋଶୀ ଛୁଆ ପାଖକୁ ଧାଇଁ ଆସିଥିଲେ । କବାଟ ବାଡ଼େଇ ବାପାମା'ଙ୍କୁ ଡାକିଥିଲେ, ହେଲେ କେହି କବାଟ ଖୋଲି ନଥିଲେ । ଏନେଇ ପଡ଼ୋଶୀଙ୍କର ସନ୍ଦେହ ହୋଇଥିଲା । ବାପାମା' ରୁମରେ ଆତ୍ମହତ୍ୟା କରିଥିବା ସେମାନେ ଝରକା ପଟେ ଦେଖିଥିଲେ । ପରେ ଘଟଣା ସଂପର୍କରେ ପୁଲିସକୁ ଖବର ଦେଇଥିଲେ । ପୁଲିସ ଆଜି ସକାଳେ ପହଞ୍ଚି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି ଓ ଘଟଣାର ତଦନ୍ତ କରୁଛି ।

# ରାଜ୍ୟସ୍ତରୀୟ କବାଡି ଚମ୍ପିୟାନସିପରେ ମୟୁରଭଞ୍ଜର ପୁରୁଷ ଓ ମହିଳା ଦଳ



ବାରିପଦା , ୨୧/୧୧ (ନି.ପ୍ର): ଓଡିଶା କବାଡି ଏସୋସିଏସନ ଆନୁକୂଲ୍ୟରେ ଗଞ୍ଜାମର ଆସ୍କା ଠାରେ ଅନୁଷ୍ଠିତ ହେବାକୁ ଥିବା ୭୨ତମ ସିନିୟର କବାଡି ଚମ୍ପିୟାନସିପରେ ଅଂଶ ଗ୍ରହଣ କରିବା ପାଇଁ ମୟୁରଭଞ୍ଜର ପୁରୁଷ ଓ ମହିଳା ଦଳ ଘୋଷିତ ଓ ପୁରୁଷ ଦଳରେ ମିହିର ରଞ୍ଜନ ବେହେରା, ଆୟୁଷ ଦଣ୍ଡପାଟ, ମାନସ ମହାପାତ୍ର, ଉଦୟ ନାରାୟଣ କର, ସପନ କୁମାର ସାହୁ, ମାନସ ରଞ୍ଜନ ବେହେରା, ସୌରଭ ଦାସ, ଅଙ୍କିତ କୁମାର ବେହେରା, ଲକ୍ଷ୍ମୀଧର ବାଗ, ଶୁଭମ କୁମାର ମୁନି, ସାଗର ସେଠି ଓ ରଶ୍ମିରଞ୍ଜନ ମହାରଣା ସ୍ଥାନ ପାଇଛନ୍ତି ଓ ମାନସ ରଞ୍ଜନ ବେହେରା କୋଚ ଓ ରାକେଶ ବେହେରା ମ୍ୟାନେଜର ଭାବେ ଦଳ ସହିତ ଗସ୍ତ କରିବେ ଓ ସେହିପରି ମହିଳା ଦଳରେ ପ୍ରୀତି ପ୍ରିୟଦର୍ଶିନୀ ଅହଦାର, ସୌମ୍ୟ ଶୁଭଦର୍ଶୀ କୁଡ୍ଦାହ, ମିତାଲି ମାଝୀ, ଗୌରୀ ବାସ୍କେ, ଅର୍ପିତା ସ୍ୱାଇଁ, ଦିବ୍ୟଜ୍ୟୋତି ନନ୍ଦ, କାଞ୍ଚନ ଟୁଡୁ, ଦୀପାଲି ସିଂ, କିଚକେଶ୍ୱରୀ ଟୁଡୁ, ଅନର୍ଣ୍ଣିକା ସିଂ, କାପୁରା ହେମ୍ବ୍ରମ ଓ ଅନିଶା ଦାଶ ସ୍ଥାନ ପାଇଥିବାବେଳେ ସୋନାଲିକା ବେହେରା କୋଚ ଓ ମ୍ୟାନେଜର ଭାବେ ଦଳ ସହିତ ଗସ୍ତ କରିବେ ଓ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ଉପ ସଭାପତି ବିବେକାନନ୍ଦ ପଟ୍ଟନାୟକ, ମନୋଜ କୁମାର ସାଓ, ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, କବାଡି ସହ ସମ୍ପାଦକ ପ୍ରସନ୍ନଜିତ ମହାନ୍ତି, ଗଣମାଧ୍ୟମ ସମ୍ପାଦକ ସୋମନାଥ ସିଂହ ଓ ସମସ୍ତ କାଉନସିଲ ସଭ୍ୟ ଉଭୟ ଦଳର ସଫଳତା କାମନା କରିଛନ୍ତି ଓ ପ୍ରକାଶ ଥାଉକି ଏହି ଚମ୍ପିୟାନସିପ ଚଳିତ ମାସ ୨୨ ରୁ ୨୪ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ ।

# ଡିସେମ୍ବର ସୁଦ୍ଧା ୧ କୋଟି ମହିଳାଙ୍କୁ ମିଳିବ 'ସୁଭଦ୍ରା' ଟଙ୍କା

ଭୁବନେଶ୍ୱର, ୨୧/୧୧ (ନି.ପ୍ର): ଡିସେମ୍ବର ସୁଦ୍ଧା ୧ କୋଟି ମହିଳାଙ୍କୁ ମିଳିବ ସୁଭଦ୍ରା ଟଙ୍କା । ଏନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା ସୂଚନା ଦେଇଛନ୍ତି । ଆଗାମୀ ଦିନରେ ପ୍ରଦାନ ହେବାକୁ ଥିବା ତୃତୀୟ ପର୍ଯ୍ୟାୟରେ ସମସ୍ତ ଅଙ୍ଗନବାଡି କର୍ମୀଙ୍କୁ ସାମିଲ କରାଯିବ । ଏଥିପାଇଁ ସମସ୍ତଙ୍କର ଆବେଦନ ପତ୍ର ଯାଂଚ ସରିଛି । ବାଦ ପଡ଼ିଥିବା ୨ ଲକ୍ଷ ୬୭ ହଜାର ହିତାଧିକାରୀଙ୍କୁ ସାମିଲ ପାଇଁ ଆଜି ସନ୍ଧ୍ୟାରେ ବସିବ ଗୁରୁତ୍ୱପୂର୍ଣ୍ଣ ବୈଠକ । ୨୪ରେ ୨୦ ଲକ୍ଷ ମହିଳା ମିଳିବା ସହ ୮୦ ଲକ୍ଷ ମହିଳାଙ୍କୁ ମିଳିଯିବ ସୁଭଦ୍ରା ଟଙ୍କା ।


E.mail- rwssdivisionbhadrak@gmail.com

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**R.W.S&S DIVISION, BHADRAK.**
* * * * * *

**"e" PROCUREMENT NOTICE**

**Bid Identification No. RWSS (BDK):- 02/ 2024-25**

1. Name of the Work : Supplying and installation of all materials, labour, T&P with fitting,fixing for interior furniture laboratory Table,Radiance single sided rack ,Glass door store well,staff Chair etc. finishing to complete in all respect for NABL Purpose of District Laboratory, RWS&S Division,Bhadrak
2. Total Number of Work : 01 ( One)
3. Estimated Cost : Rs. 12.21 lakhs
4. Class of Contractor Registered contractor of Sate Govt/Central Govt C K D
5. Period of Completion : 02 months

| Procurement Officer | Bid Identification No | Availability of tender online for bidding | |
|---|---|---|---|
| | | From | To |
| Superintending Engineer RWSS Division Bhadrak | RWSS (BDK):- 02/2024-25 | 26.11.2024 (From-10.00 A.M) | 07.12.2024 up to 17.00 PM |

Further details can be seen from the e-procurement portal "www.tendersodisha.gov.in"
Subsequent corrigendum if required shall be appeared in the website only.

Sd/-
(Er.Binaya Kumar Rout )
Superintending Engineer,
R.W.S&S. Division, Bhadrak

OIPR:25020/11/0002/2425


# ସର୍ଗତ ଅରୁଣ କୁମାର ବେଜଙ୍କ ସ୍ମୃତିରେ ଏକ ଚକ୍ଷୁ ଶିବିର



ଜଳେଶ୍ୱର ୨୧/୧୧(ନିପ୍ର)ବରିଷ୍ଠ ବିଜେପି ନେତା ତଥା ବିଶିଷ୍ଟ ସମାଜସେବୀ ସ୍ୱର୍ଗତଃ ଅରୁଣ କୁମାର ବେଜଙ୍କ ପ୍ରଥମ ଶ୍ରାଦ୍ଧଦିବସ ଅବସରରେ ଅରୁଣ ଭାଇ ସ୍ମୃତି କମିଟି ଓ ମହାତ୍ମାଗାନ୍ଧୀ ଚକ୍ଷୁ ଚିକିତ୍ସାଳୟ, ରଙ୍ଗାମାଟିଆ ଆନୁକୂଲ୍ୟରେ ଶାନ୍ତିଆ ପ୍ରାଥମିକ ବିଦ୍ୟାଳୟଠାରେ ଆୟୋଜିତ 'ମାଗଣା ମୋତିଆ ବିନ୍ଦୁ ଚିହ୍ନଟ ଶିବିର'କୁ ବିଧିବଦ୍ଧଭାବେ ଜଳେଶ୍ୱରର ତହସିଲଦାର ସତ୍ୟଜିତ ମହାନ୍ତି ଉଦଘାଟନ୍ କରିଥିଲେ । ଆବାହକ ଫାଲ୍ଗୁନୀ ପାଣିଗ୍ରାହୀଙ୍କ ନେତୃତ୍ୱରେ ଅନ୍ୟମାନଙ୍କ ମଧ୍ୟରେ ବିଜେପି ନେତା ବ୍ରଜମୋହନ ପ୍ରଧାନ,ବିପିନ ବିହାରୀ ବିଶ୍ୱାଳ,ବଡ଼ଃ ରମାକାନ୍ତ ଭଞ୍ଜ, ଡ଼ଃ ଅଜିତ ମହାନ୍ତି, ସିଦ୍ଧାର୍ଥ ଶଙ୍କର ପାଲ, ବନମାଳୀ ଧଳ,ହେମନ୍ତ ଦାସ, ସୁକୁମାର ରଣା, ଅନନ୍ତ ଦାସ, ଅଶୋକ ବେଜ, ସତ୍ୟନାରାୟଣ କର,ବିଶ୍ୱଭୂଷଣ ଦାସ, ଶିବନାରାୟଣ ମହାପାତ୍ର, ଚନ୍ଦନ ଦାସ ପ୍ରମୁଖ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ । ଉକ୍ତ ଶିବିରରେ ସର୍ବମୋଟ ୮୫ଜଣ ଲୋକ ନିଜର ଚକ୍ଷୁ ପରୀକ୍ଷା କରେଇଥିବା ବେଳେ ସେଥିମଧ୍ୟରୁ ୩୯ଜଣ ମୋତିଆ ବିନ୍ଦୁ ଚିହ୍ନଟ ହୋଇ ମାଗଣାରେ ଅସ୍ତ୍ରୋପଚାର ପାଇଁ ରଙ୍ଗାମାଟିଆ ମହାତ୍ମାଗାନ୍ଧୀ ଚକ୍ଷୁ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି । ସଂଯୋଜକ ଅବସରପ୍ରାପ୍ତ ପ୍ରାଧାପିକା ଇନ୍ଦୁମତୀ ଗିରିଙ୍କ ସଂଯୋଜନାରେ ଆୟୋଜିତ ଶିବିରକୁ ସୁମତି ରଣା, ରଞ୍ଜନ ପାତ୍ର, ଅଜୟ ବାରିକ, ଦେବଯାନୀ ଅଣ୍ଡିଆ, ସୁମତି ଦେ, ସୁବାସିନୀ ଜେନା, ଗୀତାଞ୍ଜଳି ବେହେରା, ମୁକ୍ତାରାଣୀ ପାଲ,ଅମଲ ମଣ୍ଡଳ, ସୁବ୍ରତ ରଣା, ଅମୂଲ୍ୟ ଅଣ୍ଡିଆ ପ୍ରମୁଖ ପରିଚାଳନା କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଆଦାନୀଙ୍କୁ ଘେରିଲା...

ନିବେଶକ ଏବଂ ବ୍ୟାଙ୍କଗୁଡିକ ମିଛ କହି ଠକିଥିଲା ଆଦାନୀ ଗ୍ରୁପ । ଆଦାନୀ ଗ୍ରୀନ ଏନର୍ଜିର ଅନ୍ୟ ଜଣେ କର୍ମଚାରୀ, ପୂର୍ବତନ ସିଇଓ ବିନିତ ଜୈନ ଋଣଦାତା ଓ ନିବେଶକଙ୍କଠାରୁ ନିଜ ଦୁର୍ନୀତିକୁ ଲୁଚାଇବା ପାଇଁ ୩ ବିଲିୟନ ଡଲାରରୁ ଅଧିକ ଋଣ ଏବଂ ବଣ୍ଡ ସଂଗ୍ରହ କରିଥିଲେ ବୋଲି ଦାବି ହୋଇଛି । କହିରଖୁ ଯେ, ବିନିତ ଜୈନ ୨୦୨୦ ରୁ ୨୦୨୩ ପର୍ଯ୍ୟନ୍ତ କମ୍ପାନୀର ସିଇଓ ଥିଲେ । ସାଗର ଆଦାନୀ ଓ ବିନିତ ଜୈନ୍ ଗ୍ରୀନ୍ ଏନର୍ଜୀ ଲିମିଟେଡ୍‌ର ଅଧିକାରୀ ଅଟନ୍ତି । ସାଗର ହେଉଛନ୍ତି ଗୌତମ ଆଦାନୀଙ୍କ ପୁତୁରା । ରୟଟର୍ସର ରିପୋର୍ଟ ମୁତାବକ, ଗୌତମ ଆଦାନୀ ଓ ସାଗରଙ୍କ ବିରୋଧରେ ଆମେରିକା କୋର୍ଟ ଗିରଫ ଓ୍ୱାରେଣ୍ଟ ଜାରି କରିଛି । ଆମେରିକୀୟ ନିବେଶକଙ୍କ ଟଙ୍କା ଏହି ପ୍ରକଳ୍ପରେ ଲାଗିଥିବାରୁ ସେଠାରେ ଏହି ମାମଲା ରୁଜୁ ହୋଇଛି ।

## ଆୟଠାରୁ ୨୮୦% ଅଧିକ...

ତାଙ୍କ ଘରୁ ନଗଦ ୧ ଲକ୍ଷ ୪୯ ହଜାର ୮୭୦ ଟଙ୍କା ମିଳିଥିଲା । ତାଙ୍କର ଗୋଟିଏ ଚାରି ଚକିଆ ଗାଡ଼ି (ମାରୁତି ସ୍ୱିଫ୍ଟ) ଓ ୩ଟି ଦୁଇ ଚକିଆ ଗାଡ଼ି ଅଛି । ତାଙ୍କ ଘରୁ ୮.୧୦ ଲକ୍ଷ ଟଙ୍କାର ସୁନା ଗହଣା ଓ ଆସବାବପତ୍ର ଠାବ କରାଯାଇଛି । ଭିଜିଲାନ୍ସ ପକ୍ଷରୁ କୁହାଯାଇଛି ଯେ ସିଏସ୍‌ଓ ସୁରେଶ କୁମାର ପାଣିଗ୍ରାହୀଙ୍କ ସମସ୍ତ ସମ୍ପତ୍ତି ଠାବ କରି ତା'ର ହିସାବ କଲାପରେ ତାଙ୍କ ଆୟ ଓ ବ୍ୟୟର ହିସାବ କରାଯାଇଥିଲା ଏବଂ ସେ ତାଙ୍କ ଆୟଠାରୁ ୨୮୦% ସଂପତ୍ତି ଠୁଳ କରିଥିବା ଜଣାପଡ଼ିଛି । ଏହି ମାମଲାରେ ଭିଜିଲାନ୍ସର ତଦନ୍ତ ଜାରି ରହିଛି ।

## ବିଜେପି ବିଧାୟକଙ୍କୁ ...

ମାର୍କେଟରେ ହାଟ ବନ୍ଦ ପ୍ରତିବାଦରେ ବିଜେଡି କର୍ମୀମାନେ ପ୍ରତିବାଦ କରୁଥିଲେ । ରାସ୍ତାରୋକ ଯୋଗୁ ବିଧାୟକଙ୍କ ଗାଡ଼ି ଦୀର୍ଘ ସମୟ ଧରି ଅଟକି ରହିଥିଲା । ଠିକ୍ ସେତିକି ବେଳେ ୧୦ରୁ ୧୫ ଜଣ ଯୁବକ ବିଧାୟକଙ୍କ ସହିତ ଯୁକ୍ତିତର୍କ କରିବା ସହିତ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା । ଏଥିସହିତ ପିଏସ୍‌ଓଙ୍କୁ ଆକ୍ରମଣ କରାଯାଇଥିବା ବିଧାୟକ ଅଭିଯୋଗ କରିଛନ୍ତି । ଏହି ଖବର ପ୍ରଚାରିତ ହେବା ପରେ ସେଠାରେ ବିଜେପି କର୍ମୀମାନେ ପହଞ୍ଚିଥିଲେ । ଏହା ପରେ ଅଭିଯୁକ୍ତମାନେ ଛତ୍ରଭଙ୍ଗ ଦେଇ ପଳାଇ ଯାଇଥିଲେ । ଆକ୍ରମଣ କରିଥିବା ଅଭିଯୁକ୍ତଙ୍କ ଗିରଫ ଦାବିରେ ବିଧାୟକ ଶ୍ରୀ ସାହୁ ଓ ତାଙ୍କ ସମର୍ଥକମାନେ ଧାରଣାରେ ବସିଥିଲେ । ବିଳମ୍ବିତ ରାତିରେ ଯାଜପୁର ଏସ୍‌ପି ଆନ୍ଦୋଳନ କରୁଥିବା ବିଧାୟକ ଓ ତାଙ୍କ କର୍ମୀଙ୍କ ସହିତ ଆଲୋଚନା କରିଥିଲେ । ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ବିଧାୟକଙ୍କ ପିଏସ୍‌ଓଙ୍କ ଅଭିଯୋଗ ଆଧାରରେ ପୁଲିସ୍‌ଆଜି ୧୦ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପୁଲିସ୍ ଉଦ୍ୟମ ଆରମ୍ଭ କରିଛି ।

## ବାଲେଶ୍ୱରରେ ମହତାବ...

କରିଥିଲେ । ଏ ନେଇ ଉଚିତ ପଦକ୍ଷେପ ନେବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ 'ସେଇଠୁ ଆରମ୍ଭ'ର ସମ୍ପାଦକ ଶୁଭେନ୍ଦୁ ମୋହନ ଦାସ, ସାମ୍ବାଦିକ ଉଜ୍ଜଳ ଚନ୍ଦ୍ର କର, ଉବାଚକ ମହାନ୍ତି, ଶରତ ମିଶ୍ର, ଅନିରୁଦ୍ଧ ଦାସ, ମନୋଜ କୁମାର ରାଉଳ, ବ୍ରହ୍ମାନନ୍ଦ ସ୍ୱାଇଁ, ଆଲୋକ ବାରିକ, ରତିକାନ୍ତ ପାତ୍ରଙ୍କ ସମେତ ସମାଜସେବୀ ଅନିରୁଦ୍ଧ ଦାସ, ଆଇନଜୀବୀ ଗଣେଶ୍ୱର ରାଉତ ପ୍ରମୁଖ ଏଥିରେ ବକ୍ତବ୍ୟ ରଖିଥିଲେ । ସ୍ମୃତି କମିଟିର କାର୍ଯ୍ୟକର୍ତ୍ତା ସାମ୍ବାଦିକ କଞ୍ଚମଣି ସ୍ୱାଇଁ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ସ୍ମୃତି କମିଟିର ବରିଷ୍ଠ ସଦସ୍ୟା ତଥା ସାମ୍ବାଦିକା ଅପର୍ଣ୍ଣା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଦିଲ୍ଲୀ ନିର୍ବାଚନ ...

ସେପଟେ ଅରବିନ୍ଦ କେଜ୍ରିଓ୍ୱାଲଙ୍କ ଆବେଦନ ଉପରେ ଜବାବ ଦାଖଲ ପାଇଁ ଇଡି ପକ୍ଷରୁ ସଲିଟର ଜେନେରାଲ ତୁଷାର ମେହେଟ୍ଟା ହାଇକୋର୍ଟଙ୍କୁ ସମୟ ମାଗିଛନ୍ତି । ପ୍ରକାଶ ଥାଉ, ଦିଲ୍ଲୀ ସରକାର ୧୭ ନଭେମ୍ବର ୨୦୨୧ରେ ଅବକାରୀ ନୀତି କାର୍ଯ୍ୟକାରୀ କରିଥିଲେ । ଏଥିରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ଆସିବା ପରେ ୨୦୨୨ ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ଏହାକୁ ରଦ୍ଦ କରିଦେଇଥିଲେ । ଏହାପରେ ଦିଲ୍ଲୀ ଲେଫ୍ଟନାଣ୍ଟ ଗଭର୍ଣ୍ଣର ଭି.କେ ସକ୍ସେନା ଏହି ଅବକାରୀ ନୀତି କାର୍ଯ୍ୟକାରୀ କରିବାରେ ହୋଇଥିବା ଅନିୟମିତତା ଘଟଣାର ଯାଞ୍ଚ ପାଇଁ ସିବିଆଇକୁ ସୁପାରିଶ କରିବା ପରେ କେଜ୍ରିଓ୍ୱାଲଙ୍କ ବିରୋଧରେ ଏହି ମନି ଲଣ୍ଡରିଂ ମାମଲା ପଞ୍ଜୀକୃତ ହୋଇଥିଲା ।

## ରାହୁଲ ଗାନ୍ଧିଙ୍କ ଦାବି: ଗୌତମ ...

ପ୍ରଧାନମନ୍ତ୍ରୀ ମୋଦି ଆଦାନୀଙ୍କୁ ବଞ୍ଚାଉଛନ୍ତି । ସେ ମଧ ନିଜେ ଦୁର୍ନୀତିରେ ଜଡିତ ଅଛନ୍ତି । ରାହୁଲ ଗାନ୍ଧି ଆହୁରି କହିଛନ୍ତି, 'ସେ ଆମେରିକାରେ ଅପରାଧ କରିଛନ୍ତି । ସେଠାରେ ୨ ହଜାର କୋଟି ଟଙ୍କାର ଠକେଇ ହୋଇଛି । ଆଦାନୀ ଜୀଙ୍କୁ ଗିରଫ କରାଯିବା ଉଚିତ୍ । ମାଧୁରୀ ବୁଚଙ୍କୁ ହଟାଇବା ଉଚିତ ଏବଂ ଯାଞ୍ଚ କରାଯିବା ଉଚିତ୍ । ପ୍ରଧାନମନ୍ତ୍ରୀ ଏହି ବ୍ୟକ୍ତିଙ୍କୁ ଶତପ୍ରତିଶତ ବଞ୍ଚାଉଛନ୍ତି । ଏହି ଲୋକମାନେ ବିଜେପିକୁ ସମ୍ପୂର୍ଣ୍ଣ ସମର୍ଥନ କରୁଛନ୍ତି । ଆମେ ଔଚଉ ତଦନ୍ତ କରାଯାଉ ବୋଲି ଦାବି କରୁଛୁ ।' କହିରଖୁ ଯେ, ଆଦାନୀଙ୍କ ସମେତ ତାଙ୍କ ପୁତୁରା ସାଗର ଆଦାନୀ, ଆଦାନୀ ଗ୍ରୀନ୍ ? ଏନର୍ଜୀର କାର୍ଯ୍ୟକାରୀ ନିର୍ଦ୍ଦେଶକ ଓ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବିନିଜ ଜୈନ୍‌ଙ୍କ ବିରୋଧରେ ମଧ ଅଭିଯୋଗ ହୋଇଛି । ଜୈନ ୨୦୨୦ରୁ ୨୦୨୩ ପର୍ଯ୍ୟନ୍ତ କମ୍ପାନୀର ସିଇଓ ଥିଲେ । ସେ ନିର୍ଦ୍ଦେଶକ ବୋର୍ଡରେ ପରିଚାଳନା ନିର୍ଦ୍ଦେଶକ ଥିଲେ ।

## ୩ ବିଶ୍ୱବିଦ୍ୟାଳୟର...

କୁଳପତିମାନଙ୍କ କାର୍ଯ୍ୟକାଳକୁ ଆଉ ୬ମାସ ବୃଦ୍ଧି କରିଛନ୍ତି । ଆଜି ଗୁରୁବାର ରାଜଭବନ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଉତ୍କଳ ବିଶ୍ୱବିଦ୍ୟାଳୟ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଓ ରମାଦେବୀ ବିଶ୍ୱବିଦ୍ୟାଳୟର କୁଳପତିମାନଙ୍କ କାର୍ଯ୍ୟକାଳକୁ ରାଜ୍ୟପାଳ ବୃଦ୍ଧି କରିଛନ୍ତି । ଏହି ୩ ବିଶ୍ୱବିଦ୍ୟାଳୟର କୁଳପତିଙ୍କ କାର୍ଯ୍ୟକାଳ ସରିବା ଦିନଠୁ ୬ମାସ ପର୍ଯ୍ୟନ୍ତ ଅବା ନୂଆ କୁଳପତି ଯୋଗଦେବା ପର୍ଯ୍ୟନ୍ତ(ଯାହା ପ୍ରଥମେ ଆସିବ) ବୃଦ୍ଧି କରାଗଲା । ତେବେ ଏହି ସମ୍ପ୍ରସାରିତ କାର୍ଯ୍ୟକାଳ ମଧ୍ୟରେ ସମ୍ପୃକ୍ତ କୁଳପତିମାନେ କୁଳାଧିପତିଙ୍କ ବିନା ଅନୁମତିରେ କୌଣସି ନୀତିଗତ ନିଷ୍ପତ୍ତି ନେଇପାରିବେ ନାହିଁ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି । ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟଙ୍କର ନଭେମ୍ବର ୨୩, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ନାଗରାଜୁଙ୍କର ନଭେମ୍ବର ୨୬ ଓ ରମାଦେବୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅପରାଜିତା ଚୌଧୁରୀଙ୍କ କାର୍ଯ୍ୟକାଳ ନଭେମ୍ବର ୨୫ତାରିଖରେ ଶେଷ ହେଉଛି । ତେବେ ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର କୁଳପତିଙ୍କ କାର୍ଯ୍ୟକାଳ ଚଳିତମାସରେ ଶେଷ ହେଉଥିଲେ ମଧ ସେମାନଙ୍କ କାର୍ଯ୍ୟକାଳ ବୃଦ୍ଧି ହୋଇନାହିଁ । ସୂଚନାଯୋଗ୍ୟ, ଗତ ନଭେମ୍ବର ୮ତାରିଖରେ ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଏନବିଏସ ରାଜପୁତ ରାଜ୍ୟ ଉଚ୍ଚଶିକ୍ଷା ସଚିବଙ୍କୁ ଚିଠି ଲେଖି କୁଳପତି ଚୟନ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ କହିଥିଲେ । ଏହାସହିତ ଚୟନ ପ୍ରକ୍ରିୟା ବିଳମ୍ବକୁ ନେଇ ସେ ଅସନ୍ତୋଷ ବ୍ୟକ୍ତ କରିଥିଲେ ।

## ଆଜି ଭାଙ୍ଗାଯିବନି ...

ବୈକୁଣ୍ଠଧାମ ଆଶ୍ରମରେ ବାବା ଶ୍ରୀଶ୍ରୀଶ୍ରୀ ସତ୍ୟ ଅନନ୍ତ ମାଧବ ଲୀଳାଖେଳା କରୁଥିଲେ । ପ୍ରତିଦିନ ଭକ୍ତଙ୍କୁ ଭେଟୁଥିଲେ ଓ ପ୍ରବଚନ ଦେଉଥିଲେ । ସେଥିପାଇଁ ଭକ୍ତଙ୍କ ପ୍ରବଳ ଭିଡ ଜମୁଥିଲେ । ଦୂରଦୂରାନ୍ତରୁ ଆସୁଥିବା ଶ୍ରଦ୍ଧାଳୁମାନେ ବାବାଙ୍କ ସରଣ ପଶୁଥିଲେ । ବାବାଙ୍କଠାରୁ ଆଶୀର୍ବାଦ ନେଇଯାଉଥିଲେ । ତେବେ ବାବାଙ୍କ ଗୋଟିଏ ଫଟୋ ଭାଇରାଲ୍ ? ହେବା ପରେ ବିବାଦ ବଢ଼ିଥିଲା । କୁନି ବାବାଙ୍କ ପାଦ ତଳେ ତୁଳସୀ ଥିବା ଦେଖିବାକୁ ମିଳିଥିଲା । ତା'ପରେ ବିବାଦ ଉଗ୍ର ରୂପ ଧାରଣ କରିଥିଲା । ବିଭିନ୍ନ ସଙ୍ଗଠନ ପକ୍ଷରୁ ପ୍ରତିବାଦ କରାଯାଇଥିଲା । ଏପରିକି ଭରତପୁର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା । ବିବାଦ ଉଗ୍ର ରୂପ ଧାରଣ କରିବା ପୂର୍ବରୁ ବାବା ଓ ତାଙ୍କ ପରିବାର ରାତି ଅଧିଆ ଚମ୍ପଟ ମାରିଥିଲେ । ବାବା ଫେରାର ହେବା ପରେ ଆଶ୍ରମ ତିଆରି ହୋଇଥିବା ଜମିକୁ ନେଇ ବିବାଦ ଦେଖାଦେଇଥିଲା । ଆଶ୍ରମଟି ସରକାରୀ ଜମିରେ ତିଆରି ହୋଇଥିବା ଅଭିଯୋଗ ହୋଇଥିଲା । ଏହା ପରେ ବିଏମ୍‌ସି ଓ ବିଡିଏ ତତ୍ପର ହୋଇଥିଲା । ଦୁଇ ଦିନ ତଳେ ପ୍ରଶାସନ ଆଶ୍ରମରେ ମାପଜୁପ କରିଥିଲେ । ମାପଚୁପ ପରେ ଆଶ୍ରମ ସରକାରୀ ଜମିରେ ତିଆରି ହୋଇଥିବା ସ୍ପଷ୍ଟ ହୋଇଥିଲା । ଏହା ପରେ ଆଶ୍ରମ ଭାଙ୍ଗିବା ପାଇଁ ବିଡିଏ ଘୋଷଣା କରିଛି ।

# ଆସନ୍ତା ୨୫ ତାରିଖ ଅନୁଷ୍ଠିତ ହେବ ଜିଲ୍ଲାସ୍ତରୀୟ ପେନସନ ଅଦାଲତ

ବାରିପଦା, ୨୧/୧୧ (ନି.ପ୍ର): ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଓ ଓଡିଶା ପ୍ରଧାନ ମହାଲେଖାକାର (ଲେଖା ଓ ହକଦାରୀ )ଙ୍କ ଦ୍ୱାରା ଆସନ୍ତା ୨୫ ତାରିଖ ସୋମବାର ଦିନ ଜିଲ୍ଲା ସ୍ତରୀୟ ପେନସନ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଅଛି । ସୂଚନାନୁସାରେ, ଏହି କାର୍ଯ୍ୟକ୍ରମ ନିର୍ଦ୍ଧାରିତ ତାରିଖରେ ସ୍ଥାନୀୟ ସହିଦ ସ୍ମୃତି ଭବନ ଠାରେ ସକାଳ ୧୦ଟା ବେଳେ ଅନୁଷ୍ଠିତ ହେବାକୁ ଯାଉଛି । ସରକାରଙ୍କର ବିଭିନ୍ନ ବିଭାଗର ପେନସନ ମଞ୍ଜୁରକର୍ତ୍ତା ମାନେ ଠିକ ସମୟରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନଙ୍କର ପେନସନ କାଗଜ ଠିକ ସମୟରେ ଏ. ଜି କାର୍ଯ୍ୟାଳୟକୁ ପେନସନ ମଞ୍ଜୁରୀ ନିମନ୍ତେ ପଠାଇବା, ଅବସରପ୍ରାପ୍ତ କର୍ମଚାରୀମାନଙ୍କର ଅବସରକାଳୀନ ଦେୟ କାଗଜପତ୍ର ଓ ସେମାନଙ୍କର ପ୍ରାପ୍ୟ ଠିକ ସମୟରେ ପାଇବା ନିମିତ୍ତ ତଥ୍ୟ ଏହି ପେନସନ ଅଦାଲତରେ ପ୍ରଦାନ କରାଯିବ । ଏ. ଜି କାର୍ଯ୍ୟାଳୟ ପକ୍ଷରୁ ପେନସନର ମାନଙ୍କ ଅବସରକାଳୀନ ପ୍ରାପ୍ୟ ଫଇସଲା ପାଇଁ ଏହିଭଳି କଲ୍ୟାଣ ମୂଳକ କାର୍ଯ୍ୟକ୍ରମ, ଜିଲ୍ଲା ପ୍ରଶାସନ, ମୟୂରଭଞ୍ଜ ଦ୍ୱାରା ଆୟୋଜନ କରାଯାଉଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ରହିବେ ବୋଲି, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ ସୂଚନା ଦେଇଛନ୍ତି ।

ଶୁକ୍ରବାର, ୨୨ ନଭେମ୍ବର , ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ବଳରାମ ସାହୁଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ ସ୍ମୃତିସଭା



ବାଲିଆପାଳ , ୨୧/୧୧ (ନି.ପ୍ର): ଲବ୍ଧପ୍ରତିଷ୍ଠ ରାଜନେତା ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ବଳରାମ ସାହୁଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ ସ୍ମୃତିସଭା ଗୁରୁବାର ତାଙ୍କ ଖପରାପଦା ସ୍ଥିତ ବାସ ଭବନ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ବଳରାମ ସାହୁ ସ୍ମୃତି କମିଟି ଦ୍ୱାରା ଆୟୋଜିତ ଏହି ସଭା ରେ ଅଧ୍ୟାପକ ଡ଼ଃ ସୁକାନ୍ତ କୁମାର ଗିରି ପୌରହିତ୍ୟ କରିଥିଲେ। ସ୍ୱର୍ଗତ ସାହୁଙ୍କ ଧର୍ମପତ୍ନୀ ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟା ପରମେଶ୍ୱରୀ ସାହୁ ପ୍ରାକ ସୂଚନା ବିବରଣୀ ପ୍ରଦାନ କରିଥିଲେ। ଉତ୍କଳ ସମ୍ମିଳନୀ ସମ୍ପାଦକ ସନ୍ୟାସୀ ବେହେରା, ବରିଷ୍ଠ ସାମ୍ବାଦିକ ରବି ରଞ୍ଜନ ତ୍ରିପାଠୀ,ବୀର ମାଧବ ଦାସ,ସଦାଶିବ ସେଠୀ, ଶିଶିର କୁମାର ଖଣ୍ଡା, ସାମ୍ବାଦିକା ରାଜଶ୍ରୀ ପାଣିଗ୍ରାହୀ,ମନ୍ମଥ କୁମାର ବାରିକ, ରାମ ଚନ୍ଦ୍ର ବେସ୍ରା, ସୁବୋଧ କୁମାର ସାହୁ, ଭରତ ଚନ୍ଦ୍ର ସାହୁ, ଯତୀନ୍ଦ୍ର ନାଥ ଜେନା, ସୁଧାଂଶୁ ବେହେରା, ଅମୂଲ୍ୟ ଚରଣ ନାଥ ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ମାନେସ୍ୱର୍ଗତ ସାହୁଙ୍କ ସ୍ମୃତି ଚାରଣ କରିବା ସହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପ୍ରାରମ୍ଭରେ ୨ ମିନିଟ ନୀରବ ପ୍ରାଥନା କରାଯାଇ ଥିଲା। ସ୍ୱର୍ଗତ ସାହୁଙ୍କ ପୁତ୍ର ବିଶ୍ୱେଶ୍ୱର ପ୍ରତାପ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଗଛକଟାକୁ ନେଇ ଠିକାଦାର ଓ ରେଞ୍ଜରଙ୍କ ମଧ୍ୟରେ କଥା କଟାକଟି



ନୀଳଗିରି, ୨୧/୧୧ (ନି.ପ୍ର): କେତେବେଳେ ରୋଗୀଙ୍କ ସ୍ୱାସ୍ଥ୍ୟସେବାକୁ ନେଇ ବିବାଦ ସୃଷ୍ଟି ହେଉଛି ତ କେତେବେଳେ ପରିବେଶ ପରିଛନ୍ନତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।ଉକ୍ତ ଚିକିତ୍ସାଳୟର ମିଶନଶକ୍ତି କାଫେ ସମ୍ମୁଖରେ ଥିବା କିଛି ଗଛକୁ ଏକ ନୂତନ ପାଣିଟାଙ୍କି ନିର୍ମାଣ ନିମନ୍ତେ କଟାଯାଇଥିଲା।ହେଲେ ଉକ୍ତ ଗଛ ଗୁଡିକର ଜାଳେଣି କାଠସବୁ ଚୋରି ହେଉଥିବା ଅଭିଯୋଗ ନେଇ କିଛି ସ୍ଥାନୀୟ ଲୋକ ପ୍ରତିବାଦ କରିବା ସହ ବନବିଭାଗକୁ ଅବଗତ କରିଥିଲେ।ନୀଳଗିରି ରେଞ୍ଜର ଆଇସା ନିଶା ଅନ୍ଧାର ଘଟଣା ସ୍ଥଳରେ ପହଞ୍ଚି ଉକ୍ତ ଗଛ ଗୁଡିକ କିଏ କାଟିବା ପାଇଁ ଅନୁମତି ଦେଲା ଓ ତାହାର କାଗଜପତ୍ର ଯାଞ୍ଚ ନିମନ୍ତେ ପଚାରିଥିଲେ। ହେଲେ ଉକ୍ତ ଠିକାଦାର କୌଣସି କାଗଜ ପତ୍ର ଦେଖେଇ ନପାରିବାରୁ ଠିକାଦାରଙ୍କୁ ଅଟକ ରଖିଥିଲେ ରେଞ୍ଜର। ପରେ ରେଞ୍ଜର ଓ ଠିକାଦାରଙ୍କ ସମର୍ଥକଙ୍କ ମଧ୍ୟରେ ବାକ୍ ଯୁଦ୍ଧ ହୋଇଥିଲା।ରେଞ୍ଜର ଠିକାଦାରଙ୍କୁ ଅଟକ ରଖିଥିବା ବେଳେ ଠିକାଦାର ଜଣକ ଉପରିସ୍ଥ ଅଧିକାରୀଙ୍କ ପରାମର୍ଶରେ ଗଛ କାଟିଥିବା କହିଛନ୍ତି।ପରେ ଘଟଣା ସ୍ଥଳରେ ଏସିଏଫଓ ପହଞ୍ଚି ତଦନ୍ତ କରିବା ପରେ ଚୋରି ହୋଇଥିବା କାଠ ବାବଦକୁ ପିଏଚଡି ବିଭାଗ ଭରଣ କରିବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି ।

# ବାଲେଶ୍ୱରରେ ଜିଲ୍ଲାସ୍ତରୀୟ ବିଶ୍ୱ ମତ୍ସ୍ୟ ଦିବସ ପାଳିତ




ବାଲେଶ୍ୱର, ୨୧/୧୧ (ନି.ପ୍ର): ସ୍ଥାନୀୟ ବ୍ରିଟ କଲ୍ୟାଣ ମଣ୍ଡପଠାରେ ଜିଲ୍ଲାସ୍ତରୀୟ ବିଶ୍ୱ ମତ୍ସ୍ୟ ଦିବସ ପାଳିତ ହୋଇଯାଇଛି ଓ ଏହି ଅବସରରେ ମୁଖ୍ୟ ଅତିଥି ରୂପେ ମାନ୍ୟବର ବିଧାୟକ ବାଲେଶ୍ୱର ସଦର ଶ୍ରୀ ମାନସ ଦତ୍ତ ପ୍ରକାଶ କରିଥିଲେ ଯେ ଶତକଡା ୨୫ ଭାଗ ସମଗ୍ର ଓଡିଶାର ମତ୍ସ୍ୟ ଉତ୍ପାଦାନରୁ ବାଲେଶ୍ୱରର ଭାଗିଦାର ଥାଏ ଓ ତୃଣମୂଳସ୍ତରରେ ସରକାରୀ ଯୋଜନା ଗୁଡ଼ିକୁ ଚାଷୀ ମାନଙ୍କ ଠାରେ ପହଞ୍ଚାଇବା ନିମନ୍ତେ ବ୍ଲକସ୍ତରରେ ସଚେତନତା କାର୍ଯ୍ୟକ୍ରମ ଓ ଅଭିଯୋଗ ଶୁଣାଣିକୁ ଅଧିକ ତ୍ୱରିତ କରିବା ପାଇଁ ଶ୍ରୀ ଦତ୍ତ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ମାନ୍ୟବର ଅଧକ୍ଷ ଶ୍ରୀ ନାରାୟଣ ପ୍ରଧାନ ଉପସ୍ଥିତ ରହି ମତ୍ସ୍ୟଚାଷୀମାନଙ୍କୁ ବିଭିନ୍ନ ସରକାରୀ ଯୋଜନାର ସଫଳ ରୂପାୟନ ନିମନ୍ତେ ଉଦବୋଧନ ଦେଇଥିଲେ ଓ ପ୍ରାରମ୍ଭିକ ସମ୍ଭାଷଣରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁଧାକର ନାୟକ ମତ୍ସ୍ୟଚାଷ ସହିତ ସମ୍ପର୍କିତ ବିଭିନ୍ନ ସରକାରୀ ଯୋଜନାକୁ ପାଥେୟ କରି ମତ୍ସ୍ୟ ଉତ୍ପାଦନ ବୃଦ୍ଧି କରିବା ସହିତ ନିଜେ ସ୍ୱାବଲମ୍ବୀ ହେବା ଦିଗରେ ଆଲୋକପାତ କରିଥିଲେ । ସଭାରେ ଉପସ୍ଥିତ ଅନ୍ୟାନ୍ୟ ଅତିଥିମାନଙ୍କ ମଧ୍ୟରେ ଉପନିର୍ଦ୍ଦେଶକ ଉଦ୍ୟାନ ବିଭାଗ ଶ୍ରୀ ତପନ କୁମାର ମହାନ୍ତି, ସହକାରୀ ନିର୍ଦ୍ଦେଶକ ଉଦ୍ୟାନ ବିଭାଗ ଶ୍ରୀ ଗୋପୀନାଥ କର, ଜିଲ୍ଲା କୃଷି ବିଭାଗ ଅଧିକାରୀ ଶ୍ରୀ ସରୋଜ କୁମାର ଗିରି, ଅତିରିକ୍ତ ଜିଲ୍ଲା ପ୍ରାଣୀ ବିଭାଗ ଅଧିକାରୀ ଶ୍ରୀ ଶିବ ପ୍ରସାଦ ଦାସ, ଜିଲ୍ଲା ମୃତିକା ସଂରକ୍ଷଣ ଅଧିକାରୀ ଶ୍ରୀ ଜ୍ଞାନରଞ୍ଜନ ଆଚାର୍ଯ୍ୟ, ଡିପିସି ମିଶନ ଶକ୍ତି ଶ୍ରୀ କାର୍ତ୍ତିକ ଚନ୍ଦ୍ର ନାୟକ, ଏଲଡିଏମ କାର୍ଯ୍ୟାଳୟର ଜୋନାଲ ମ୍ୟାନେଜର ଶ୍ରୀ ଅମିତ କୁମାର ମତ୍ସ୍ୟଚାଷ ସହିତ ସମ୍ମିଳିତ ଚାଷ ଫାର୍ମପଣ୍ଡ, ଉଦ୍ୟାନକୃଷି, ଗୋପାଳନ, ବ୍ୟାଂକରଣ ଇତ୍ୟାଦି ସମ୍ବନ୍ଧେ ଚାଷୀ ମାନଙ୍କ ସହିତ ଆଲୋଚନା କରିଥିଲେ । ମଞ୍ଚାସୀନ ଉପମତ୍ସ୍ୟ ନିର୍ଦ୍ଦେଶକ ଶ୍ରୀ ଦୀପ୍ତି କୁମାର ମହାପାତ୍ର ମାଛ ଚାଷର ବୈଷୟିକ ଜ୍ଞାନ କୌଶଳ ଓ ଲୋକାଭିମୁଖୀ ସରକାରୀ ଯୋଜନା ଗୁଡିକର ଉପକାରିତା ସମ୍ବନ୍ଧେ ଆଲୋକପାତ କରିଥିଲେ ଓ ଜିଲ୍ଲା ମତ୍ସ୍ୟ ଅଧିକାରୀ ଶ୍ରୀ ଜିତେନ୍ଦ୍ର କୁମାର ବେହେରା ସଭା ପରିଚାଳନା ସହିତ ବିଶ୍ୱ ମତ୍ସ୍ୟ ଦିବସର ଆଭିମୁଖ୍ୟ ଓ ଉପଦେୟତା ସମ୍ବନ୍ଧେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ ଓ ବିଭିନ୍ନ ଯୋଜନାରେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥିବା ଛ' ଜଣ ମତ୍ସ୍ୟଜୀବୀ ଓ ମତ୍ସ୍ୟଚାଷୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ ଓ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକ ଓ ମେରାଇନ ୟୁନିଟ ର ମତ୍ସ୍ୟ ଅଧିକାରୀ, ବରିଷ୍ଠ ଓ କନିଷ୍ଠ ବୈଷୟିକ ମତ୍ସ୍ୟ ସହାୟକ ଓ ସାଗର ମିତ୍ର ମାନେ ଉପସ୍ଥିତ ଥିଲେ ଓ ସର୍ବଶେଷରେ ଶ୍ରୀମତୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

# ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ: ଡିଜିପି

ଭୁବନେଶ୍ୱର, ୨୧/୧୧ (ନି.ପ୍ର): ଧର୍ମଶାଳା ବିଧାୟକଙ୍କୁ ଆକ୍ରମଣ ଘଟଣାରେ ପ୍ରତିକ୍ରିୟା ରଖିଛନ୍ତି ପୋଲିସ୍ ଡିଜି। ଯେଉଁ ସମୟରେ ଜିଲ୍ଲା ପ୍ରଶାସନ ଘଟଣା ସମ୍ପର୍କରେ ଅବଗତ ହେଲା ପୋଲିସ ଫୋର୍ସ ମୁତୟନ କରି ତଦନ୍ତ ଆରମ୍ଭ କରିଛି। ଆଇନ ଅନୁସାରେ କାର୍ଯ୍ୟନୁଷ୍ଠାନ ହେବ। ଆଇନ ଶୃଙ୍ଖଳା ଏଡିଜି ଘଟଣା ସ୍ଥଳରେ କ୍ୟାମ୍ପ ଲଗେଇ ଅଛନ୍ତି । ଏହା ସହ ଆବଶ୍ୟକୀୟ ଫୋର୍ସ ମଧ୍ୟ ମୁତୟନ ଅଛନ୍ତି। ପିଏସଓଙ୍କ ଭୂମିକା କଣ ଥିଲା ତଦନ୍ତ ପରେ ଜଣାପଡ଼ିବ। ଘଟଣା ଘଟିବା ପରେ ପୋଲିସ ଆବଶ୍ୟକୀୟ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିଛି ବୋଲି ଡିଜିପି କହିଛନ୍ତି ।

# ବିଶ୍ୱହିନ୍ଦୁ ପରିଷଦ ଦ୍ୱାରା ଆୟୋଜିତ କେନ୍ଦ୍ରୀୟ ବୈଠକକୁ ଡ଼ଃ ବେହେରାଙ୍କୁ ନିମନ୍ତ୍ରଣ

ପାରାଦ୍ୱୀପ , ୨୧/୧୧ (ନି.ପ୍ର): ଜଗତସିଂହପୁର ଜିଲ୍ଲାର ଜଣାଶୁଣା ସମାଜସେବୀ ଡ଼ଃ ସୁନାକର ବେହେରାଙ୍କୁ ଆସନ୍ତା ତା ୨୩/୧୧/୨୦୨୪ ରିଖରେ ପଶ୍ଚିମବଙ୍ଗର ଉତ୍ତର ବଙ୍ଗ ପ୍ରାନ୍ତର ସିଲୁଗୁଡ଼ି ଠାରେ ବିଶ୍ୱହିନ୍ଦୁ ପରିଷଦ ଦ୍ୱାରା ଆୟୋଜିତ ସନାତନ ସଂସ୍କୃତି ଓ ହିନ୍ଦୁତ୍ୱ ବିଚାର ଧାରାକୁ ନେଇ କେନ୍ଦ୍ରୀୟ ମାର୍ଗଦର୍ଶକ ମଣ୍ଡଳ ବୈଠକରେ ସନ୍ଥ ମାନଙ୍କ ସେବା ପାଇଁ ଯୋଗଦେବା ନିମନ୍ତେ ନିମନ୍ତ୍ରଣ କରାଯାଇଅଛି।ଡ଼ଃ ବେହେରା ବିଶ୍ୱହିନ୍ଦୁ ପରିଷଦର ଓଡିଶା ପୂର୍ବପ୍ରାନ୍ତର ପ୍ରାନ୍ତୀୟ ସଦସ୍ୟ ଧର୍ମାଚାର୍ଯ୍ୟ ସମ୍ପର୍କ ପ୍ରମୁଖ ଦାୟିତ୍ୱରେ ରହିଥିବା ବେଳେ ଶ୍ରୀ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ନିଜକୁ ନିୟୋଜିତ କରିବା ସହିତ ସନାତନ ହିନ୍ଦୁ ସଂସ୍କୃତିର ସେବକ ରୂପେ ନିଜକୁ ଉତ୍ସର୍ଗୀକୃତ କରିଛନ୍ତି।ଉକ୍ତ ବୈଠକରେ ଧର୍ମ ସଂସ୍କୃତିର ସୁରକ୍ଷା ପରିବାର ସଂସ୍କାର ହିନ୍ଦୁ ଓ ହିନ୍ଦୁତ୍ୱ ଉପରେ ବିଚାର ବିମର୍ଶ, ଧର୍ମ ପ୍ରସାର ଜାଗରଣ ଘରବାହୁଡ଼ା,ସର୍ବ ଜାତି ମତ ପନ୍ଥରେ ହିନ୍ଦୁ ଧର୍ମ ଏକ ଯାହାକି ସାମାଜିକ ସମରସତାର ପ୍ରତିକ ସମ୍ପର୍କିତ ବିଷୟ ରହିଛି ।ଏହି କାର୍ଯ୍ୟକ୍ରମରେ ଡ଼ଃ ବେହେରା ଙ୍କ ସହିତ ଓଡିଶା ପ୍ରଦେଶ ଧର୍ମାଚାର୍ଯ୍ୟ ସମ୍ପର୍କ ପ୍ରମୁଖ ଅଜୟ କୁମାର ଦାସ,ଓଡିଶା ପୂର୍ବପ୍ରାନ୍ତ ଧର୍ମାଚାର୍ଯ୍ୟ ସମ୍ପର୍କ ପ୍ରମୁଖ ଦେବାର୍ପିତ ମହାନ୍ତି ଓ କେନ୍ଦ୍ରୀୟ ମାର୍ଗ ଦର୍ଶକ ମଣ୍ଡଳୀର ସଦସ୍ୟ ବୃନ୍ଦ ଯୋଗ ଦେଉଛନ୍ତି। ବିଶ୍ୱହିନ୍ଦୁ ପରିଷଦ ଜଗତସିଂହପୁର ଜିଲ୍ଲା ସଭାପତି ପଣ୍ଡିତ ପ୍ରଫୁଲ୍ଲ କୁମାର ସାହୁ, କାର୍ଯ୍ୟାଧକ୍ଷ ସୁରେଶ ଚୌଧୁରୀ, ଉପସଭାପତି ମାନସ ରଞ୍ଜନ ସ୍ୱାଇଁ, ଜିଲ୍ଲା ସମ୍ପାଦକ ନଳିନୀ ବାବା, ବିଶେଷ ସମ୍ପର୍କ ପ୍ରମୁଖ ବିଶ୍ୱଜିତ ମିଶ୍ର ଓ ରାଜ୍ୟର ବିଭିନ୍ନ ସାମାଜିକ ଓ ଧର୍ମୀୟ ଅନୁଷ୍ଠାନ ମାନେ ଶ୍ରୀଯୁକ୍ତ ବେହେରାଙ୍କୁ ଶୁଭେଚ୍ଛା ପ୍ରଦାନ କରିଛନ୍ତି।

# ଫକୀରମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଶ୍ୱ ଐତିହ୍ୟ ସପ୍ତାହ ପାଳିତ



ନୀଳଗିରି, ୨୧/୧୧ (ନି.ପ୍ର): ଫକୀର ମୋହନ ବିଶ୍ୱବିଦ୍ୟାଳୟର ଇତିହାସ ଓ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ବିଶ୍ୱ ଐତିହ୍ୟସପ୍ତାହ ପାଳିତ ହୋଇଯାଇଛି ।ଏଥିପାଇଁ ଉକ୍ତ ବିଭାଗ ପକ୍ଷରୁ ବିଶ୍ୱବିଦ୍ୟାଳୟ ଓ ଏହାର ଆଖ ପାଖ ଅଞ୍ଚଳ ଗୁଡିକୁ ଯାଇ ପଥପ୍ରାନ୍ତ ନାଟକ ,ନୃତ୍ୟ,ସଙ୍ଗୀତ ଓ ସଚେତନତା ବାର୍ତ୍ତା ମାଧ୍ୟମରେ ଆମ କଳା ,ସଂସ୍କୃତି ଓ ଐତିହ୍ୟ ବାବଦରେ ଅବଗତ କରିବା ସହ ସେଗୁଡିକ ନଷ୍ଟ ନକରିବା ପାଇଁ ଅବଗତ କରାଯାଉଛି।ପ୍ରତ୍ୟକ ପଥର କଣିକାରେ ଏକ ଗାଥା ଲୁଚି ରହିଛି ବୋଲି ଲକ୍ଷ୍ୟ ନିଆଯାଇ ଉକ୍ତ କାର୍ଯ୍ୟକ୍ରମ ପାଳନ କରାଯାଉଥିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ରହିଛି। ଏ ନେଇ ଆଜି ନୀଳଗିରି ଜଗନ୍ନାଥ ମନ୍ଦିର ସମ୍ମୁଖରେ ଉକ୍ତ ଛାତ୍ରଛାତ୍ରୀଙ୍କ ଦ୍ୱାରା ମୋଗଲ ତାମସା,ଆଦିବାସୀ ନୃତ୍ୟ, କାନ୍ଦଣା,ଓଡିଆ ଜାତିର ବିଭିନ୍ନ ବେଶଭୂଷା ସମ୍ପର୍କରେ ଏକ ପଥପ୍ରାନ୍ତ ନାଟକ କରାଯାଇ ଲୋକମାନଙ୍କୁ ସଚେତନ କରାଯାଇଥିଲା। ଉପସ୍ଥିତ ଲୋକମାନେ ଏହାକୁ ବେଶ ପସନ୍ଦ କରିଥିବା ବେଳେ ଲୋକମାନଙ୍କୁ ଆମ ଐତିହ୍ୟ , ପରମ୍ପରା ଓ ବେଶଭୂଷା ବଞ୍ଚେଇବା ପାଇଁ ଶପଥପାଠ କରିବା ସହ ଏହାକୁ ବିକୃତ କିମ୍ବା ନଷ୍ଟ ନକରିବା ପାଇଁ ପ୍ରତିଶୃତି ନେଇଥିଲେ। ଏହି କାର୍ଯ୍ୟକ୍ରମ ଯଥା ମର୍ଦ୍ଦରାଜପୁର, ନୂଆପାଢୀ ଓ ନୀଳଗିରି ସହରରେ ସରିଥିବା ବେଳେ ଆଗାମୀ ୨୫ ତାରିଖ ପର୍ଯ୍ୟନ୍ତ ନୀଳଗିରିର ବିଭିନ୍ନ ଅଞ୍ଚଳରେ ପାଳନ କରାଯାଇ ଲୋକଙ୍କୁ ସଚେତନ କରାଯିବ ବୋଲି ବିଭାଗର ସହକାରୀ ପ୍ରଧାପିକା ଡ.ଶିଖାଶ୍ରୀ ରାୟ କହିଛନ୍ତି।ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ଲୋକମାନେ ବେଶ ପ୍ରସଂଶା କରିଥିବା ବେଳେ ବିଭାଗୀୟ ଅଧାପିକା ଜିନା ପ୍ରିୟା ଜେଠୀ,ସହକାରୀ ପ୍ରକଳ୍ପ ଅଧିକାରୀ ପର୍ଶୁରାମ ମହାନ୍ତି ଓ ବିଭାଗର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ରହି ପରିଚାଳନା କରିଥିଲେ।

# ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଏକ ମୃତ ଦୁଇ ଗୁରୁତର

କେନ୍ଦ୍ରାପଡ଼ା, ୨୧/୧୧ (ନି.ପ୍ର): ଚଣ୍ଡିଖୋଲ-ପାରାଦ୍ୱୀପ ଜାତୀୟ ରାଜପଥ ଗୋପଛକଠାରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଘଟିଯାଇଛି। ଘଟଣାରୁ ପ୍ରକାଶ ଯେ ଦୁତିଆଲ ଗ୍ରମର (ବଟପଡା) ଜଣେ ଚା ଦୋକାନୀ ମୃତ୍ୟୁବରଣ କରିଥିବାବେଳେ ଦୁଇଜଣ ଗୁରୁତର ଭାବରେ ଆହତ ହୋଇ କଟକ ସ୍ଥାନାନ୍ତରିତ ହୋଇଛନ୍ତି। ଘଟଣାରୁ ପ୍ରକାଶ ଯେ ବୁଧବାର ଅପରାହ୍ନରେ ତାଙ୍କ ସାନ ପୁଅ ଓ ଝିଆରୀ ଗୁରୁତର ଭାବେ ଦୁର୍ଘଟଣା ଘଟି ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତରିତ କରାଯାଇଛି। ସନ୍ତୋଷ କୁମାର ସେନାପତିଙ୍କ ଶାଳିର ଝିଅ ନିଜ ଗ୍ରାମରୁ ଆସି ଗୋପଛକରେ ଠିଆ ହୋଇଥିବାବେଳେ ତାଙ୍କୁ ନିଜ ଘରକୁ ନେବାପାଇଁ ନିଜର ସାନପୁଅକୁ ସାଙ୍ଗରେ ନେଇ ଗୋପଛକଠାରେ ପହଁଚିଥିଲେ। ଝିଆରୀଙ୍କୁ ଗାଡିରେ ବସାଇ ନେଉଥିବାବେଳେ ପାରାଦୀପଆଡୁ-ଚଣ୍ଡିଖୋଲ ଆଡକୁ ଯାଉଥିବା ଏକ ଦ୍ରୁତଗ୍ରାମୀ ଟ୍ରକ ତାଙ୍କ ଉପରେ ଚଢିଯାଇଥିଲା। ଯାହାଦ୍ୱାରା ଘଟଣାସ୍ଥଳରେ ସନ୍ତୋଷ କୁମାର ସେନାପତି (୪୮) (ଅଖନ) ମୃତ୍ୟୁବରଣ କରିଥିବାବେଳେ ଶାଳିର ଝିଅ ଓ ନିଜ ପୁଅକୁ ନେଇ ମଟର ସାଇକେଲ୍‌ରେ ନିଜ ଗ୍ରାମ ଦୁତିଆଳକୁ ଯାଉଥିବାବେଳେ ପାରାଦ୍ୱୀପ ଆଡୁ ଆସୁଥିବା ଏକ ଦ୍ରୁତଗ୍ରାମୀ ଟ୍ରକ୍ ତାଙ୍କ ଉପରେ ମାଡିଯାଇ ପ୍ରାୟ ୧୦୦ ଫୁଟ ଘୋଷାଡି ନେଇଥିଲା।

# ପ୍ରୀତିସ୍ମିତାଙ୍କ ପ୍ରକଳ୍ପ ଜିଲ୍ଲାସ୍ତରୀୟକୁ ମନୋନୀତ



ବଡ଼ସାହି , ୨୧/୧୧ (ନି.ପ୍ର): ବଡ଼ସାହି ବ୍ଲକସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ,୨୦୨୪-୨୫ ବଡ଼ସାହି ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଅଛି । ଏହି ପ୍ରଦର୍ଶନୀରେ ଶତାଧିକ କୁନି ବୈଜ୍ଞାନିକ ଅଂଶ ଗ୍ରହଣ କରିଥିଲେ । ଏମାନଙ୍କ ମଧ୍ୟରୁ ଜଗବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ, ବାଲିଯୋଡ଼ା ର ବିଜ୍ଞାନ ଶିକ୍ଷୟତ୍ରୀ ରୋଜାଲିକା ଗିରି ଓ ଗଣିତ ଶିକ୍ଷକ ଦୀପକ ରାମଙ୍କ ମାର୍ଗଦର୍ଶନରେ ନିର୍ମିତ ନବମ ଶ୍ରେଣୀର ଛାତ୍ରୀ ପ୍ରୀତିସ୍ମିତା ଦାସ ଙ୍କ ପ୍ରକଳ୍ପ 'ଫଳ ତୋଳିବା ଉପକରଣ ' ଉପବିଷୟବସ୍ତୁ 'ରିସର୍ସ ମେନେଜମେଣ୍ଟ'ରେ ସମଗ୍ର ବଡ଼ସାହି ବ୍ଲକ ରେ ପ୍ରଥମ ହୋଇ ଆସନ୍ତା ଡିସେମ୍ବର ମାସ ରେ ହେବାକୁ ଥିବା ଜିଲ୍ଲା ସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ,୨୦୨୪-୨୫ ରେ ଅଂଶଗ୍ରହଣ କରିବା ପାଇଁ ସୌଭାଗ୍ୟ ଲାଭ କରିଛନ୍ତି । ଏଥିପାଇଁ ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ପାର୍ବତୀ ମୁର୍ମୁ, ଶିକ୍ଷକ ଦୀପକ ରାମ, ପିଇଟି ପାର୍ଥସାରଥୀ ଜେନା, ଶିକ୍ଷୟତ୍ରୀ ରୋଜାଲିକା ଗିରି, ରେଖା ରାଣୀ ମହାକୁଡ଼, ଅଲିଭାଜ୍ୟୋତି ମହାପାତ୍ର, ତପସ୍ୱିନୀ ସାହୁ, ଇନ୍ଦୁଲତା ପତି,ଅଫିସ ସହାୟକ ପଦ୍ମାବତୀ ମହାନ୍ତ,ଛାତ୍ରୀ ନିବାସର ମେଟ୍ରୋନ ସୁକାନ୍ତୀ ମହାନ୍ତ, ବିଦ୍ୟାଳୟ ପରିଚାଳନା କମିଟି ର ସମସ୍ତ ସଦସ୍ୟ, ଆଲୁମିନି କମିଟି ର ସମସ୍ତ ସଦସ୍ୟ , ସିଆରସିସି ଇନ୍ଦ୍ରଜିତ ଗିରି ପ୍ରମୁଖ ଛାତ୍ରୀ ପ୍ରୀତିସ୍ମିତା ଦାସଙ୍କୁ ଶୁଭେଚ୍ଛା ଜଣେଇଛନ୍ତି ।

# ନିର୍ମାଣ ଶ୍ରମିକ ସହାୟତା ଯୋଜନା ଅନ୍ତର୍ଗତ ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ



ବାଲେଶ୍ୱର, ୨୧/୧୧ (ନି.ପ୍ର): ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ନିର୍ମାଣ ଶ୍ରମିକ ସହାୟତା ଯୋଜନା ଅନ୍ତର୍ଗତ ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶ ମୋଟ ୩୭୫ ଜଣ ହିତାଧିକାରୀଙ୍କୁ ଡ଼ିବିଟି ମାଧ୍ୟମରେ ୭୯,୮୫,୨୦୦ ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି ଓ ଏହି ଅବସରରେ ପଚାଶରୁ ଊର୍ଦ୍ଧ୍ୱ ଶ୍ରମିକମାନେ ଉପସ୍ଥିତ ରହି ଜିଲ୍ଲାପାଳଙ୍କ ଠାରୁ ଚେକ ମାଧ୍ୟମରେ ନିଜର ସହାୟତା ରାଶି ଗ୍ରହଣ କରିଥିଲେ ଓ ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀ ଶିବ ନାରାୟଣ ସାହୁ (ପ୍ରବର୍ତ୍ତନ), ଜିଲ୍ଲା ଶ୍ରମ ଅଧିକାରୀ (ମଙ୍ଗଳ) ଶ୍ରୀ ଦୀପ୍ତି ରଞ୍ଜନ ସାହୁ, ଜିଲ୍ଲାର ସମସ୍ତ ସହକାରୀ ଶ୍ରମ ଅଧିକାରୀ ଓ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ରହି ନିର୍ମାଣ ଶ୍ରମିକ ସହାୟତା ଯୋଜନା ଅନ୍ତର୍ଗତ ଶ୍ରମିକମାନଙ୍କୁ ସହାୟତା ପ୍ରଦାନ କରିଥିଲେ। ଏହି ଯୋଜନାରେ ଶିକ୍ଷା ସହାୟତା ଅନ୍ତର୍ଗତ ୨୯୨ ଜଣ (ମୋଟ ୩,୬୫,୨୦୦ ଟଙ୍କା), ବିବାହ ସହାୟତା ଅନ୍ତର୍ଗତ ୨୫ ଜଣ (ମୋଟ ୧୨,୫୦,୦୦୦ ଟଙ୍କା), ମୃତ୍ୟୁକାଳୀନ ସହାୟତା ଅନ୍ତର୍ଗତ ୧୭ ଜଣ ମୋଟ (୩୪,୦୦,୦୦୦ ଟଙ୍କା), ଅନ୍ତ୍ୟେଷ୍ଟି ସହାୟତା ଅନ୍ତର୍ଗତ ୧୨ ଜଣ (ମୋଟ ୬୦,୦୦୦ ଟଙ୍କା) ଓ ପ୍ରଶୁତି କାଳୀନ ଅନ୍ତର୍ଗତ ୧୧ ଜଣ (ମୋଟ ୧,୧୦,୦୦୦ ଟଙ୍କା) ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଥିଲା ଓ ଏଠାରେ ସୂଚନା ଥାଉ କି, ଜିଲ୍ଲା ଶ୍ରମାଧିକରୀ (ମଙ୍ଗଳ) ଶ୍ରୀ ଦୀପ୍ତି ରଞ୍ଜନ ସାହୁ ସଭା ପରିଚାଳନା କରିଥିବା ବେଳେ ଜିଲ୍ଲା ଶ୍ରମ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ ସଭା କାର୍ଯ୍ୟରେ ସହାୟତା କରିଥିଲେ।

# ଶ୍ରୀ ରାମଲାଲ ମେମୋରିଆଲ ହସ୍ପିଟାଲ ଉଦ୍‌ଘାଟିତ




ବାଲିଅନ୍ତା, ୨୧/୧୧ (ନି.ପ୍ର): ବାଲିଅନ୍ତା ବ୍ଲକ ଜିତିକାରସୁଆଁଲୋ ଠାରେ ଆଜି ରାମଲାଲ ମେମୋରିଆଲ ହସ୍ପିଟାଲ ଉଦଘାଟିତ ହୋଇଯାଇଛି। ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ ,ରାଜ୍ୟ ବିଜେପି ସାଧାରଣ ସଂପାଦକ ସାରଦା ପ୍ରସନ୍ନ ଶତପଥୀ ,ବ୍ଲକ ଅଧକ୍ଷା ବାସନ୍ତୀ ଖଟୁଆ, ପୂର୍ବତନ ବିଧାୟକ ଡ. ଅରବିନ୍ଦ ଢାଲି , ସ୍ଥାନୀୟ ସରପଞ୍ଚ ହୃଷିକେଶ ବେହେରା, ବାଲିଅନ୍ତା ବ୍ଲକ ବିଜେଡ଼ି ସଭାପତି ପ୍ରଦୀପ୍ତ କୁମାର ଜେନାମଣି , ସମିତି ସଭ୍ୟ ଗଗନ ବିହାରୀ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି ଅବସରରେ ମଞ୍ଚାସୀନ ଅତିଥିବୃନ୍ଦ ଶ୍ରୀ ରାମଲାଲ ମେମୋରିଆଲ ହସ୍ପିଟାଲ ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ପ୍ରଦାନ କ୍ଷେତ୍ରରେ ବିଶେଷ ସହାୟକ ହେବ ବୋଲି କହିବା ସହ ସାଂପ୍ରତିକ ପରିସ୍ଥିତିରେ ସ୍ୱାସ୍ଥ୍ୟ ସେବାର ବିଭିନ୍ନ ଦିଗ ଉପରେ ବକ୍ତବ୍ୟ ଦେଇଥିଲେ। ଶ୍ରୀ ଅଗ୍ରୱାଲଙ୍କ ସୂଚନା ଅନୁସାରେ ରାମଲାଲ ହସ୍ପିଟାଲରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ମଳିପାରିବ। ଜରୁରୀକାଳୀନ ରୋଗୀଙ୍କ ଚିକିତ୍ସା ଲାଗି ୧୦ଟି ବେଡ଼, ମହିଳା ଓ ପ୍ରସୂତି ବିଭାଗ, ଶିଶୁ ରୋଗ, ଦନ୍ତ, ମେଡ଼ିସିନ ଆଦି ବିଭିନ୍ନ ବିଭାଗରେ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ । ହସ୍ପିଟାଲରେ ଅସ୍ତୋପଚାର ନେଇ ଓଟି , ରୋଗ ପରୀକ୍ଷାନିରୀକ୍ଷା ନେଇ ଅଲଟ୍ରାସାଉଣ୍ଡ,ଏକ୍ସରେ ମେସିନ ଏବଂ ଲାବ ଆଦି ସମସ୍ତ ପ୍ରକାର ଆଧୁନିକ ଚିକିତ୍ସା ବ୍ୟବସ୍ଥା ରହିଛି । ହସ୍ପିଟାଲର ପ୍ରତିଷ୍ଠାତା ଶ୍ରୀ ରାଜ କୁମାର ଅଗ୍ରୱାଲ ଧନ୍ୟବାଦ ଦେଇଥିଲେ।

# ରେମୁଣା ସ୍ୱାଭିମାନ ମଞ୍ଚ ପକ୍ଷରୁ ଆନ୍ତର୍ଜାତିକ ପୁରୁଷ ଦିବସ ପାଳିତ

ରେମୁଣା, ୨୧/୧୧ (ନି.ପ୍ର): ରେମୁଣା ସ୍ୱାଭିମାନ ମଞ୍ଚ ଆନୁକୂଲ୍ୟରେ ଆନ୍ତର୍ଜାତିକ ପୁରୁଷ ଦିବସ ସ୍ଥାନୀୟ ହନୁମାନ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ନାଟ୍ୟକାର ସୁଜୟ କୁମାର ମହାକୁଡ଼ଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ସଂପାଦକ ଗୋବିନ୍ଦ ଚନ୍ଦ୍ର ଭୋଳ ଅତିଥିଙ୍କ ପରିଚୟ ଦେବା ସହ ଆନ୍ତର୍ଜାତିକ ପୁରୁଷ ଦିବସ ପାଳନର ଉଦ୍ଦେଶ୍ୟ ସଂପର୍କରେ ଆଲୋକପାତ କରିଥିଲେ । ଅତିଥିଭାବେ ୨୦୨୪ ମସିହା ଆନ୍ତର୍ଜାତିକ ପୁରୁଷ ଦିବସର ବାର୍ତ୍ତା 'ସକରାତ୍ମକ ଆଦର୍ଶ ପୁରୁଷ' ଉପରେ ଅତିଥିମାନେ ବକ୍ତବ୍ୟ ରଖି ସାଂପ୍ରତିକ ସମାଜରେ ପୁରୁଷ କିପରି ନିର୍ଯ୍ୟାତିତ, ଆଇନ ଦିଗରେ ଅବହେଳିତ ଆଦି ଉପରେ ବର୍ଣ୍ଣନା କରି ସକରାତ୍ମକ ଆଦର୍ଶ ପୁରୁଷର କର୍ତ୍ତବ୍ୟ, ଧୈର୍ଯ୍ୟ, ନିଷ୍ଠା ତଥା ପରିବାର ଓ ସମାଜ ପ୍ରତି ସକରାତ୍ମକ ଦୃଷ୍ଟିକୁ ଗୁରୁତ୍ୱାରୋପ ଜେନା ପୁରୁଷ କମିଶନ ଗଠନ ପାଇଁ ଅତିଥିମାନଙ୍କ ମଧ୍ୟରେ ଡ. ଭାଗବତ ପ୍ରସାଦ ଦାସ, ବିଧାନ ଚନ୍ଦ୍ର ରାୟ, ଯୋଗେଶ ଚନ୍ଦ୍ର ଚେହେରା, ଷ୍ଟାଲିନ ମିଶ୍ର, କମଳାକାନ୍ତ ଦାସ, ଆଇନଜୀବୀ ମାୟାଧର ମାହାର୍ଣ୍ଣା, ଦୁଷ୍ମନ୍ତ କୁମାର ଦାସ, ଗିରିଶ କୁମାର ଷଡ଼ଙ୍ଗୀ, ପ୍ରଭାକର ଦାଶ, ପଦ୍ମଲୋଚନ ପଣ୍ଡା, ସୁକାନ୍ତ ଜେନା, ପ୍ରଦୀପ କୁମାର ବେହେରା ନିଜର ବକ୍ତବ୍ୟ ରଖିଥିଲେ । ଶେଷରେ ମୁଖ୍ୟ ଆୟୋଜକ ସତ୍ୟନାରାୟଣ ପାଢୀ ନିଜସ୍ୱ ବକ୍ତବ୍ୟ ସହ ସମସ୍ତଙ୍କ ଧନ୍ୟବାଦ ଅର୍ପଣ କରିଥିଲେ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo